

# ଗାଲିବ

ଏମ୍. ମୁଜୀବ



OR
819.4
M 896 G

819.4
M 896 G



INDIAN INSTITUTE
OF
ADVANCED STUDY
LIBRARY, SHIMLA

# ଗାଲିବ

ଭାରତୀୟ ସାହିତ୍ୟର ନିର୍ମାତା

# ଗାଲିବ

ଲେଖକ :

ମହମ୍ମଦ୍ ମୁଜୀବ

ଓଡ଼ିଆ

ଅନୁବାଦ :

ଲକ୍ଷ୍ମୀଧର ନାୟକ

ସାହିତ୍ୟ ଏକାଡେମୀ

GALIB : Translated into Oriya by Laxmidhar Nayak of the same title in English by Muhammad Muzib.
Sahitya Akademi, New Delhi, 1988.
SAHITYA AKADEMI
REVISED PRICE Rs. 15-00

OR
819.4
M896G

©
ସାହିତ୍ୟ ଏକାଡେମୀ

୩୫, ଫିରୋଜ ଶା ରୋଡ଼
ନୂଆଦିଲ୍ଲୀ-୧୧୦ ୦୦୧

Library IIAS, Shimla
OR 819.4 M 896 G
00117756

ଶାଖା ଅଫିସ :
ବ୍ଲକ୍ ୫ବି, ରବୀନ୍ଦ୍ର ସରୋବର ଷ୍ଟାଡ଼ିଅମ୍
କଲିକତା-୭୦୦ ୦୨୯

୨୯ ଏଲଡ଼ାମ୍ସ ରୋଡ଼, ଟେନାମ୍‌ପେଟ
ମାଡ୍ରାସ-୭୦୦ ୦୧୮
୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ,
ଦାଦର, ବମ୍ବେ-୪୦୦ ୦୧୪

Indian Institute of Advanced Study
117756
20/12/04
SHIMLA

SAHITYA AKADEMI
REVISED PRICE Rs. 15-00

ମୁଦ୍ରକ :

କେଦାର ପ୍ରିଣ୍ଟିଂ ପ୍ରେସ
ପ୍ଲଟ ନଂ ୧୭୦, ୟୁନିଟ-୯(ଫ୍ଲାଟ)
ଭୁବନେଶ୍ୱର-୭,
ଫୋନ୍-୫୫୩୯୪, ୫୭୩୨୪

# ସୂଚୀପତ୍ର


| କ୍ର : ନଂ | ବିଷୟ | ପୃଷ୍ଠା |
|---|---|---|
| | ମୁଖବନ୍ଧ | |
| ୧ । | ଗାଲିବଙ୍କ ଯୁଗ | ୧ |
| ୨ । | ଗାଲିବଙ୍କ ବ୍ୟକ୍ତିତ୍ୱ | ୧୨ |
| ୩ । | ଗାଲିବଙ୍କ କାବ୍ୟିକ ପରମ୍ପରା | ୩୧ |
| ୪ । | କବି ଗାଲିବ | ୪୦ |
| ୫ । | ଅନୁବାଦ | ୫୨ |

# ଅଗ୍ରଲେଖ

ସମସ୍ତଙ୍କ ମତରେ ଉର୍ଦ୍ଦୁ କବିମାନଙ୍କ ମଧ୍ୟରେ ଗାଲିବ ସବୁଠାରୁ ପ୍ରତିଭାଶାଳୀ କବି । ତେଣୁ ଭାରତ ଏବଂ ବିଦେଶରେ ଥିବା ଅଣଉର୍ଦ୍ଦୁ ଭାଷୀ ଲୋକମାନେ ତାଙ୍କ କୃତି ଓ କୃତିତ୍ୱ ସହିତ ପରିଚିତ ହେବା ଏକାନ୍ତ ପ୍ରୟୋଜନ ।

ଗୋଟିଏ ପ୍ରତିଷ୍ଠିତ କାବ୍ୟ ପରମ୍ପରାକୁ ଅନୁସରଣ କରିଥିଲେ ଗାଲିବ ଏବଂ ନିଜର କଳ୍ପନା ଶକ୍ତି ଓ ଅନୁଭୂତି ଦ୍ୱାରା ସେଇ ପରମ୍ପରାକୁ ଖୁବ୍ ଉଜ୍ଜ୍ୱଳିତ କରିଥିଲେ । ପ୍ରାଥମିକ ଅବସ୍ଥାରେ ତାଙ୍କର ଅଭିବ୍ୟକ୍ତି ଶକ୍ତିଶାଳୀ ଥିଲେ ମଧ୍ୟ ଉର୍ଦ୍ଦୁ ଏବଂ ପର୍ସିଆନର ରୂଢ଼ି ପ୍ରୟୋଗକୁ ସେ ଉପେକ୍ଷା କରିଥିଲେ । ତା'ପରେ ସେ ପର୍ସିଆନରେ ଲେଖିବା ଆରମ୍ଭ କରିଥିଲେ ଏବଂ ଶେଷରେ ଉର୍ଦ୍ଦୁକୁ ଫେରି ଆସିଥିଲେ । ତାଙ୍କର ଶେଷ ଅବସ୍ଥାର ରଚନାଗୁଡ଼ିକ ଯଥେଷ୍ଟ ଲୋକପ୍ରିୟତା ହାସଲ କରିଥିଲା । ତାଙ୍କର ସମସାମୟିକ ବ୍ୟକ୍ତି ଏବଂ ଉତ୍ତରାଧିକାରୀମାନେ ସ୍ୱୀକାର କରୁଥିଲେ —ଗାଲିବ ନିଜର ଅନ୍ତରତମ ଭାବନାଗୁଡ଼ିକୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ପ୍ରକାଶ କରିପାରୁଥିଲେ ।

ପ୍ରଫେସର ମହମ୍ମଦ ମୁଜିବ ଜଣେ ଐତିହାସିକ । ତେଣୁ ଗାଲିବଙ୍କ ଯୁଗ ଏବଂ ସେ ଅନୁକରଣ କରିଥିବା କାବ୍ୟିକ ପରମ୍ପରାର ଏକ ବିସ୍ତୃତ ବିବରଣୀ ଦେବାରେ ସେ ସକ୍ଷମ ହୋଇଛନ୍ତି । ଜଣେ ଅନୁବାଦକ ଭାବେ ତାଙ୍କର ଅଭିଜ୍ଞତା ବି ଅଛି । ୧୯୩୦ରେ ରଷିଆନ ସାହିତ୍ୟର ଏକ ଇତିହାସ ସେ ଲେଖିଥିଲେ ଉର୍ଦ୍ଦୁରେ । ତାଙ୍କ ଦ୍ୱାରା ପ୍ରଣୀତ 'ଦି ଇଣ୍ଡିଆନ ମୁସଲମିନ୍‌ସ' ପୁସ୍ତକରେ ସେ, ଗାଲିବଙ୍କ ସମେତ ବହୁ କବିଙ୍କ ଲେଖାର ଅନୁବାଦ ଦେଇଛନ୍ତି ।

# ମୁଖବନ୍ଧ

ଉର୍ଦ୍ଦୁ କବିଙ୍କ କାବ୍ୟକୃତିକୁ ଇଂରାଜୀରେ ଅନୁବାଦ କରିବାକୁ ଚେଷ୍ଟା କରିବା ପାଇଁ ଅନେକ ସାହସର ପ୍ରୟୋଜନ । ଗାଲିବଙ୍କୁ ଅନୁବାଦ କରିବା ଆହୁରି କଷ୍ଟ ସାଧ୍ୟ । ଏ କାର୍ଯ୍ୟଟିର ଦାୟିତ୍ୱ ନିଆଗଲା, କେବଳ ସାହିତ୍ୟ ଏକାଡେମୀ ପକ୍ଷରୁ ଯେଉଁ ଉତ୍ସାହ ମିଳିଲା ସେଥିପାଇଁ । କାର୍ଯ୍ୟଟି ସମ୍ପାଦନ କରିବାରେ ମଧ୍ୟ ଅନେକ ଆନନ୍ଦ ଥିଲା । କାରଣ ଏହା ଯୋଗୁଁ ଅନେକ ବନ୍ଧୁ ଏକତ୍ର ହୋଇ ପାରିଲେ, ଯେଉଁମାନଙ୍କର ସାହାଯ୍ୟ ମତେ ନେବାକୁ ପଡ଼ିଲା, ଏବଂ ଯେଉଁମାନଙ୍କର ସ୍ୱତଃପ୍ରବୃତ୍ତ ଇଚ୍ଛା, ଗାଲିବଙ୍କ କବିତାର ଭାବାର୍ଥକୁ ମାନସିକ ବିନୋଦନର ଏକ ଅନୁଷ୍ଠାନ ରୂପେ ଗଢ଼ି ତୋଳିବାରେ ସାହାଯ୍ୟ କଲା ।

ମୁଁ ଧନ୍ୟବାଦ ଦେବାକୁ ଚାହେଁ—ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟର ପ୍ରଫେସର ଡ଼କ୍ଟର ସ୍ୱରୂପ ସିଂଙ୍କୁ, 'ମଡ଼ର୍ଣ୍ଣ କଲେଜ୍ ଫର୍ ଓମେନ୍'ର ପ୍ରିନ୍ସିପାଲ ଡ଼କ୍ଟର କେ. ଗୋରେୱାର୍ ଏବଂ 'ଜାମିଆ' କଲେଜର ଅଧ୍ୟାପକ ଶ୍ରୀ ଅନୱାର ସିଦ୍‌କିଙ୍କୁ । ସେମାନେ ଯଥେଷ୍ଟ ସହାନୁଭୂତି ସହିତ ପାଣ୍ଡୁଲିପି ପଢ଼ିଥିଲେ ଏବଂ ଅନେକ ପ୍ରସ୍ତାବ ଦେଇ ଅନୁବାଦର ଗୁଣାତ୍ମକ ମୂଲ୍ୟ ବଢ଼ାଇବାରେ ସାହାଯ୍ୟ କରିଥିଲେ ।

# ଗାଲିବଙ୍କ ଯୁଗ

ମିର୍ଜା ଆସାଦୁଲ୍ଲା ଖାନ୍ ଗାଲିବ ୧୭୯୭ ଡ଼ିସେମ୍ବର ଶେଷ ପାଦରେ ଜନ୍ମ ହୋଇଥିଲେ, ଆଗ୍ରାରେ ।

୧୭୯୭ ମସିହା ସେପ୍ଟେମ୍ବରରେ 'ପେରେନ୍' ନାମଧାରୀ ଜଣେ ଫରାସୀ ସାହସିକ ବ୍ୟକ୍ତି ଦୌଲତରାମ ସିନ୍ଧିଆଙ୍କ ଇମ୍ପେରିଆଲ ଆର୍ମିର ମୁଖ୍ୟ ସେନାପତି ହୋଇଥିଲେ । ପ୍ରଧାନ ସେନାପତି ଭାବେ ସେ ହିନ୍ଦୁସ୍ଥାନର ଶାସନକର୍ତ୍ତା ମଧ୍ୟ ହୋଇ-ଥିଲେ । ଦିଲ୍ଲୀ ଅବରୋଧ କରି ତାକୁ ଦଖଲ କରିଥିଲେ । ସମ୍ରାଟ ସାହା ଆଲମଙ୍କ ତତ୍ତ୍ୱାବଧାରକ ତଥା ମହାନଗରୀର ଶାସକ ଭାବେ ତାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଲ ମାର୍ଚେଣ୍ଟଙ୍କୁ ନିଯୁକ୍ତ ଦେଇଥିଲେ ।

ତା'ପରେ ସେ ଆଗ୍ରା ଦଖଲ କରିଥିଲେ । ଉତ୍ତର ଭାରତରେ ସେ ବର୍ତ୍ତମାନ ସର୍ବଶକ୍ତିମାନ ବ୍ୟକ୍ତି । ତାଙ୍କ ଅକ୍ତିଆରରେ ବର୍ତ୍ତମାନ ବିସ୍ତୃତ ଅଞ୍ଚଳ ଅଧିକୃତ, ଯାହାର ବାର୍ଷିକ ଖଜଣାରୁ ଆୟ ଦଶଲକ୍ଷ ପାଉଣ୍ଡ ଷ୍ଟରଲିଙ୍ଗ ।

ଆଲିଗଡ ବାହାରେ, ସମ୍ରାଟଙ୍କ ରାଜ୍ୟ ଇଲାକାର ଏକ ପ୍ରାସାଦରେ ରହୁଥିଲେ ସେ । ସେଇଠାରୁ, ରାଜ୍ୟମାନଙ୍କୁ ହୁକୁମନାମା ପଠାଇ, ନିର୍ବିଘ୍ନରେ ଯମୁନାଠାରୁ ସଟ୍‌ଲେଜ ପର୍ଯ୍ୟନ୍ତ, ସାମ୍ରାଜ୍ୟର ନାଗରିକ ଏବଂ ସୈନ୍ୟସାମନ୍ତଙ୍କ ପ୍ରଶାସନିକ କାର୍ଯ୍ୟ ପରିଚାଳନା କରୁଥିଲେ ।

୧୮୦୩ ସେପ୍ଟେମ୍ବର ୧୫ରେ, ସିନ୍ଧିଆଙ୍କ କାର୍ଯ୍ୟରେ ମୁକ୍ତିଆର ଥିବା ଅନ୍ୟ ଏକ ଫରାସୀ ସାହସୀ ଯୋଦ୍ଧା ବୋରଗୁଁଇଁଙ୍କୁ ପରାଜିତ କରି, ସେନାପତି ଲେକ୍ ଦିଲ୍ଲୀ ପ୍ରଦେଶରେ ପ୍ରବେଶ କଲେ ଏବଂ ନଗର ଦଖଲ କରି ରହିଲେ ଏବଂ ବ୍ରିଟିଶ ସେନାଙ୍କ ହାତରେ ଛାଡ଼ି ଦେବା ପୂର୍ବରୁ ଧାରାବାହିକ ଭାବେ ନଗରୀକୁ ଲୁଣ୍ଠନ କରୁ-ଥିଲେ । ସେନାପତି ଲେକ୍, ସମ୍ରାଟଙ୍କୁ ସାକ୍ଷାତ କରିଥିଲେ ଏବଂ ବହୁ ଉଚ୍ଚମାନର ଉପାଧି ଦ୍ୱାରା ସମ୍ମାନିତ ହୋଇଥିଲେ । ସାହା ଆଲମ୍ ଏବଂ ତାଙ୍କର ଉତ୍ତରାଧିକାରୀ-ମାନେ ଇଷ୍ଟଇଣ୍ଡିଆ କମ୍ପାନୀର କ୍ଷମତାଚ୍ୟୁତ ବନ୍ଦୀଭାବେ ରହିଥିଲେ ।

# ॥ ୨ ॥

ଅଠରଶହ ଶତାବ୍ଦୀର ଶେଷ ଆଡ଼କୁ ଭାରତବର୍ଷ ଇଂରେଜ ଯୋଦ୍ଧାମାନଙ୍କ ପାଇଁ ଦୁଃସାହସିକ କାର୍ଯ୍ୟ ଲାଗି ଏକ ପ୍ରଶସ୍ତ କ୍ଷେତ୍ର ହୋଇଥିଲା । ଏସିଆର କେନ୍ଦ୍ରସ୍ଥଳୀରୁ ଓ ପଶ୍ଚିମପ୍ରାନ୍ତରୁ, ଲୋକେ ଉପାର୍ଜ୍ଜନର ସୁବିଧା ସୁଯୋଗ ପାଇଁ, ବିଶେଷ ଉଲ୍ଲେଖନୀୟ ସଂଖ୍ୟାରେ ନ ହେଲେ ମଧ୍ୟ, ଆସିବା ଆରମ୍ଭ କରିଥିଲେ । ସେମାନଙ୍କ ଭିତରେ ମିର୍ଜା କୁକ୍ବାନ୍ ବେଗ୍ ମହମ୍ମଦ ସାହାଙ୍କ ଶେଷ ସମୟ ଆଡକୁ ସମରକନ୍ଦରୁ ଭାରତକୁ ଆସିଲେ, ଏବଂ ଲାହୋରଠାରେ ମୁଇଁନୁଲ୍ ମୁଲ୍କଙ୍କ ପାଖରେ ଚାକିରି କରି ରହିଲେ । ତାଙ୍କ ସମ୍ପର୍କରେ ବିଶେଷ କିଛି ଜଣାନାହିଁ । ତାଙ୍କ ସନ୍ତାନମାନଙ୍କ ଭିତରେ ମିର୍ଜା ଅବଦୁଲ୍ଲା ବେଗ୍ ଅନ୍ୟତମ । ସେ ଗାଲିବଙ୍କ ବାପା । ଅନ୍ୟଜଣକ ମିର୍ଜା ନସରୁଲ୍ଲ ବେଗ୍ । ଅବଦୁଲ୍ଲା ବେଗ୍, ଜଣେ ସୈନିକ ଭାବେ ତାଙ୍କର ଭବିଷ୍ୟତ୍ ଗଢିବାରେ ଆଦୌ କୃତକାର୍ଯ୍ୟ ହୋଇପାରି ନ ଥିଲେ । ସେ ପ୍ରଥମେ ଲକ୍ଷ୍ନୌଠାରେ ଅସାଫୁଦ୍ଦୌଲ୍ଲାଙ୍କ ସେନା ଫୌଜରେ ନିଯୁକ୍ତି ପାଇଥିଲେ । ତା'ପରେ ହାଇଦ୍ରାବାଦରେ ଏବଂ ଶେଷରେ ଅଲଓ୍ୱାର ରାଜା ବଖତଓ୍ୱାର ସିଂଙ୍କ ପାଖରେ । ଯାହାକୁ 'ଘର ଜ୍ୱାଇଁଆ' ବୋଲି କୁହାଯାଏ, ଏକ ପ୍ରକାର ସେଇଆ ହିଁ ଥିଲେ ସେ । ୧୮୦୨ରେ ସେ ଅଲଓ୍ୱର ସାମନ୍ତ ରାଜାଙ୍କ ପାଖରେ କାମ କରୁଥିବା ବେଳେ, ରାଜଗଡ଼ ଠାରେ ତାଙ୍କୁ ହତ୍ୟା କରାଯାଇଥିଲା । ସେତେବେଳକୁ ଗାଲିବଙ୍କ ବୟସ ପ୍ରାୟ ପାଞ୍ଚବର୍ଷ । ତାଙ୍କର ନିକଟତମ ବନ୍ଧୁବର୍ଗ ତୁର୍କୀସ୍ଥାନର ଔପନିବେଶମାନଙ୍କ ବଂଶୋଦ୍ଭବ । ଲାହୋର ନବାବମାନେ, ତାଙ୍କ ଜେଜେବାପାଙ୍କ ପରି ମଧ୍ୟ ସେଇ ସମୟରେ ଭାରତକୁ ଆସିଥିଲେ । ଦୁଃସାହସିକ ବ୍ୟକ୍ତିମାନଙ୍କ ଉଗ୍ରମନୋଭାବ ଯୋଗୁଁ ଅନିର୍ଦ୍ଦିଷ୍ଟତା, ଅରାଜକତା ଏବଂ ହିଂସାର ପରିବେଶ ସୃଷ୍ଟି ହୁଏ । ସେଇ ପରିବେଶରେ ସାଧାରଣ ଲୋକଙ୍କ ମନ ଭିତରେ ଏକ ସ୍ଥାୟୀ ବିଷାଦର ଛାୟା ଖେଳିଯାଏ । ବିଜୟ ଉଲ୍ଲାସ ପ୍ରତି ଇଚ୍ଛୁକ ହେବା ସମ୍ବେଦନଶୀଳ ମନ, ବିପଦ ଓ ମାନସିକ ବିଷାଦ ଭିତରେ ଅଧିକ ଆତଙ୍କିତ ହୋଇପଡେ । ମୋଗଲ ସାମ୍ରାଜ୍ୟର ପତନ, ଗ୍ରାମାଞ୍ଚଳର ଦଳପତି, ପ୍ରତିପତ୍ତିଶାଳୀ ଲୋକଙ୍କ ଜୋର ଜୁଲୁମ ଏବଂ ଶାସନ କ୍ଷମତା ଅକ୍ତିଆର କରିବା ପାଇଁ ଅସଂଖ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ଦୁଃଖ, କଷ୍ଟ, ଅନ୍ୟାୟ, ଅତ୍ୟାଚାର, ଗାଲିବଙ୍କ କବିତାର କାବ୍ୟିକ ପୃଷ୍ଠଭୂମି ନ ଥିଲା ।

ଭାରତ ବର୍ଷରେ ରାଜନୈତିକ ଜୀବନ କେବେହେଲେ ପ୍ରଶସ୍ତ ନଥିଲା । ନିମକହଲାଲି ସବୁବେଳେ ପ୍ରଶଂସିତ ହେଉଥିଲା । କିନ୍ତୁ ସାମ୍ରାଜ୍ୟ ପ୍ରତି ଆନୁଗତ୍ୟ ସ୍ୱୀକୃତ ହେଉ ନ ଥିଲା କିମ୍ବା ନ୍ୟାୟସଙ୍ଗତ ବୋଲି ସାଧାରଣତଃ ବିବେଚିତ ହେଉ ନ ଥିଲା । ଉଦାର ମନୋଭାବର ଶାସନକର୍ତ୍ତା ଶାନ୍ତିରକ୍ଷା କରିବା ଦିଗରେ ଯାହା କରିବା କଥା ତାହା ଅବଶ୍ୟ କରୁଥିଲେ, କିନ୍ତୁ ଗ୍ରାମାଞ୍ଚଳର ଜନସାଧାରଣ ସାରଦେଶରେ

ଗ୍ରେରି, ଲୁଟପାଟ କରି, ଶାସ୍ତିରୁ ଅବ୍ୟାହତି ପାଇଯିବେ ବୋଲି ଯେତେବେଳେ ମନେ କରୁଥିଲେ, ସେତେବେଳେ ଗ୍ରେରି, ଡକାଏତିକୁ ନିଜର ପେଶା ବୋଲି ଭାବୁଥିଲେ । ସାମ୍ପ୍ରତିକ ସହରୀ ସଂସ୍କୃତି ବ୍ରିଟିଶ ସାମ୍ରାଜ୍ୟ ପୂର୍ବର ବିଶୃଙ୍ଖଳିତ ଅବସ୍ଥା କିମ୍ବା ଇଂରେଜ ଶାସନ ପ୍ରତି ପ୍ରତିକ୍ରିୟା ଜନିତ ମନସ୍ଥିତିର ପ୍ରତିଫଳନ ନୁହେଁ ।

ଏହି ସହରୀ ସଂସ୍କୃତି ଥିଲା ଅତିମାତ୍ରାରେ ସଙ୍କୀର୍ଣ୍ଣ ମନୋଭାବର । ଉଚ୍ଛୃଙ୍ଖଳତା ଭିତରେ ସହରକୁ ଏକ ମରୁଦ୍ୱୀପ ବୋଲି ମନେ କରାଯାଉଥିଲା । ପରିବେଷ୍ଟିତ ବର୍ବରତା ବିରୁଦ୍ଧରେ ସହରର ପ୍ରାଚୀର ଗୁଡ଼ିକୁ ସଂସ୍କୃତିର ଆତ୍ମରକ୍ଷାର ସ୍ଥାନ ବୋଲି ମନେ କରାଯାଉଥିଲା । କେବଳ ସହରରେ ହିଁ ମଣିଷ ଜୀବନ ନେଇ ବଞ୍ଚି ପାରିବ, ଏବଂ ସହର ଯେତେ ବଡ଼, ଜୀବନର ପୂର୍ଣ୍ଣତା ସେତେ ବେଶୀ ବୋଲି ମନେକରାଯାଉଥିଲା । ସହର ବାହାରେ ଗୋଟିଏ ଅନୁଭବୀ ମଣିଷକୁ ପ୍ରେମ ଏବଂ ପାଗଳାମି ଆକ୍ରାନ୍ତ କରିପାରେ, କିନ୍ତୁ ପ୍ରକୃତ ସହିତ ସମ୍ପର୍କିତ ହେବାକୁ ଆଶାନ୍ୱିତ କରିପାରେ ନାହିଁ । କାରଣ ଏହା ନିଶ୍ଚିତ ଭାବେ ଧରି ନିଆଯାଉଥିଲା—ସହରରେ ପ୍ରକୃତି ସ୍ୱୟଂ ସମ୍ପୂର୍ଣ୍ଣ । ଗ୍ରାମ୍ୟାଞ୍ଚଳରେ ଏହାର କୌଣସି ସ୍ୱତନ୍ତ୍ର ପରିଚିତି ନ ଥିଲା ।

ଅସଂଖ୍ୟ ପ୍ରକାର ଫୁଲ ବଗିଚା ରହିପାରେ ସହରରେ ରାସ୍ତାକଡରେ ଦେବଦାରୁ ଗଛ ତଳେ ପ୍ରେମିକା ତା'ର ଅଳସ ଗତିର ସୌନ୍ଦର୍ଯ୍ୟ ବିଚ୍ଛୁରିତ କରିପାରେ, ଫୁଲ ପାଖୁଡ଼ାମାନଙ୍କରେ ଶିଶିରବିନ୍ଦୁ ମୁକ୍ତା ପରି ଝଲ ମଲ କରିପାରେ, ସକାଳ ପବନ ସୁଲୁ ସୁଲୁ ହୋଇ ବହିପାରେ, ଗୋଲାପ ପାଇଁ ବୁଲ୍ ବୁଲ୍ ଗାଇପାରେ, ପିଞ୍ଜରା ଭିତରୁ ପକ୍ଷୀ ଦେଖିପାରେ ଯୋଡ଼ିମାନେ ମୁକ୍ତ ପ୍ରାଣ ନେଇ ଆମୋଦ ପ୍ରମୋଦ କରୁଛନ୍ତି । ଗୋଟିଏ ମଞ୍ଚ ନିଛୋଳ ଭାବରେ ଗଢା ଯାଇପାରେ— ଯେଉଁଠି ବିଶ୍ରାମ ପାଇଁ, ଶାନ୍ତିର ପ୍ରତୀକ ଭାବେ ସଯତ୍ନରେ ରଖାଯାଇଥିବା ନଡ଼ ଗୁଡ଼ିକୁ ବିଦ୍ୟୁତ ଆଘାତ କରିପାରେ । କାବ୍ୟିକ କଳ୍ପନା ପାଇଁ ଅବଶ୍ୟ, ସହର ବାହାରେ ପ୍ରତୀକକୁ ଖୋଜିବାକୁ ପଡ଼ିବ । ଏହା ଭିତରେ ରହିଛି, ସୁଦୂରଗାମୀ ଓଟପଲଙ୍କ ଯାତ୍ରା ବା ଅନିଶ୍ଚିତ ଲକ୍ଷ୍ୟ ସ୍ଥଳ, ଝଡ଼ ଝଞ୍ଜା ବିରୁଦ୍ଧରେ ସାହସିକ ସଂଗ୍ରାମ, ଅନାବାଦୀ ପ୍ରାନ୍ତର, ମରୁଭୂମି ଏବଂ ଅରଣ୍ୟ । କିନ୍ତୁ ସହରରେ ହିଁ ବାସ୍ତବିକ ପର୍ଯ୍ୟାପ୍ତ ପରିମାଣରେ 'ପ୍ରତୀକ' ବାଛିବାରେ ସୁବିଧା ହୁଏ । ଏଇଠାରେ ଅଛି ମଦ ଭାଟି, ସାକୀ, ସୁରା, ଭ୍ରୂକୁଟିକୁଟିଳ ଭଙ୍ଗୀମା ନେଇ ସଂସ୍କାରବାଦୀ, ରାସ୍ତା, ପ୍ରେମିକା, ଘରର ପହରାଦାର, କାନ୍ଥ-ଯାହା ଛାଇରେ ପ୍ରେମିକ ବସି ପାରିବ ବା ତା ମୁଣ୍ଡ ରଖିପାରିବ, କୋଠାର ଛାତ, ଯାହା ଉପରେ ପ୍ରେମିକା ଆସି ଉଭା ହୋଇ ପାରିବ ଅଗ୍ନିକ ଭାବରେ କିମ୍ବା ଇଚ୍ଛାକୃତ ଭାବରେ ନିଜକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ । ସର୍ବ ଶେଷରେ, ହାଟ ବଜାରରେ

ଯେଉଁଠି ପ୍ରେମିକ ଅପମାନିତ ହୋଇପାରେ, କିମ୍ବା ପ୍ରେମିକାର ହୃଦୟହୀନତାର ପ୍ରମାଣ ସ୍ୱରୂପ ଫାଶିଖୁଣ୍ଟ ଛିଡା କରାଯାଇପାରେ: ସମସ୍ତଙ୍କ ସାମନାରେ । ସହରରେ ହିଁ ଜନସମାବେଶ ଅନୁଷ୍ଠିତ ହୁଏ, ମହମବତୀର ଆଲୋକ ଉତ୍ସବ ହୁଏ, ଏବଂ ଲୋକମାନେ ନିଜକୁ ବଳି ଦିଅନ୍ତି—ଯେଉଁଠି ପ୍ରେମିକ ପ୍ରେମିକା ଭିତରେ ସାମ୍ମୁଖ୍ୟ ହୁଏ ।

ସହରୀ ସଭ୍ୟତାର ଅତିଶୟୋକ୍ତି ପାଇଁ କବି ସମ୍ପୂର୍ଣ୍ଣ ଭାବେ ଦାୟୀ ହୋଇ-ପାରେନି । ଦୀର୍ଘ ଶତାବ୍ଦୀ ଧରି ଭାରତବର୍ଷ, ସହର ଓ ଗ୍ରାମୀଣ, ଏଇପରି ପରସ୍ପର ବିରୋଧି ଏକକ ଶୃଙ୍ଖଳ ଭାବେ ବିଭାଜିତ ହୋଇ ଆସିଚି । ଏହାଛଡା ଅନ୍ୟାନ୍ୟ ବିଭାଜନ ବି ଥିଲା । ଶାସନ କର୍ତ୍ତା, ସମ୍ଭ୍ରାନ୍ତ ବ୍ୟକ୍ତି । ସେନାଧକ୍ଷମାନେ ରାଜନୀତିକ କ୍ଷମତା ପାଇଁ ଜୁଆ ଖେଳୁଥିଲେ—ବ୍ୟକ୍ତିଗତ ସୁଯୋଗ କିମ୍ବା ରାଜନୀତିକ ଅଭିଳାଷ ପାଇଁ ଜୁଆ ଖେଳର 'ପଣ'ର ପରିଣାମ ନିର୍ଦ୍ଧାରିତ ହେଉଥିଲା ଏବଂ ଅନ୍ୟମାନେ ନିଜର ସୁରକ୍ଷା ପାଇଁ, ପଣର ପରିଣାମ ସ୍ୱରୂପ ଦୁଃଖ କଷ୍ଟ ନ ପାଇବା ପାଇଁ ସୁବିଧା ଦେଖି ପଣ ରଖୁଥିଲେ । ହିତାହିତ ଜ୍ଞାନ ବା ବିବେକ ବୁଦ୍ଧିର ସମ୍ପର୍କ ନଥିଲା, ଜିତିବା କିମ୍ବା ଜୁଆରେ ହାରିବା ଗୋଟାଏ ଭାଗ୍ୟର କଥା ଥିଲା । ବିବେକ କିମ୍ବା ନୈତିକତା ବ୍ୟତୀତ ଭାଗ୍ୟବାଦୀ ଜୁଆ ଖେଳ ହିଁ ସର୍ବସାଧାରଣଙ୍କ ଭବିଷ୍ୟତ ନିର୍ଣ୍ଣୟ କରୁଥିଲା । ବ୍ୟକ୍ତି ବିଶେଷଙ୍କ ସ୍ୱାର୍ଥାନ୍ୱେଷଣ ଏବଂ ଆତ୍ମକେନ୍ଦ୍ରିକ ଘୂର୍ଣ୍ଣି ଭିତରେ ସାଧାରଣ ଜନତାର ଆଶା ଅଭିଳାଷ ନିଶ୍ଚିହ୍ନ ହେଇଯାଉଥିଲା ଏବଂ ଯୋଉ ଲୋକ ଏ ବିଷୟରେ ସଚେତନ ଥିଲା କିମ୍ବା ଏହା ଦ୍ୱାରା ପ୍ରଭାବିତ ହେଉଥିଲା ସେ ତା' ମନର ଧାରଣାକୁ ଧର୍ମତତ୍ତ୍ୱ ବ୍ୟତୀତ ଅନ୍ୟ କୌଣସି ସଭ୍ୟ ଧାରଣା ମାଧ୍ୟମରେ ଆତ୍ମପ୍ରକାଶ କରିପାରୁ ନ ଥିଲା ଏବଂ ପରିଣାମ ସ୍ୱରୂପ, ଧର୍ମ ବିଦ୍ୱେଷହିଁ ଦେଖା ଯାଉଥିଲା । ଶାହା ଇସମାଇଲ ସହିଦ୍‌ଙ୍କ (୧୭୮୧—୧୮୩୧) ଲେଖାରେ ଯେଉଁଠି ରାଜନୀତିକ ସମସ୍ୟା ସମ୍ପର୍କରେ ଟିପ୍ପଣୀ ରହିଚି, ତାକୁ ଅନୁଧ୍ୟାନ କଲେ ଜଣାଯାଏ, ଭଲ ଲୋକମାନେ ଯେଉଁ ସୁସ୍ଥ ପ୍ରଶାସନ ଏବଂ ନ୍ୟାୟନିଷ୍ଠ ସରକାର ଚାହୁଁଥିଲେ, ସେ ସମ୍ପର୍କରେ ବରଂ ହତାଶ ହେଉଥିଲେ ଏବଂ କୌଣସି ଅର୍ଥପୂର୍ଣ୍ଣ ବା ନିର୍ଦ୍ଦିଷ୍ଟ ମତ ପ୍ରକାଶ ନ କରିପାରି କେବଳ ଗର୍ଜନ ତର୍ଜନ କରୁଥିଲେ । ଧନ ଓ କ୍ଷମତାର ପ୍ରତିନିଧିତ୍ୱ କରୁଥିବା ଲୋକଙ୍କୁ ପ୍ରଶଂସା କରି କବିତା ଲେଖିବା ପାଇଁ ବାଧ୍ୟହେବାକୁ ପଡୁଥିଲା କବିମାନଙ୍କୁ, କିମ୍ବା ସେମାନଙ୍କ ଜୀବନ ଧାରଣ ପାଇଁ ନିର୍ଭର କରିବାକୁ ପଡୁଥିଲା ଭଗବାନଙ୍କ କୃପା ଉପରେ, କିମ୍ବା ସେମାନଙ୍କ ସାଙ୍ଗସାଥିଙ୍କ ବଦାନ୍ୟତା ଉପରେ । ପୃଷ୍ଠ ପୋଷକତା ଉପରେ ନିର୍ଭର-ଶୀଳ ହୋଇ ଭଲ କବିତା ଲେଖିବାରେ କୌଣସି ବାଧା ନ ଥିଲା, କାରଣ ପୃଷ୍ଠ-ପୋଷକର ପୃଷ୍ଠପୋଷକତା ଯୁଗ ଏକ ଶିଷ୍ଟାଚାର ବା ଲୌକିକତାର କଥା ଥିଲା ।

ବିଶ୍ୱସ୍ତତା ଏବଂ ନିଷ୍ଠା ଥିଲା କେବଳ ପ୍ରେମିକାପ୍ରତି ଉଦ୍ଦିଷ୍ଟ । କବି ତା ନିଜର ବ୍ୟକ୍ତିତ୍ୱକୁ ନିଜ ବିଚାର ମୁତାବକ ସୌନ୍ଦର୍ଯ୍ୟ ସମ୍ପନ୍ନକରି ବିଭିନ୍ନ ବ୍ୟଞ୍ଜନାରେ ପ୍ରକାଶ କରିବା ପାଇଁ, ସ୍ୱାଧୀନ ଥିଲା । ତଥାପି ସେ ଯାହା କୋହିଠି ଯାଇଁ ପହଞ୍ଚୁ ଥିଲା, ସେ କେବଳ ସମ୍ଭ୍ରାନ୍ତ ଲୋକଙ୍କ ପାଖରେ ଏବଂ ତା'ର ଦରବାରସ୍ଥ ବର୍ଣ୍ଣିଲି ହେଉଥିଲା ରୁଚିସମ୍ପନ୍ନ ବ୍ୟକ୍ତିଙ୍କ ଦୃଷ୍ଟି ଭଙ୍ଗୀରେ ।

ଆଉ ଗୋଟାଏ ବିଭାଜନ ସ୍ୱାଧୀନ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ । ସାଧାରଣଙ୍କ ମତରେ, ଦେଖାଚାହିଁରୁ କଥା ଭାଷା, କଥା ଭାଷାରୁ ଛୁଆଁ ଛୁଇଁ, ଛୁଆଁ ଛୁଇଁରୁ ମିଳାମିଶା ଏବଂ ମିଳାମିଶାରୁ ପୂର୍ବପୂର୍ବ ଆତ୍ମସଂଯମ ହରାଇ ବସିବାର ସମ୍ଭାବନା ଉଭୟ ପକ୍ଷରେ ଥିବା ଦୃଷ୍ଟିରୁ, ପୁରୁଷ ଓ ସ୍ତ୍ରୀକୁ ପରସ୍ପରଠାରୁ କଡ଼ାକଡ଼ି ଭାବେ ବିଚ୍ଛିନ୍ନ କରି ରଖାଯାଉଥିଲା । ସୁତରାଂ ନାରୀ ସ୍ୱାଧୀନ ବା ମୁକ୍ତ ଏ ସମ୍ପର୍କରେ କିଛି ଲେଖିବା ଅସୁନ୍ଦର ଏବଂ ସେମାନଙ୍କୁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଦୃଷ୍ଟି ବାହାରେ ରଖା-ଯିବା ଉଚିତ ବୋଲି ଯୁକ୍ତି କରାଯାଉଥିଲା । ସଖ୍ୟତା ବା ବିବାହ ପ୍ରେମର ଅବଶ୍ୟମ୍ଭାବି ପରିଣାମ ଭାବେ ସ୍ୱୀକୃତ ହେଉ ନ ଥିଲା । ତେଣୁ ସମସ୍ତ କାବ୍ୟନାୟିକା ନିଭୃତରେ ରହିବାକୁ ବାଧ୍ୟ ହେଉଥିଲେ । କଣ୍ଠୀର କ୍ଷୀଣତା କଥା କୁହାଯାଇପାରେ, ତା' ନ ହେଲେ କବି, ଯିଏ ଅଭଦ୍ର ବୋଲି ସନ୍ଦେହର ପାତ୍ର ହେବା ଭୟରେ ପ୍ରେମିକାର ଚିବୁକ ତଳକୁ ଚାହେଁ ନାହିଁ । ଏଇ ନିୟମର ବ୍ୟତିକ୍ରମ କେବଳ କେତେକ କାମୋ-ଦ୍ଦୀପକ ଲେଖାରେ ଦେଖାଯାଉଥିଲା । କିନ୍ତୁ ପ୍ରଥା ବା ନିୟମକୁ ମାନିବା ଅର୍ଥ ନାରୀମାନଙ୍କ ଉପସ୍ଥିତିକୁ ଅବଜ୍ଞା କରିବା ନୁହେଁ । କେବଳ ଯେଉଁଠି ପର୍ଯ୍ୟାନ-ମାନଙ୍କ ପରମ୍ପରାରେ ପ୍ରେମିକାକୁ ଏକ ଯୁବକ ବୋଲି ଧରିନିଆଯାଏ, ନ ହେଲେ ଏହା ଏକ ପ୍ରକାର ସ୍ପଷ୍ଟ ଯେ, ଉର୍ଦ୍ଦୁ କବିଙ୍କ ପ୍ରେମିକା ହେଉଛି 'ନାରୀ' । କିନ୍ତୁ ପ୍ରେମିକାର ପ୍ରଚଳିତ ପ୍ରଥା ହିଁ ଏହାକୁ ସ୍ପଷ୍ଟ କରି ତୋଳେ, ତା'ର ଶାରୀରିକ ଗଠନର ରୂପ ରେଖ ନୁହେଁ ଏବଂ ତା'ର ପାରିପାର୍ଶ୍ୱିକ ଦୃଶ୍ୟ 'ଗୃହ' ନୁହେଁ । ଏହା ହେଉଛି ରାଜନର୍ତ୍ତକୀର ନୃତ୍ୟ ମଣ୍ଡପ ।

୧୭୩୯ରେ ଲେଖା 'ମୁରାକ୍କା-ଇ-ଦିଲ୍ଲୀ'ରୁ ଆମେ ଦେଖିବାକୁ ପାଉ, ସମ୍ଭ୍ରାନ୍ତ ବାର ବିଳାସିନୀମାନେ କିପରି 'ସହର'ର ସାମାଜିକ ଓ ସାଂସ୍କୃତିକ ଜୀବନରେ ଆଧିପତ୍ୟ ବିସ୍ତାର କରିଥିଲେ । ଲଖନୌରେ କିମ୍ବା ଅନ୍ୟାନ୍ୟ ବଡ ସହରମାନଙ୍କରେ ଏହା ଅଳ୍ପ ବହୁତ ପ୍ରାୟ ସମାନ । ଗୋଟାଏ ଚିତ୍ତାକର୍ଷକ କାହାଣୀ ଅଛି : ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ, ଥରେ ଶାହା ଇସମାଇଲ ସାହିବ ଦେଖିଲେ— ନାନା ପ୍ରକାର ଯାନବାହନରେ, ବହୁ ଦାମିକା ପୋଷାକରେ ସଜ୍ଜିତା, ମହିଳା-ମାନଙ୍କର ଶୋଭାଯାତ୍ରା, ଦିଲ୍ଲୀର ଏକ ରାଜପଥରେ ଯାଉଛି । ଖବର ନେବାରେ ଚ

ଜାଣିଲେ, ସେମାନେ ସମସ୍ତେ ବାରବଳାସିନୀ । ସେମାନଙ୍କ ବ୍ୟବସାୟ କରୁଥିବା ଜଣେ ବଶିଷ୍ଟ ସଭ୍ୟ ଘରକୁ ସେମାନେ ଯାଉଛନ୍ତି, ଗୋଟାଏ କିଛି ଉତ୍ସବରେ ଯୋଗ ଦେବା ପାଇଁ । ସେ ଭାବିଲେ ଏମାନଙ୍କୁ ପରିବର୍ତ୍ତିନ କରାଇବାର ଏହା ଏକ ଚମତ୍କାର ସୁଯୋଗ । ତେଣୁ ସେ ଜଣେ ଫକିରର ଛଦ୍ମବେଶ ଧରି, ଯୋଉ ଘରେ ସେମାନେ ଯାଇ ରୁଣ୍ଡ ହେଇଥିଲେ ତା' ଭିତରକୁ ଯିବାପାଇଁ ଅନୁମତି ନେଇ ପଶିଗଲେ । ଶାହା ଇସମାଇଲ ସାହବଙ୍କର ବେଶ ହୃଦୟଗ୍ରାହୀ ବ୍ୟକ୍ତିତ୍ୱ ଥିଲା । ସାମାଜିକ ସଂସ୍କାର ଆଣିବା କ୍ଷେତ୍ରରେ ସେ ଯଦିଓ ଅନଭିଜ୍ଞ ଥିଲେ ତଥାପି ଗୃହକର୍ତ୍ତ୍ରୀଙ୍କ ପାଖରେ ଚହଲା-ପଡିଗଲେ ଏବଂ ଯେତେବେଳେ ତାଙ୍କୁ ପଚରାଗଲା—କ'ଣ ପାଇଁ ସେ ଏଠିକି ଆସିଲେ : କୋରାନରୁ କିଛି ଗୀତ ସେ ଆବୃତ୍ତି କଲେ ଏବଂ କିଛି ଧର୍ମବାକ୍ୟର ଶିକ୍ଷା ଦେଲେ, ଯାହା ଶୁଣି ଶ୍ରୋତାବର୍ଗଙ୍କ ଆଖି ଅଶ୍ରୁ ଛଳ ଛଳ ହୋଇଗଲା । ସେଇ ମହିଳାଙ୍କ ଆତ୍ମାର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଅଶ୍ରୁପାତ କରିବା ବାରବଳାସିନୀମାନଙ୍କର ଏକ ସଂସ୍କୃତି ଏବଂ ତାର ବ୍ୟବସାୟକୁ ଛାଡ଼ି ଦେବାଟା ଏକ ପ୍ରକାର ଅସାଧାରଣ ବୋଲି ମନେ-କରାଯାଇଥାନ୍ତା, ଏପରିକି ପ୍ରଶଂସାଯୋଗ୍ୟ ମଧ୍ୟ । ବାରବଳାଙ୍ଗନାମାନେ ଏକ ନିର୍ଦ୍ଦିଷ୍ଟ ବିଧିବିଧାନ ଭିତରେ ରହୁଥିଲେ ଏବଂ ଯଦିଓ ସେମାନଙ୍କର 'ବୃତ୍ତି' ଅପମାନଜନକ ବୋଲି ମନେ କରାଯାଉଥିଲା, ତଥାପି କ୍ଷତି ପୂରଣ କଲାଭଳି କେତେ ଗୁଡ଼ିଏ ଭଲ କାରଣ ବି ଥିଲା ।

ମଜ୍‌ଲିସ୍ ବା ସମ୍ମେଳନୀ ଯାହା ଉର୍ଦ୍ଦୁ କବିତାର ଏକ ସାଧାରଣ ଭାବ-ମୂର୍ତ୍ତି ତାହା କୌଣସି ମତେ ଏକ ବନ୍ଧୁ ମିଳନ କିମ୍ବା ଅତିଥିମାନଙ୍କୁ ଖାଦ୍ୟପେୟରେ ଆପ୍ୟାୟିତ କରିବା ପାଇଁ ଗୃହକର୍ତ୍ତ୍ରୀଙ୍କ ଏକ ଭୋଜି ଭାତ, କିମ୍ବା ଆଲୋଚନାମୂଳକ ଗୋଟିଏ ସାଧାରଣ ସାଂସ୍କୃତିକ ସଭା ହୋଇ ନ ପାରେ । ନିଶ୍ଚିତ ଭାବେ ଉଚ୍ଚ-ଶ୍ରେଣୀର ବାରବଳାସିନୀମାନେ ନୃତ୍ୟକଳା ପ୍ରଦର୍ଶନୀ ପାଇଁ ଏପରି ବ୍ୟବସ୍ଥା କରନ୍ତି । ଗାଲିବଙ୍କ ମାନସିକ ସ୍ତରରେ କେବଳ ଏଇ ନୃତ୍ୟକଳାର ପ୍ରଦର୍ଶନୀ ସ୍ଥାନ ଥିଲା ।

ଯେତେବେଳେ ସେ କହନ୍ତି :
ସୌନ୍ଦର୍ଯ୍ୟର ସେ ବୈଠକ ଖାନା
ଅପରିଚିତଙ୍କ ପାଇଁ
ମୁକ୍ତ ରହିବା ଉଚିତ୍, ମୁଁ କହିଥିଲି
ନିର୍ଦ୍ଦୟ ଚତୁରତାରେ ମତେ ସେ ଫେରାଇ ଦେଲା
ଦେଖାଇ ଦେବାକୁ
ଏହା କରାଯାଏ ଏଇପରି ।

କିମ୍ବା !

ହଉ ହେଲପଛେ, ଈଶ୍ୱରଙ୍କୁ ସେ
ଆରାଧନା କରେନାହିଁ
କଅଣ ବା ହେଲ ଯଦି ପୁଣି ସିଏ
ବିଶ୍ୱାସଘାତିନୀ ବି
କାହିଁକି ଯାଉଚ ତା' ପାଖକୁ ଅବା
ବିପଦ ଆଣୁଚ ଡାକି
'ଜାଲ'ର ଗୋଟାଏ ଫାନ୍ଦ ବୋଲି ସେ
ଭାବୁଥାଅ ତୁମେ ଯଦି ।

ଏଇ ଅବସ୍ଥା ଆମେ ଯେତେ ଅନୁଧ୍ୟାନ କରିବା, ଯେଉଁଥିରେ ମାନବୀୟ ପ୍ରେମିକା କଥା କୁହା ଯାଇଚି, ଏବଂ ଲକ୍ଷ୍ୟ କରିବା, ସେ ତା' ପ୍ରେମିକ ସହିତ କିପରି ବ୍ୟବହାର କରେ, ସେଥିରୁ ବୁଝିପାରିବା କାବ୍ୟିକ ଭାବମୂର୍ତ୍ତିର ବ୍ୟକ୍ତିତ୍ୱ କିପରି ସ୍ପଷ୍ଟ ହେଇଯାଏ । ଏହା ଦ୍ୱାରା ଏପରି କୁହାଯାଉନି—ଯେତେ ସବୁ କବି ପ୍ରେମିକାମାନଙ୍କ ମଜଲିସ୍ କଥା ବର୍ଣ୍ଣନା କରିଛନ୍ତି, ସମସ୍ତେ ବାରବିଳାସିନୀଙ୍କ ନୃତ୍ୟକଳା ଆସରକୁ ବାରମ୍ବାର ଯାଇଛନ୍ତି ଯେପରି ବୁଝା ଯାଏନା ଯେ ଯେଉଁମାନେ 'ମଦିରା' କଥା ଲେଖନ୍ତି, ସେମାନେ ସମସ୍ତେ ମଦଭାଟିକୁ ପିଇବାକୁ ଯାଆନ୍ତି । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶ୍ରମିକ ଶ୍ରେଣୀର ନାରୀ, ବା ଚାକରିଆଣୀଙ୍କ ବ୍ୟତୀତ କେବଳ ବାରବିଳାସିନୀ ନାରୀଙ୍କୁ ହିଁ ବାହାରେ ଦେଖାଯାଏ । ଅଛା-ତାମସା ଦ୍ୱାରା ଚିତ୍ତ ଆକର୍ଷଣ କରିବା, କେତେବେଳେ ମଧୁର କିମ୍ବା ତିକ୍ତ, ନିର୍ମମ କିମ୍ବା ଆନନ୍ଦଦାୟିନୀ ହାବଭାବରେ ଲାବଣ୍ୟମୟୀ ଏବଂ ବ୍ୟବହାରରେ ମନେହୁଏ ଅତ୍ୟନ୍ତ ଆକର୍ଷଣୀୟା । ସେମାନଙ୍କ ସହିତ ମିଳନ ପାଇ ହିଁ କେବଳ ପ୍ରେମିକ ଝୁରି ମରେ । କାରଣ ସେହି-ମାନେ ହିଁ କେବଳ ହୃଦୟର ଅଭିଳାଷ ପୂର୍ଣ୍ଣ କରନ୍ତି କିମ୍ବା ହତାଦରରେ ଫେରାଇ ଦିଅନ୍ତି । ସେମାନେ ସଙ୍ଗୀତ ଓ ନୃତ୍ୟ ସହିତ ବାକ୍ୟାଳାପ କରିବାର ଶୈଳୀ ଆୟତ୍ତ କରିଥାଆନ୍ତି ଏବଂ ଅସଂସ୍କୃତ ନିର୍ଜନ ସମାଜରେ ସେମାନଙ୍କଠୁ କେବଳ ସତେଜ, ପ୍ରଖର ଏବଂ ସ୍ୱାଦଯୁକ୍ତ ହାସ୍ୟ ଉଚ୍ଛଳ କଥୋପକଥନ ଉପଭୋଗ କରିବାର ସୁଯୋଗ ମିଳେ । ଅବସ୍ଥାପନ୍ନ ପରିବାରର ଆମୋଦ ପ୍ରମୋଦ ବେଳେ, ଗାୟକ ଏବଂ ନୃତ୍ୟ-ଶିଳ୍ପୀମାନେ ନିଯୁକ୍ତ ପାଇବା ପ୍ରାୟ ଏକ ସାଧାରଣ କଥା, ଏବଂ ଯୋଉମାନେ ବେଶ୍ୟାଳୟକୁ ଯିବାର ସୁଯୋଗ ପାଆନ୍ତି ନାହିଁ ସେମାନେ ଏଇ ଅବସରରେ ନାନା କଥୋପକଥନ ଭିତରେ ନିଜର ଚତୁରତା ଦେଖାଇବାର ସୁବିଧା ସୁଯୋଗ ନିଅନ୍ତି ।

ସମ୍ଭ୍ରାନ୍ତ ନାଗରିକ ଏବଂ ବାରବଲାସିନୀଙ୍କ ମଧ୍ୟରେ ଅନ୍ୟ ଏକ ଯୋଗାଯୋଗର ବ୍ୟବସ୍ଥା କରାଯାଇପାରେ, ଯେତେବେଳେ ଉତ୍ସବ କିମ୍ବା ସାଧୁସନ୍ଥଙ୍କ ମୃତ୍ୟୁ ବାର୍ଷିକୀରେ, ଯେଉଁଠି ବାରବଲାସିନୀମାନେ ଉପସ୍ଥିତ ରହିବା ପାଇଁ ଅନୁମତି ପାଆନ୍ତି । ତେଣୁ ଗୋଟିଏ ପାଦ ଆଗକୁ ଯାଇଁ ଆମେ କହି ପାରିବା, ପ୍ରେମିକାର ଭାବ ମୂର୍ତ୍ତିର ପ୍ରକ୍ଷେପଣ ଉଚ୍ଚଶ୍ରେଣୀର ବାରବଲାସିନୀଙ୍କ ରୂପ-ଲାବଣ୍ୟ, ଯେଉଁ ନାରୀର କୌଣସି ଆସକ୍ତି ଭିତରେ ପାରିବାରିକ ସମ୍ପର୍କ ନାହିଁ, ଯାହାକୁ ଏଇ ସବୁ କାରଣରୁ ଅତି ପବିତ୍ର ସୌନ୍ଦର୍ଯ୍ୟଜ୍ଞାନର ମୂର୍ତ୍ତିମାନ ପ୍ରତୀକ ରୂପେ ଗ୍ରହଣ କରାଯାଇପାରେ ।

ଊନବିଂଶ ଶତାବ୍ଦୀର ଅମାନବିକତା ଏବଂ ବକଧାର୍ମିକତା ତଥା ନିଷ୍ଠାପର ସମାଜ ସଂସ୍କାର ପ୍ରଚେଷ୍ଟା ଉପରୋକ୍ତ ସାମାଜିକ ସ୍ଥିତିକୁ ଆଚ୍ଛାଦିତ କରିଥିଲା । ଅପର ପକ୍ଷରେ ସମ୍ମାନାସ୍ପଦ ଏବଂ ରୁଚିବନ୍ତ ଲୋକମାନେ ତାଙ୍କର ପାରୁପର୍ଯ୍ୟନ୍ତ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଛନ୍ତି ଯେ ମଦଭକ୍ତି ଓ ସୁରା ପରି ପ୍ରେମିକାକୁ କେବଳ ପ୍ରତୀକ ଭାବେ ଗ୍ରହଣ କରିବା ଉଚିତ ଏବଂ କୌଣସି ଅସ୍ୱାଭାବିକ ରୁଚିହୀନ କାମନାର ବସ୍ତୁରୂପେ ନୁହେଁ । ସେମାନଙ୍କର ଏଇ ନିର୍ଦ୍ଦିଷ୍ଟ ମତଟିକୁ ପ୍ରମାଣ କରିବା ପାଇଁ ତର୍କ ସହାୟତାର ପ୍ରୟୋଜନ ନ ଥିଲା । କାରଣ କାବ୍ୟିକ 'ସୁଫି' ପରମ୍ପରା, ସମସ୍ତ ଶାରୀରିକ ପ୍ରସଙ୍ଗକୁ ବିଶେଷ ଭାବରେ ପ୍ରେମିକ ପ୍ରେମିକା ଭିତରେ ସମ୍ପର୍କକୁ, ଏକ ସ୍ୱର୍ଗୀୟସଙ୍କେତ ବୋଲି ପ୍ରତିପାଦିତ କରିଥିଲା, ଯାହା ନିଛକ ସତ୍ୟ । କିନ୍ତୁ ସାମ୍ପ୍ରତିକ ସମୀକ୍ଷକମାନେ କାହିଁକି ସାମାଜିକ ଘଟଣା ଗୁଡ଼ିକୁ ବିଚାରକୁ ନ ନେଇ କବିର ପ୍ରେମକୁ କୃତ୍ରିମତାର ଦୁର୍ନାମରୁ ମୁକ୍ତି ଦେଉ ନ ଥିଲେ ତାହା ବୁଝି ହୁଏ ନାହିଁ ।

ବର୍ତ୍ତମାନ ସାହିତ୍ୟକୁ ପ୍ରଭାବିତ କଲାପରି ଯେଉଁ ସାମାଜିକ ବିଷୟ ଗୁଡିକ ଅଛି ତାକୁ ଅନୁଧ୍ୟାନ କର୍ଯାଉ । ସାମାଜିକ ମର୍ଯ୍ୟାଦା ଦାବୀ କରୁଥିବା ବ୍ୟକ୍ତି ଚାଲି ଚାଲି ତା' ଘରୁ କୋଉଆଡେ ଯାଇ ପାରୁ ନ ଥିଲା । ଯେ କୌଣସି ମତେ କିଛି ନା କିଛି ଯାନ-ବାହାନ ତାକୁ ନେବାକୁ ପଡୁଥିଲା । ବ୍ରିଟିଶମାନଙ୍କ ଦ୍ୱାରା ଘୋଡା ଗାଡିର ପ୍ରଚଳନ କରାଯାଇଥିଲା । ବହୁତ ଦୂରପଥ ଯିବାପାଇଁ ଘୋଡା ପିଠିରେ ବସି ଯିବା ସର୍ବସାଧାରଣ କଥାଥିଲା । କିନ୍ତୁ ସହର ଭିତରେ ନୁହେଁ । ସମ୍ମାନାସ୍ପଦ ନାଗରିକ-ମାନଙ୍କ ପାଇଁ ବହୁ ପ୍ରକାର ଯାନବାହାନ ଭିତରେ ଗୋଟିଏ ହେଲା ପାଲିଙ୍କି, ଯାହାକୁ ଚାକର ସ୍ତରର ଲୋକମାନେ କାନ୍ଧରେ ବୁହାଇ ନେଇ ଯାଆନ୍ତି । ବିଭିନ୍ନ ବିଚାର ସଂପୃକ୍ତ କାରଣ ଗୁଡ଼ିକୁ ବାଦ୍ ଦେଲେ, ଏଇଥିରୁ ଧରିନିଆଯାଉଥିଲା ମଣିଷ ନିଜେ ଚାଲି ଚାଲି ଯାଇପାରୁ ନ ଥିଲା । ସେ ରାସ୍ତାରେ ଛିଡା ହେଇ ପାରୁ ନ ଥିଲା ଏବଂ ଲୋକମାନେ ନିଜ ନିଜ କାର୍ଯ୍ୟରେ ଯିବା ଆସିବା କରୁଛନ୍ତି

ଏହା ବି ଅନୁଧ୍ୟାନ କରିପାରୁ ନ ଥିଲା ନିଜ ସ୍ୱାସ୍ଥ୍ୟ ପାଇଁ ଦରକାରୀ ବ୍ୟାୟାମ କରି ପାରୁ ନ ଥିଲା । ସର୍ବସାଧାରଣଙ୍କ ସହିତ ମିଳାମିଶା କରିପାରୁ ନ ଥିଲା । କିନ୍ତୁ ଏହା କେବଳ ନୁହେଁ ଯେ, ସର୍ବସାଧାରଣଙ୍କ ସହିତ ରାସ୍ତାରେ ମିଳାମିଶା କରିବାକୁ ସମ୍ଭ୍ରାନ୍ତ-ଶୀଳତା ବାଧା ଦେଉଥିଲା । ଜଣେ ଏହାର ବ୍ୟତିକ୍ରମ ବି କରିପାରୁ ନ ଥିଲା । ଯଦିଓ ଧର୍ମ ବ୍ୟବସ୍ଥା ଓ ଆଇନ ଦୃଷ୍ଟିରୁ ଧନୀ ଏବଂ ଗରିବ ଭିତରେ କୌଣସି ପାର୍ଥକ୍ୟ ନ ଥିଲା, ତଥାପି ବାସ୍ତବ କ୍ଷେତ୍ରରେ ଧନୀ ଓ ଗରିବ ସାମାଜିକ ଅନୁଷ୍ଠାନମାନଙ୍କରେ ଏକାଠି ମିଳାମିଶି ପାରୁ ନ ଥିଲେ । ଏବଂ ବିଭିନ୍ନ ଶ୍ରେଣୀର ଲୋକଙ୍କୁ ପୃଥକ କରି ରଖୁଥିବା ପ୍ରଚଳିତ ସାମାଜିକ ପ୍ରଥା ଗୁଡିକ କଡ଼ାକଡ଼ି ଭାବେ ଅନୁସୃତ ହେଉଥିଲା । ଏହା ବୋଧହୁଏ ଜାତିଆଣ ପ୍ରଥାର ପ୍ରଭାବ ଯୋଗୁଁ ହେଉଥିଲା । କାରଣ କେତେକ ମନୋବୃତ୍ତି ଏବଂ ଆଚରଣ ଯଦିଓ ଅନ୍ୟ ମୁସଲମାନ ଦେଶମାନଙ୍କରେ ଦେଖା-ଯାଉ ନ ଥିଲା, ତଥାପି ଏଇ ପ୍ରଥା ଗୁଡ଼ିକର ପ୍ରଚଳନକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏହା କବିକୁ, ଜନସାଧାରଣଙ୍କ ଠାରୁ ଦୂରରେ ରଖୁଥିଲା । ଏବଂ ଲୋକଙ୍କର ରସବୋଧଠାରୁ କବିତାକୁ ଦୂରେଇ ଦେଉଥିଲା । ଏକମାତ୍ର କବି, ଯେ ଏଇ ସମ୍ଭ୍ରାନ୍ତ ଶୀଳତାର ପାଗଳାମି ଘେରକୁ ଭାଙ୍ଗି ଥିଲେ, ସେ ହେଉଛନ୍ତି ନାଜିର ଆକବରାବାଦୀ (୧୭୩୯—୧୮୩୦) ଏବଂ ସମ୍ଭ୍ରାନ୍ତବାଦୀ ରକ୍ଷଣଶୀଳତାର ଜଞ୍ଜିର ହାତରେ ପିନ୍ଧି ଉର୍ଦ୍ଦୁ କବି ଯେଉଁ କାବ୍ୟ-ବୋଧକୁ ସମ୍ମାନ ଦେଇପାରି ନ ଥିଲା, ସେଇ କାବ୍ୟ ବୋଧକୁ ସାଧାରଣ ମଣିଷଙ୍କ ପାଖରେ ସେ ପହଞ୍ଚେଇ ପାରିଥିଲେ ଯାହାର ଆକର୍ଷଣୀୟ ପ୍ରଭାବ ଭାବେ ତାଙ୍କ କବିତାକୁ ଗ୍ରହଣ କରାଯାଇପାରେ । କିନ୍ତୁ ନାଜିର ତାଙ୍କ ଜୀବଦଶାରେ ଉଭୟ କବି ଓ ସମୀକ୍ଷକମାନଙ୍କ ଦ୍ୱାରା ଘୃଣିତ ହୋଇଥିଲେ ଏବଂ ସାମ୍ପ୍ରତିକ କବିମାନଙ୍କ ଉପରେ, ଏଇ କାରଣ ଯୋଗୁଁ ତାଙ୍କ ପ୍ରଭାବ ଅତି ଗୌଣ ମନେହୁଏ । ସେଇଥିପାଇଁ କବି ତାଙ୍କ ଅନୁଭୂତିକୁ ସମ୍ପୂର୍ଣ୍ଣ ଭାବେ ବ୍ୟକ୍ତିଗତ ବୋଲି ବିଚାର କରି ତାଙ୍କ ଚାରିପାଖରେ ଥିବା ବ୍ୟକ୍ତି ବିଶେଷଙ୍କ ସୁଖ ଦୁଃଖଠୁ ନିଜକୁ ଦୂରେଇ ରଖୁଥିଲେ ।

ପରିଭ୍ରମ , ଯାହାକି ବିଭିନ୍ନ ଶ୍ରେଣୀର ଲୋକଙ୍କୁ ନିକଟତର କରେ ବୋଲି ବିଚାର କରାଯାଏ, ତା' ମଧ୍ୟ ଐକ୍ୟ ଭାବନାର ସମଗ୍ରତାକୁ ବିଶେଷଭାବରେ ଉନ୍ନତ କରିପାରିନଥିଲା । ଏହାକୁ ସଙ୍ଗଠିତ କରିବା କଷ୍ଟସାଧ୍ୟ ଥିଲା ଏବଂ ଗ୍ରାମାଞ୍ଚଳଗୁଡ଼ିକୁ ଉପନିବେଶ କରିବା ପରିବର୍ତ୍ତେ ବରଂ ଭୟର କାରଣ ବୋଲି ମନେକରାଯାଉଥିଲା । ଏପରି ଏକ ପରିସ୍ଥିତିରେ ଗାଲିବ ଲେଖିଥିଲେ :

ଆଖି ଯା' ଦେଖୁଚି
ହୃଦୟ ଭିତରେ ନ ପଶେ ପଦ,

ପରିଭ୍ରମଣରେ ଜୀବନ ପ୍ରବାହ,
ବିତାଇ ଦେବା ଟା ମଧୁର ଅତି ।

କିନ୍ତୁ ପ୍ରକୃତିରେ ସେ ଘୂରିବୁଲିବାକୁ ଘୃଣା କରୁଥିଲେ ଏବଂ ଦୂରେଇ ରହିବାକୁ ଚାହୁଁଥିଲେ । କଲିକତା ଯାତ୍ରା କରିବା ଭିତରେ ତାଙ୍କର ଯୋଉ ଆନନ୍ଦ ଥିଲା, ତା' ହେଉଚି, ସହରମାନଙ୍କରେ ଜନତାକୁ ଭେଟିବା । ରାସ୍ତାରେ ସ୍ଥାନେ ସ୍ଥାନେ ବିଶ୍ରାମ କରୁଥିଲେ ସେ । ବନାରସକୁ ଦେଖି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଏବଂ ତା' ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ଏକ ଦୀର୍ଘ କବିତା ଲେଖିଥିଲେ । କଲିକତାକୁ ଦେଖି ମଧ୍ୟ ସେ ଖୁବ୍ ତାରିଫ୍ କରିଥିଲେ ।

ଆଇନ, ରୀତି ଏବଂ ପ୍ରଥା, ବ୍ୟକ୍ତିକୁ ସମାଜ ବା ଗୋଷ୍ଠୀଭିତରେ ଆବଦ୍ଧ କରି ରଖେ ଏବଂ ଏଇ କାରଣ ଯୋଗୁଁ ସମ୍ବେଦନଶୀଳ ବ୍ୟକ୍ତିମାନେ ଏଥିରୁ ମୁକ୍ତି ପାଇବା ପାଇଁ ମନସ୍ତରରେ ବି ସ୍ୱତନ୍ତ୍ର ଜୀବନ ଯାପନ କରିବା ଲାଗି ସଂପୂର୍ଣ୍ଣଭାବେ ଶ୍ରେୟସ୍କର ମନେକରନ୍ତି । କିନ୍ତୁ ଏହା ବ୍ୟତୀତ ଜୀବନଯାପନ କରିବାରେ ଏକ ବ୍ୟକ୍ତିକେନ୍ଦ୍ରିକ ମନୋଭାବ ଏବଂ ଆଶ୍ଚର୍ଯ୍ୟଜନକ ବିଚାର ମଧ୍ୟ ଥିଲା । ରାଜନୈତିକ ପରିବର୍ତ୍ତନ ସମ୍ପର୍କରେ ଏଥିପୂର୍ବରୁ ଯେଉଁ ସୂଚନା ଦିଆଯାଇଚି, ତାହା କବିର ଦୃଷ୍ଟି ଆକର୍ଷଣ କରିବାରେ କୃତକାର୍ଯ୍ୟ ହୋଇନାହିଁ, ଯାହା ପ୍ରମାଣ କରିବାରେ ସକ୍ଷମ ହୋଇ ପାରିଥାନ୍ତା ଯେ କବିତା ଓ ରାଜନୈତିକ ଜୀବନ ଭିତରେ ଏକ ଜୈବିକ ସମ୍ପର୍କ ରହିଚି । ସାମାଜିକ ଗୋଷ୍ଠୀର ସାର୍ବଜନୀନ ମତାମତ ଉପରେ ଉଲ୍ଲେଖନୀୟ ପ୍ରଭାବ ପକେଇଲା ପରେ ଅନେକ ସର୍ବୀୟ ମୁସଲିମ ସଂସ୍କାରକ ଅଛନ୍ତି—ଯେପରି ସାହିଦ ଅହମ୍ମଦ ସାହିବ ଏବଂ ସାହା ଇସମାଇଲ ସାହିବ୍ । କିନ୍ତୁ ଏହା ବି କୁହାଯାଇପାରେ, ସେମାନେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଉପେକ୍ଷିତ ହୋଇଛନ୍ତି । 'ପୁଣ୍ୟାତ୍ମା' ଏବଂ ପ୍ରଚାରକ ଗାଲିବଙ୍କ କବିତାରେ କେବଳ ପରମ୍ପରାର ନମୁନା ସ୍ୱରୂପ, ସମସାମୟିକ ବ୍ୟକ୍ତି ନୁହନ୍ତି, 'ଗଜଲ'ର ଆଦର୍ଶ ରୁଚି, ଜୋରଦାର ଭାବରେ ଆଉରି ଏକ ସ୍ୱାତନ୍ତ୍ର୍ୟର ବିଶେଷତ୍ୱକୁ ପ୍ରତିପାଦିତ କରେ । ଅନୁବାଦ କରିବା ବ୍ୟକ୍ତି ପାଇଁ ଖୁବ୍ ଆୟାସସାଧ୍ୟ । ଦୁଇଧାଡ଼ି ବିଶିଷ୍ଟ ମିତାକ୍ଷର ପଦକୁ ତା'ର ପୂର୍ବାପର ପଂକ୍ତିଠାରୁ ସଂପୂର୍ଣ୍ଣ ସ୍ୱାଧୀନ କରି ପ୍ରତ୍ୟେକ ପଦର ଭାବ ଏବଂ ପ୍ରତୀକକୁ ସ୍ୱତନ୍ତ୍ରଭାବେ ବିଚାର କରିବାର ଯୋଗ୍ୟତା ପ୍ରଦାନ କରେ । ଅନୁକ୍ରମିକ ଭାବ ଶୃଙ୍ଖଳା ଏବଂ ମନସ୍ଥିତି ଦେଖିବାକୁ ମିଳେ କିନ୍ତୁ ଏକ ସୂଚନା ବା ବ୍ୟତିକ୍ରମ ଭାବରେ, କାରଣ ଜଣେ ସମୀକ୍ଷକ ପାଇଁ ଗୋଟିଏ ପଦରେ ଗୋଟିଏ ଭାବନାକୁ ସଂପୂର୍ଣ୍ଣ ବ୍ୟକ୍ତ ନ କରିପାରିବାର ଅକର୍ମଣ୍ୟତା ଯୋଗୁଁ । ବିଶେଷ ଭାବରେ କିଛି ଚିରସ୍ଥାୟୀ

ମୂଲ୍ୟବୋଧ ହାସଲ କରିବା ପାଇଁ ସ୍ୱତନ୍ତ୍ରୀକରଣର ଏଇ ସର୍ବସାଧାରଣ ସ୍ୱୀକୃତ ଯୋଗୁଁ, ଗାଲିବଙ୍କ ସମୟରେ ରାଜନୈତିକ ଘଟଣାପ୍ରତି ଔଦାସୀନତା ଯଥାର୍ଥ ଥିଲା । କବିମାନଙ୍କ ମାନସିକ ଧୀ-ସମ୍ପନ୍ନ ଅହଂବାଦ ଆଦ୍ଧର ଉଦ୍ରେକିତ ହୋଇଥିଲା—ଐକ୍ୟ-ସ୍ଥିତିର ତତ୍ତ୍ୱ ବା ସିଦ୍ଧାନ୍ତ ଦ୍ୱାରା । ଯାହା ମଣିଷକୁ ସିଧାସଳଖ ଈଶ୍ୱରଙ୍କ ସହିତ ସନ୍ତିହୀନ ସମ୍ପର୍କ ରଖିବା ପାଇଁ ସୁଯୋଗ ଦେଉଥିଲା ଏବଂ ତା'ର ବିଶ୍ୱାସ, ସମାଜ ପ୍ରତି ତା'ର ଦୃଷ୍ଟି ଭଙ୍ଗୀ ଏବଂ ଜୀବନ ଦର୍ଶନ, ଯାହାର ପ୍ରତିନିଧିତ୍ୱ ସେ କରୁଥିଲା, ସେଇ ସେଇ ବିଷୟରେ ନିଜର ପ୍ରାଧାନ୍ୟକୁ ଯେପରି ସାବ୍ୟସ୍ତ କରିବାରେ ସକ୍ଷମ ହୁଏ । ଏଇପରି ଭାବେ ବିଚ୍ଛିନ୍ନ ହୋଇ ପଡ଼ିଥିବା ବ୍ୟକ୍ତି ପକ୍ଷରେ ଦୃଢ଼ଭାବେ ଘୋଷଣା କରିବାକୁ ପଡ଼େ, ଦମ୍ଭୋକ୍ତି କରିବାକୁ ପଡ଼େ, ତା' ନିଜର ସ୍ଥିତି ଓ ଆଦର୍ଶକୁ ଗଠନ କରିବା ପାଇଁ, ସବୁ କିଛିର ଯଥାର୍ଥତାକୁ ଅବଜ୍ଞା କରି, ଅସ୍ୱୀକାର କରି, କେବଳ ପ୍ରେମିକା ସହିତ ଭାବର ଆଦାନ ପ୍ରଦାନ ଭିତରେ ଘନିଷ୍ଠ ସମ୍ପର୍କ ରଖିବା ପାଇଁ, ସମାଜ ବିରୁଦ୍ଧରେ ନିଜକୁ ଗୌରବାନ୍ୱିତ କରିବାକୁ ପଡ଼େ ।

—*—

# ଗାଲିବଙ୍କ ବ୍ୟକ୍ତିତ୍ୱ

ଗାଲିବ ତାଙ୍କ ଜୀବନର ଶେଷ ଆଡ଼କୁ ଲେଖିଥିବା କୌଣସି ଏକ ଚିଠିରେ କ'ଣ କହିଛନ୍ତି, ଶୁଣ ! ଏଠି ଦୁଇଟା ପୃଥିବୀ ଅଛି । ଗୋଟିଏ ହେଉଚି ଅନୁଭବ ଶକ୍ତିର ପୃଥିବୀ, ଆଉ ଗୋଟିଏ ମାଟି ଆଉ ପାଣିର ପୃଥିବୀ । ସାଧାରଣ ନିୟମ ହେଉଚି—ଯୋଉମାନେ ଏଇ ମାଟି ଆଉ ପାଣିର ପୃଥିବୀରେ ଦୋଷୀ, ସେମାନଙ୍କୁ ଯୋଉ ଶାସ୍ତି ମିଳେ, ତାକୁ ଭୋଗିବା ପାଇଁ ସେମାନେ ନୈସର୍ଗିକ ପୃଥିବୀକୁ ଯାଆନ୍ତି । କିନ୍ତୁ ଏପରି ବି ହେଇଚି, ଯୋଉମାନେ ଚିନ୍ତା ରାଜ୍ୟରେ ଦୋଷୀ ସାବ୍ୟସ୍ତ ହେଇଛନ୍ତି ସେମାନଙ୍କୁ ପୃଥିବୀକୁ ପଠେଇ ଦିଆଯାଇଚି, ଶାସ୍ତି ପାଇବା ପାଇଁ । ତେଣୁ ଅଷ୍ଟମ ରଜବ (୧୨୧୨)ରେ ମତେ ଏଠାରେ ସମନ ଦିଆଯାଇ ବିଚାରାଳୟକୁ ଡ଼କାଗଲା । ତେରବର୍ଷ ପାଇଁ ମୁଁ ବିଚାରାଳୟର ତତ୍ତ୍ୱାବଧାନରେ ରହିଲି । ତା'ପରେ ସପ୍ତମ ରଜବ ୧୨୨୫ (୧୮୧୦)ରେ ଯାବତଜୀବନ କାରାଦଣ୍ଡ ମୋ ପ୍ରତି ଆଦେଶ ହେଲା । ମୋ ପାଦରେ ଶିକୁଳି ବାନ୍ଧି ଦିଆଗଲା । ଦିଲ୍ଲୀକୁ ମୋ କଏଦୀଖାନା ଭାବେ ନିର୍ଦ୍ଦିଷ୍ଟ କରି ଦିଆଗଲା ଏବଂ ମତେ ଏଠାକୁ ଅଣାଯାଇ ବନ୍ଦୀ କରାଗଲା । ଗଦ୍ୟ ଏବଂ ପଦ୍ୟରେ ସୃଜନାତ୍ମକ ଲେଖାପାଇଁ କଠିନ ପରିଶ୍ରମ ଦଣ୍ଡ ନ୍ୟସ୍ତ କରାଗଲା ମୋ' ଉପରେ । ଅନେକ ବର୍ଷ ପରେ ମୁଁ ଜେଲ୍‌ରୁ ପଳେଇଗଲି ଏବଂ ପୂର୍ବାଞ୍ଚଳ ସହର-ମାନଙ୍କରେ ତିନିବର୍ଷ ଘୂରି ବୁଲିଲି । ପରିଶେଷରେ ମୁଁ କଲିକତା ଠାରେ ଗିରଫ୍‌ ହେଲି ଏବଂ ଜେଲ୍‌ରେ ପୁଣି ବନ୍ଦୀ ହେଇରହିଲି ଯେତେବେଳେ ଦେଖାଗଲା ମୁଁ ଏପରି ଜଣେ ବନ୍ଦୀ ଯେ ନିଜ ଗୋଡରେ ପଳେଇ ଯିବା ଅପରାଧରେ ଦୋଷୀ, ସେତେବେଳେ ମୋ ହାତରେ ହାତକଡ଼ି ପକେଇ ଦିଆଗଲା । ଲୁହା ଶିକୁଳିରେ ପାଦ ଛିଣ୍ଡିଯିବା ଏବଂ ହାତ କଡାରେ ହାତ ଆଞ୍ଚୁଡ଼ି ହେଇ ଖଣ୍ଡିଆ ହୋଇଯିବା ଫଳରେ ମୋ ପ୍ରତି ଧାର୍ଯ୍ୟ ହୋଇଥିବା କଠିନ ପରିଶ୍ରମକୁ ନିର୍ବାହ କରିବା ଅତ୍ୟନ୍ତ କଷ୍ଟ ସାଧ୍ୟ ହୋଇ ପଡିଲା, ମୋର ସବୁ ଶକ୍ତି ଚାଲିଗଲା । କିନ୍ତୁ ମୁଁ ନିର୍ଲଜ । ଗତବର୍ଷ ଲୁହା ଶିକୁଳିକୁ ଜେଲ୍‌ରେ ଗୋଟିଏ କୋଣରେ ଛାଡ଼ି ଦେଇ ମୁଁ ପଳେଇ ଆସିଲି ମିରଟ । ତା'ପରେ ମୋରାଦାବାଦ ଭିତର ଦେଇ ରାମପୁରରେ ପହଞ୍ଚିଲି । ସେଠାରେ ମୁଁ ଦୁଇ ମାସରୁ କିଛି କମ୍ ଦିନ ରହିଲି ଏବଂ ତା'ପରେ ଧରା ହୋଇ ପୁଣି ଫେରି ଆସିଲି । ବର୍ତ୍ତମାନ ମୁଁ ପ୍ରତିଜ୍ଞା କରିଚି, ଆଉ କେବେ ପଳାଇବି ନାହିଁ । ଏହା ମୁଁ ଚାହିଁଲେ ବି କେମିତି କରିପାରିବି ? ଧାଇଁବା ପାଇଁ ମୋର ଶକ୍ତି ପର୍ଯ୍ୟନ୍ତ ନାହିଁ । ମୁଁ

ଖବପାରୁ ନାହିଁ ମୁକ୍ତି ପାଇବା ଲାଗି ମୋର ଆଦେଶ କେବେ ଆସିବ । ମୋର ଏକ କ୍ଷୀଣ ଆଶା ଅଛି—ତା' ବୋଧହୁଏ ଏଇ ବର୍ଷର ଶେଷ ଆଡକୁ ହୋଇପାରେ । ସେ ଯାହାହେଉ ଯଦି ମୁକ୍ତି ପାଏ ମୁଁ, ସିଧାସଳଖ ନୈସର୍ଗିକ ପୃଥିବୀକୁ ଚାଲିଯିବି । ତା' ନ ହେଲେ ଜଣେ ବନ୍ଦୀ ମୁକ୍ତି ପାଇଲା ପରେ ତା' ନିଜ ଘରକୁ ନ ଯାଇ ଆଉ କେଉଁଠାକୁ ବା ଯିବ ?

ଗାଲିବଙ୍କ ଚିଠି ଗୁଡିକର ଆନନ୍ଦଦାୟକ ଗୃହନିକ ଲକ୍ଷଣ ଭିତରେ, ପ୍ରଗଲଭତାର ଇଏ ଗୋଟିଏ ମାତ୍ର ଦୃଷ୍ଟାନ୍ତ । ତାରିକ ଆଉ ସଙ୍କେତ ବ୍ୟତୀତ ସେ ଯୋଉ ଯାହା ଦୁଇଟି କଲେ ଏବଂ ବୟସ ଓ ଅସୁସ୍ଥତା ଯେଉଁ ଦୁର୍ବଳତାର କାରଣ ହେଲା, ଏଇ ଚିଠିରେ ଥିବା ଅନ୍ୟସବୁ କିଛି, ଅନ୍ୟସମୟରେ କିନ୍ତୁ ଭିନ୍ନ ମିଜାଜରେ ଲେଖା ଯାଇଥିବା ଚିଠି ଦ୍ୱାରା ଖଣ୍ଡନ କରାଯାଇଛି ।

ଗାଲିବ ତାଙ୍କ ପୂର୍ବପୁରୁଷଙ୍କ ପାଇଁ ଖୁବ୍ ଗର୍ବ ଅନୁଭବ କରୁଥିଲେ ଏବଂ ଯନ୍ତ୍ରଣାଦାୟକ ସୁଦୂର ଅତୀତର ବଂଶାନୁବଳୀକୁ ଖୋଜି ବାହାର କରୁଥିଲେ । ଗୋଟିଏ ସୁଯୋଗରେ ସବୁ ପ୍ରଧାନ ଶିକ୍ଷକ କବି ଜାକ୍ୟୁଙ୍କ ପ୍ରତି କିଛି ଅଶୋଭନୀୟ ଆକ୍ଷେପ କରିବା ଯୋଗୁଁ ସମ୍ରାଟ ବାହାଦୁର ସାହା କ୍ରୋଧାନ୍ୱିତ ହୋଇଛନ୍ତି ବୋଲି ଯେତେବେଳେ ବୁଝାଗଲା, ସେତେବେଳେ ଗାଲିବ ଗୋଟିଏ ଗଜଲ ଲେଖିଥିଲେ । ତା' ଭିତରୁ ଗୋଟିଏ ଗୀତରେ ସେ ଲେଖିଥିଲେ ।

ବଂଶାନୁକ୍ରମେ ମୋ' ପୂର୍ବ ପୁରୁଷ
ବୀର ସୈନିକ ଥିଲେ
ଶତେକ ବର୍ଷ ପାଇଁ,
ସମ୍ମାନନୀୟ ପ୍ରତିଷ୍ଠା ପାଇଁ
କବିତା ଲେଖିବା
ମୋର ପ୍ରୟୋଜନ ନାହିଁ ।

କିନ୍ତୁ ତାଙ୍କ ବାପା କିମ୍ବା ଜେଜେବାପା କେହି ନିଜକୁ କୌଣସି ଉପାୟରେ ପ୍ରସିଦ୍ଧ ବା ଖ୍ୟାତ ସମ୍ପନ୍ନ କରାଇ ନ ଥିଲେ । ତାଙ୍କର ଜାତି, ତାଙ୍କର ସୈନ୍ୟ ସାମନ୍ତ ସମ୍ପର୍କିତ ବ୍ୟବସାୟ ଏବଂ ଉଚ୍ଚପଦାଧିକାରୀ ହେବାର ମର୍ଯ୍ୟାଦା, ଅବଶ୍ୟ, ଗାଲିବଙ୍କୁ ସମ୍ଭ୍ରାନ୍ତ ଶ୍ରେଣୀ ଭିତରେ ପରିଗଣିତ ହେବାକୁ ଅଧିକାର ଦେଇଥିଲା ଏବଂ ଏଥିପାଇଁ ସେ ନିଜକୁ ଖୁବ୍ ଗର୍ବିତ ମନେକରୁଥିଲେ । ତାଙ୍କର ସେଇ ନାଁ' ମିର୍ଜା ଅସଦ୍‌ଦୁଲ୍ଲା ଖାନ୍' ତାଙ୍କର ପ୍ରତିଷ୍ଠା ସମ୍ପର୍କରେ ସୂଚନା ଦେଉଥିଲା । ଯାହା

୧୦୫୦ରେ ବାହାଦୁର ସାହା ତାଙ୍କୁ 'ନାଜମୁଦ୍ଦଲ ଦାବରୁଲ୍ ମୁଲ୍କ ନିଜାମ ଜଙ୍ଗ' ଉପାଧି ପ୍ରଦାନ କରି ସମ୍ମାନିତ କରିବାଠୁ ବେଶୀ ବଢି ଯାଇଥିଲା । ସେ ଉଚ୍ଚବଂଶରେ ଜନ୍ମ ଗ୍ରହଣ କରିଥିଲେ ଏବଂ ସମ୍ମାନସ୍ପଦ ବ୍ୟକ୍ତିମାନଙ୍କ ଭିତରେ ଜଣେ ବୋଲି ଜୀବନ ବ୍ୟାପୀ ସମ୍ମାନିତ ହୋଇଥିଲେ । ସେ ଯୋଉ ଦଣ୍ଡ ପାଇଥିଲେ ତାହା ଅନେକାଂଶରେ ଆତ୍ମପ୍ରପୀଡ଼ନ ଏବଂ ଏହାର କାରଣ ଖୁବ୍ ସହଜରେ ମିଳି ପାରିବ— ଏ ଦୁନିଆରେ ଗାଲିବ କ'ଣ କଲେ ତା' ଭିତରେ । ତାଙ୍କର ଆଧ୍ୟାତ୍ମିକ ପୃଥିବୀ ସହିତ ଏଇ ଶାସ୍ତିର କୌଣସି ସମ୍ପର୍କ ନାହିଁ ।

ଗାଲିବଙ୍କ ବାପା ଯେତେବେଳେ ଇହଲୀଳା ସମ୍ବରଣ କଲେ, ତାଙ୍କର ଜେଜେବାପା, ଆଉ ମାଉସୀମାନେ ତାଙ୍କ ଦାୟିତ୍ୱ ଗ୍ରହଣ କଲେ । ସେମାନେ ସମସ୍ତେ ଘନିଷ୍ଠ ଭାବେ ସମ୍ପୃକ୍ତ ଥିଲେ ଏବଂ ଅପର୍ଯ୍ୟାପ୍ତ ଧନ ସମ୍ପତ୍ତି ନ ଥିଲେ ମଧ୍ୟ ଯଥେଷ୍ଟ ଅବସ୍ଥାପନ୍ନ ଥିଲେ । ଜଣେ ଅଭିଜାତ ବ୍ୟକ୍ତିର ସନ୍ତାନ ଭାବେ ଗାଲିବ, ଲାଳିତପାଳିତ ହୋଇଥିଲେ । ସେ ଅସାମାନ୍ୟ ସୁନ୍ଦର ଥିବାରୁ କିଛିଟା ଗେହ୍ଲାରେ ବଢିଥିବା କଥା ମଧ୍ୟ ଧରିନିଆ ଯାଇପାରେ । ଅଧିକାଂଶ ସମୟ ଖେଳ ଏବଂ ଗୁଡ଼ି ଉଡାଇବାରେ ସେ କଟେଇ ଦେଉଥିଲେ । ସେ ଆଦୌ କିଛି ପଢାପଢି ନ କରିଥିବା ଏକ ଆଶ୍ଚର୍ଯ୍ୟର କଥା । ତେର ବର୍ଷ ବୟସରେ ଉମରାଓ ବେଗଙ୍କ ସହିତ ତାଙ୍କର ବିବାହ, ତାଙ୍କ ଖେଳବସର ପଣିଆର ଏକ ପ୍ରମାଣ ହୋଇପାରେ । ତାଙ୍କ ଭବିଷ୍ୟତ୍ ସମ୍ପର୍କରେ କିଛି ଚିନ୍ତା କରାଯାଇ ନ ଥିଲା ବୋଲି ଅନୁମାନ କରାଯାଏ । ସୈନିକ ହେବାପାଇଁ ସେ କୌଣସି ତାଲିମ ପାଇ ନ ଥିଲେ ଏବଂ ଅନ୍ୟ କୌଣସି ବ୍ୟବସାୟ କରିବା ପାଇଁ ପ୍ରସ୍ତୁତ ନ ଥିଲେ । ଏପରିକି ସରକାରୀ ଚାକିରୀ ପାଇଁ ବି ନୁହେଁ । ଫିରୋଜପୁର ଝିରକାର ନବାବମାନଙ୍କ ପରିବାର ସହିତ ସମ୍ପୃକ୍ତ ଥିଲେ ସେ । ସେ ଆଉ ତାଙ୍କ ସାନ ଭାଇଙ୍କ ଭିତରେ ସମାନ ଭାବେ ବଣ୍ଟା ଯିବା ପାଇଁ ବାର୍ଷିକ ପନ୍ଦର ଶହ ଟଙ୍କା ଭତ୍ତା ଦିଆଯିବା ମଞ୍ଜୁର ହୋଇଥିଲା । ମନେକରାଯାଉଥିଲା ଏହା ଯଥେଷ୍ଟ କିନ୍ତୁ ପ୍ରକୃତ ପକ୍ଷରେ ଏହା ଯଥେଷ୍ଟ ନ ଥିଲା ଏବଂ ନିଜ ଆୟ ବୃଦ୍ଧି କରିବାର ଅନ୍ୟ କୌଣସି ଉପାୟ ଚିନ୍ତା କରିବା ପରିବର୍ତ୍ତେ, ଗାଲିବ ତାଙ୍କ ଜୀବନର ଅନେକ ଗୁଡ଼ିଏ ବର୍ଷ ରାଜ୍ୟରେ ଅସୁଲ ହେଉଥିବା ଖଜଣାର ଏକ ବଡ଼ ଅଂଶ ଉପରେ ତାଙ୍କ ଦାବୀ ସାବ୍ୟସ୍ତ କରିବା ପାଇଁ ଅତିବାହିତ କରି ଦେଇଥିଲେ । ଯୁବକ ଅବସ୍ଥାରେ ବଦ୍ ଖର୍ଚ୍ଚ କରିବା ଅଭ୍ୟାସ ତାଙ୍କ ଦୁରବସ୍ଥାକୁ ବଢ଼େଇ ଦେଇଥିଲା । ଯୋଇଥି-ପାଇଁ କରଜ ଦେବା ଲୋକଙ୍କ ଠାରୁ ଉଧାର ନେବାରେ ସେ ଲିପ୍ତ ରହିଥିଲେ । ଅନୁତାପ ବା ନିଜକୁ ସୁଧାରିବାର ଚେଷ୍ଟା ତାଙ୍କ ସ୍ୱଭାବରେ ନ ଥିଲା ।

"ମୁଁ ଯେତେବେଳେ ଯୁବକ ଥିଲି ଜଣେ ସିଦ୍ଧ ପୁରୁଷ ମତେ କହିଥିଲେ— ଈଶ୍ୱର ଭକ୍ତି ଏବଂ ସନ୍ୟାସ ତାଙ୍କୁ ସନ୍ତୁଷ୍ଟ କରେ ନାହିଁ ଏବଂ ସେ ଆନନ୍ଦ, ଦୁଷ୍କୃତି ପୂର୍ଣ୍ଣ ଜୀବନଯାପନ କରିବାକୁ ବାରଣ କରନ୍ତି ନାହିଁ ମୁଁ ଖାଇ, ପିଇ, ମଉଜ ମଜଲିସ୍ କରି ପାରିବ । କେବଳ ମୋର ମନେରଖିବା ଉଚିତ—ଗୋଟିଏ ମାଛି କେବଳ ଚିନି ଉପରେ ବସିପାରେ କିନ୍ତୁ ମହୁ ଉପରେ ନୁହେଁ ।" ଏହି ପରାମର୍ଶ ଅନୁସାରେ ମୁଁ କାର୍ଯ୍ୟ କରିଚି ।

ଏହି ପରାମର୍ଶ ଅନୁସାରେ ସେ କେବଳ ଏକା ଏଇପରି ଜୀବନଯାପନ କରୁନଥିଲେ । ଯାହା କୁହାଯାଇ ପାରିବ – ବନ୍ଧୁ ଓ ଆତ୍ମୀୟ ସ୍ୱଜନଙ୍କର ଏକ ସମ୍ଭ୍ରାନ୍ତ ଗୋଷ୍ଠୀର ସଭ୍ୟଥିଲେ ସେ । ସେମାନଙ୍କ ଭିତରେ ଆମୋଦ ପ୍ରମୋଦ କରିବାର ବିଭିନ୍ନ ଢଙ୍ଗ ଭିତରେ ଥିଲା—କବିତା ରଚନା' ଏବଂ ଗାଲିବ ଯାହାଙ୍କର ପ୍ରଥମ ଡାକନାମଥିଲା 'ଆସାଦ' ସେ ନିଶ୍ଚୟ ସମସ୍ତଙ୍କ ଭିତରେ ଜଣେ ନାୟକ ଥିଲେ—ତାଙ୍କର ସୌମ୍ୟକାନ୍ତ ବ୍ୟକ୍ତିତ୍ୱ ଏବଂ ଓଜନଦାର ଗୁଣାତ୍ମକ କବିତାପାଇଁ । ନିଜର ପ୍ରତିକୃତି ତିଆରି କରି ପଠାଇଥିବା ଏକ ବନ୍ଧୁଙ୍କୁ ଉତ୍ତର ଦେବାବେଳେ ନିଜ ଚେହେରାର ବି ଏକ ବର୍ଣ୍ଣନା ଦେଇ ସେ ଲେଖିଥିଲେ ।

"ମୋ' ଦୃଷ୍ଟିକୁ ତୁମ ଛବି ଦିବ୍ୟାଲୋକ ଦୋଶାଇଛୁ । ତାକୁ ଦେଖି, ତୁମେ ସେଥିରେ ଉଚ୍ଚ ଦେଖା ଯାଉଥିବା ଯୋଗୁଁ ମୁଁ ଈର୍ଷା କରୁନାହିଁ କାରଣ ମୋ ନିଜ ଉଚ୍ଚତା ଏପରି— ଯାହା ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରେ । ମୁଁ ତୁମର ଗହମ-ବର୍ଣ୍ଣକୁ ଇର୍ଷା କରୁନାହିଁ, କାରଣ ମୁଁ ଯେତେବେଳେ ଜଣେ ପ୍ରାଞ୍ଜଳ ସତେଜ ପୁରୁଷ ଥିଲି, ମୋ ଦେହର ବର୍ଣ୍ଣ ଚନ୍ଦନ କାଠ ରଙ୍ଗ ଥିଲା ଏବଂ ରୁଚିସମ୍ପନ୍ନ ବ୍ୟକ୍ତିମାନେ ମତେ ପ୍ରଶଂସା କରୁଥିଲେ । ଏବେ ସେଇ ଦେହର ବର୍ଣ୍ଣକଥା ମୁଁ ଯେତେବେଳେ ସ୍ମରଣ କରେ, ମତେ ଲାଗେ ଯେପରି ଏକ ସାପ ମୋ ଛାତି ଭିତରେ ସଲ ସଲ ହେଉଚି । କିନ୍ତୁ ତୁମର କ୍ଷୌର ନିର୍ମଳ ଚିବୁକକୁ ଦେଖି ମୁଁ ନିଶ୍ଚିତ ଭାବେ ଈର୍ଷାନ୍ୱିତ ହେଲି । ମୋର ବିଗତ ଖୁସିର ଦିନଗୁଡ଼ିକୁ ସେ ମତେ ମନେ ପକାଇ ଦେଲା । କିପରି କ'ଣ ମୁଁ ଅନୁଭବ କରୁଚି, ତୁମକୁ କେମିତି କହିବି । ଯେତେବେଳେ ମୋ ଦାଢି ଆଉ ନିଶରେ ଧଳାବାଳ ଦେଖାଦେଲା ଏବଂ ପ୍ରତି ତିନି ଦିନରେ କ୍ଷୌର ହେଇ ସାରିଲା ପରେ ଯେତେବେଳେ ମୋ ଗାଲରେ ପିମ୍ପୁଡ଼ିମାନେ ଡ଼ିମ୍ବ ପାରିଲାପରି ଦେଖାଗଲା ଏବଂ ଯାହା ସବୁଠୁ ଦୁର୍ଯୋଗର କଥା ହେଲା ମୋ ଆଗ୍ର ଦାନ୍ତରୁ ଦୁଇଟା ହଜିଗଲା, ଯେତେବେଳେ, ସେତେବେଳେ ଦାଢ଼ି କ୍ଷୌର ହେବା ଏବଂ 'ମିସି' ବ୍ୟବହାର କରିବା ମୁଁ ଛାଡ଼ିଦେଲି । କିନ୍ତୁ ମନେରଖ, ଏଇ ଅପରିଷ୍କୃତ ସହରର ଗୃହ ଚଳଣିର ଶୈଳୀରେ ଗୋଟାଏ ରକମର ସମତା ଅଛି । ପ୍ରତ୍ୟେକ ମୁଲ୍ଲା, ହାଫିଜ,

ଅଧିକ କିଛି କରିପାରେ ? ଗୋଲାପ ବିଚ୍ଛୁରିତ ତୁମ ମାଧୁର୍ଯ୍ୟର ଗୌରବ ଚାଲିଗଲା । ବର୍ତ୍ତମାନ ତୁମେ ଧୂଳିକୁ ଫୁଲର ଝାଳରରେ ଢାଙ୍କିଚ । ବର୍ତ୍ତମାନ ଜୀବନର ପରିବେଶ ମୋ' ପାଇଁ ଏକ ବନ୍ଦୀଶାଳା ପରି । ଏହା ତୁମକୁ ସୁହାଇ ନଥିଲା । ଯୋଉ ହାତ ସୌନ୍ଦର୍ଯ୍ୟର ତଲୱାର ଚଳଉଥିଲା ବର୍ତ୍ତମାନ ସେ ଅକର୍ମଣ୍ୟ ଏବଂ ଏପର୍ଯ୍ୟନ୍ତ ସେଇ ମାରାତ୍ମକ ଆଘାତର ଆନନ୍ଦକୁ ମୋ ହୃଦୟ ଆସ୍ୱାଦନ କରି ପାରିନାହିଁ । ଭଲପାଇବା ଶପଥର ରହସ୍ୟାବୃତ 'ଚାବୁଟି ଏବେ ଧୂଳିରେ ମିଶି ଯାଇଚି । ହାୟ । ଏ ଦୁନିଅରୁ ବନ୍ଧୁତା ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି । ଆଖିର ଦୃଷ୍ଟି ଯେତେବେଳେ ନକ୍ଷତ୍ର ଗୁଡ଼ିକୁ ଗଣିବାରେ ଅଭ୍ୟସ୍ତ ହେଇଯାଇଛି : ବର୍ଷା ଋତୁର ଅନ୍ଧକାରାଚ୍ଛନ୍ନ ରାତିକୁ ଜଣେ କିପରି ଅତିକ୍ରମ କରିବ ? କାନ 'ପ୍ରେମ'ର କୌଣସି ବାର୍ତ୍ତା ଆଉ ଶୁଣୁ ନାହିଁ । ସୌନ୍ଦର୍ଯ୍ୟର କୌଣସି ସ୍ୱପ୍ନ ଆଉ ଆଖି ଦେଖୁ ନାହିଁ । ଗୋଟିଏ ମାତ୍ର ନିଃସଙ୍ଗ ହୃଦୟ ପକ୍ଷରେ ଏତେ ଗୁଡ଼ିଏ ବିୟୋଗାନ୍ତ ଯନ୍ତ୍ରଣା ସହ୍ୟ କରିବା କିପରି ସମ୍ଭବ ? ଯଦି ଦୁର୍ଭାଗ୍ୟ ଆସିବା କଥା ଥିଲା ମୁଁ ଯେତେବେଳେ ଜଣେ ଅପରିଚିତ ଲୋକ ଥିଲି, ସେତେବେଳେ ତ ଆସି ପାରିଥାନ୍ତା । ହାୟ, ହାୟ । ତାହା ତ ହେଲା ନାହିଁ । ନିଶ୍ଚିତର ଉଦ୍ଦେଶ୍ୟଥିଲା ମୁଁ ଏଇ ଅପମାନ ସହ୍ୟ କରିବି ଦିଲ୍ଲୀରେ ।"

ଏଇ ଦୁଃଖର ପରିପ୍ରକାଶ ହେଇଚି ଅନ୍ୟ ଏକ ଗଜଲ ଧର୍ମୀ ଶୋକ କବିତାରେ—

ହୃଦୟ ଭୂମିକୁ ଆସିବାକୁ ଚାହୁଁଥିବା
ଆଗନ୍ତୁକ, ସାବଧାନ ହୁଅ,
ଲୋଭ ଯଦି ଅଛି ଭୋଜିଭାତ ଆଉ
ସଙ୍ଗୀତ ପାଇଁ
ମୋ' ଆଡ଼କୁ ଥରେ ଚାହଁ ।

ତୁମ ଆଖି ଯଦି ଚାହିଁପାରେ ଆଉ ଶିଖିପାରେ
ଶୁଣ ତେବେ ଶୁଣ
ତୁମ ବିବେକକୁ ଚାଳକ ଚତୁର
କରିବାକୁ ଯଦି ରହିଥାଏ ତୁମ କାନ,
ରାତିରେ ଯେପରି ମନେ ହୁଏ ଜଣେ ଦୟାବାନ
ବଗିଚା ମାଳୀର ହାତ
ଘରଚଟାଣକୁ ବହୁ କିସମର
ଫୁଲରେ ଫୁଲରେ
କରିଅଛି ସୁଶୋଭିତ

ଭଗବାନଙ୍କର ନୀଳ ଆଲୋକକୁ
ସାକୀ ତା' ଶୋଭରେ
ଦେଖାଉଛ ଅବା ଭୟର ଭ୍ରୂକୁଟୀ ପରି ;
ଗାୟକର ସ୍ୱର ମନର ସାମ୍ୟ
ସୁଷ୍ଠୁତା ସବୁ
ଭୂମିଶାୟୀ ହଏ କରି ।

ସାକୀର ଦୋଳାୟମାନ ଲାବଣ୍ୟ
ବୀଣାର ମଧୁର ତାନ
ଆଖି ପାଇଁ ଇଏ ସ୍ୱର୍ଗୀୟ ସୁଖ
ଶ୍ରବଣ ସକାଶେ ଏକ ଆନନ୍ଦ ଧାମ୍ ।
ପୁଣି ଯେତେବେଳେ ସଭାଗୃହଟିର
ବାହାର ପରଦା
ଉଷାକାଳି ଖୋଲି ଦେବ
ତୁମେଇ ଦେଖିବ
ଫୂର୍ତ୍ତି ନାହିଁ କି ଆନନ୍ଦ ନାହିଁ
ଆମୋଦ ପ୍ରମୋଦ ଅବା ହାସ ପରିହାସ
କେବଳ ଗୋଟିଏ ବିଷାଦ ଦଗ୍ଧ
ମହମ ବତୀର କରୁଣ ଦୀର୍ଘ ଶ୍ୱାସ
ଗୋଟିଏ ଶବ୍ଦର ନିଃଶବ୍ଦ ଉପଦେଶ
ଏବେ ପାଲଟିଚି ମୃତ୍ୟୁର ଅବଶେଷ ।

ଯେଉଁଠି ଧାରବିଳାସିନୀଙ୍କ ନୃତ୍ୟସ୍ଥଳୀ ସାମାଜିକ ଜୀବନର କେନ୍ଦ୍ରସ୍ଥଳ ସେଠି ବନ୍ଧନ ନ ଥିବା ସ୍ୱାଧୀନ ବିବାହିତା ସ୍ତ୍ରୀକୁ ପଛପଟକୁ ଠେଲି ଦିଆଯିବା ଅବଶ୍ୟମ୍ଭାବୀ । ଜଣେ ଆଧୁନିକ ଜୀବନୀକାର ଦେଖାଇବାକୁ ଚେଷ୍ଟା କରିଛନ୍ତି ଗାଲିବ ତାଙ୍କ ସ୍ତ୍ରୀଙ୍କୁ ଖୁବ୍ ଭଲ ପାଉଥିଲେ । କିନ୍ତୁ ଏହା ସହଜରେ ବୁଝାଯାଏ ସେମାନଙ୍କ ଭିତରେ କୌଣସି ସମ୍ପର୍କ ନଥିଲା । ଟଙ୍କା ପଇସାରେ ଗାଲିବ ଖୁବ୍ ବେପରୁଆ ଥିଲେ । ଭାଗ୍ୟକୁ ଯାହା ମିଳିଲା ସେଥିରେ ଖୁସି ଆଉ ଉତ୍ଫୁଲ୍ଲ ରହୁଥିଲେ । ହୁକୁମ ମାନି ଚାଲିଲା ପରି ପତ୍ନୀ ପାଇଁ ସେ ହୁଏତ ଖୁବ୍ ମନୁଆ ଆଉ ଏକବାଜିଆ ଲୋକ ଥିଲେ । ସାତଟି ସନ୍ତାନର ମାଆ ହୋଇଥିଲେ ଉମରାଓ ବେଗମ୍ । ସମସ୍ତେ ଶୈଶବାବସ୍ଥାରେ ମରିଯାଇଥିଲେ । ଗାଲିବଙ୍କ ପରି ଜଣେ ସ୍ୱାମୀଠାରୁ ଜଣେ ମୁକ୍ତ ନାରୀ ଯେଉଁ ସାନ୍ତ୍ୱନା ଓ ଆଦର ଆଶା କରୁଥିଲା ସେଥିରୁ ସେ ବଞ୍ଚିତା ଥିଲେ । ଗାଲିବଙ୍କୁ ପିଆପିଇରୁ ନିବୃତ୍ତ

କରିବା ପାଇଁ ଉମରାଓ ବେଗମ୍ ଚେଷ୍ଟା କରିଥିଲେ । କିନ୍ତୁ ସକ୍ଷମ ହୋଇ ନ ଥିଲେ । ପରିଶେଷରେ ଗାଲିବ ବ୍ୟବହାର କରୁଥିବା ବାସନ ଗୁଡ଼ିକୁ ଅପରିଷ୍କାର ବୋଲି ସେ ଅଲଗା କରିଦେଇଥିଲେ ଏବଂ ଏହା ବଦଳରେ ଗାଲିବ ମଧ୍ୟ କାଳେ ତାଙ୍କ ସ୍ତ୍ରୀଙ୍କୁ ଆଘାତ ଲାଗିବ, ଏଥିପାଇଁ କିଛି କରିବାକୁ ହୃଦୟତ ଘୃଣା କରୁଥିଲେ । ନିଜ ନିଜର ସ୍ୱତନ୍ତ୍ର ସତ୍ତା ନେଇ ବଞ୍ଚିବା ଲାଗି ସେମାନେ ଶେଷରେ ଅଙ୍ଗୀକାର ବଦ୍ଧ ହୋଇଥିଲେ । ସମୟାନୁକ୍ରମେ ଗାଲିବଙ୍କୁ ତାଙ୍କ ପାପକର୍ମ ପଥରେ ଯିବାକୁ ଛାଡ଼ିଦେଇ ଉମରାଓ ବେଗମ୍ ବେଶୀ ଧର୍ମପରାୟଣା ଏବଂ ଉପବାସ ଆଦି କରି ପ୍ରାର୍ଥନାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଗାଲିବ ଯଦି ଗୁରୁତ୍ୱ ସହିତ ଅଭିଯୋଗ କରିଥାଆନ୍ତି ଯେ ତାଙ୍କ ଜୀବନ ପାଇଁ ବିବାହ ଏକ କଏଦୀଖାନା ପରି ହୋଇଥିଲା, ତେବେ ଏହା ଅପବାଦଜନକ ମିଥ୍ୟାଛଡ଼ା ଆଉ କିଛି ନୁହେଁ । କିନ୍ତୁ ତାଙ୍କ ଚିଠି ଗୁଡ଼ିକ କେବଳ ବାକ୍ୟାଳାପ ସର୍ବସ୍ୱ ଥିଲା । କେତେ ଗୁଡ଼ିଏ ଆମୋଦ ପ୍ରମୋଦ ମିଥ୍ୟାରେ ପରିପୂର୍ଣ୍ଣ ତାଙ୍କ ଜୀବନ ଓ ଯନ୍ତ୍ରଣା ଓ ତାଙ୍କର ଉନ୍ମତ୍ତ ଭାବୋଚ୍ଛ୍ୱାସର ପୁନରୁକ୍ତିରେ ଭରପୂର ।

ବାକ୍ୟାଳାପ କରିବା ଏବଂ ପଦ୍ୟରଚନା କରିବା ଛଡ଼ା ଗାଲିବଙ୍କର ଏକ ମାତ୍ର କାର୍ଯ୍ୟ ଥିଲା, ତାଙ୍କ ଆର୍ଥିକ ଅବସ୍ଥା କିପରି ଉନ୍ନତ କରିହେବ, ତା'ର ଉଦ୍ୟମ କରିବା । ୧୮୨୫ ମସିହାରୁ, ଫିରୋଜପୁର - ଝିରକାଲୋହାରୁ ମାହାଲାରୁ ବେଶୀ ପରିମାଣରେ ଭତ୍ତା କିପରି ପାଇବେ, ସେଥିପାଇଁ ତାଙ୍କର ଦାବୀ ସାବ୍ୟସ୍ତ କରିବାକୁ ସେ ଆରମ୍ଭ କଲେ ଏବଂ ୧୮୫୨ ପର୍ଯ୍ୟନ୍ତ ଏଥିରୁ ଓହରି ଯାଇ ନ ଥିଲେ । କେବଳ ଏହି ସମ୍ପର୍କରେ ସେ ତାଙ୍କର କଲିକତା ଯାତ୍ରା ଆରମ୍ଭ କରିଥିଲେ । ଏକାନ୍ତ ଅନିଚ୍ଛା ସତ୍ତ୍ୱେ ସେ ଯାଇଥିଲେ, କାରଣ କେବଳ ପରିଭ୍ରମଣ ଉପଦ୍ରବ ଭୋଗ କରିବା ଛଡ଼ା ତାଙ୍କ ପାଇଁ ଆଉ କିଛି ଆଗ୍ରହର ବିଷୟ ନଥିଲା । କିନ୍ତୁ ଏହି ଯାତ୍ରା ତାଙ୍କୁ ନୂଆ ନୂଆ ଲୋକଙ୍କୁ ଭେଟିବାକୁ ଏବଂ ଭାରତର ସର୍ବାଧୁନିକ ସହର ଦେଖିବାକୁ ସୁଯୋଗ ଦେଇଥିଲା । ଫିରୋଜପୁରର ଝିରକାଲୋହାରୁ ମାହାଲରୁ କେତେ ଭତ୍ତା ପାଇବେ ସେ ଆଶା କରିବା ଛଡ଼ା, ଅନ୍ୟାନ୍ୟ ଚେଷ୍ଟା ସୂତ୍ରରୁ ମଧ୍ୟ ମଞ୍ଜୁରି ପାଇବାକୁ ସେ ଉଦ୍ୟମ କରିଥିଲେ । ଶେଷ ଆଡ଼କୁ ରାମପୁର ନବାବଙ୍କର ବଦାନ୍ୟତା ଉପରେ ଆଶା ସ୍ଥାପନ କରିଥିଲେ । ଆର୍ଥିକ ସାହାଯ୍ୟ ପାଇଁ ପ୍ରେରିତ ଅନୁରୋଧ ପତ୍ରର ପ୍ରାପ୍ତି ସ୍ୱୀକାରର ରସିଦ ପତ୍ର ଏବେ ପ୍ରକାଶ ପାଇଥିବା ଗ୍ରନ୍ଥରେ ଭର୍ତ୍ତି ହୋଇଛି ଏବଂ ଏହା ପଢ଼ିବା ବଡ଼ କଷ୍ଟଦାୟକ । ଆଶ୍ଚର୍ଯ୍ୟର କଥା, ଯେଉଁ ସମୟତକ ପାଇଁ ସେ ଆର୍ଥିକ ଦୁରବସ୍ଥା ଭିତରେ ଥିଲେ, ପ୍ରଶସ୍ତି ମୂଳକ ଗାଥା ବା ଗୀତି କାବ୍ୟ ଲେଖାଲେଖି କରିବାକୁ ସେ ଆତ୍ମସମ୍ମାନ ହାନିତା ବୋଲି ମନେ କରୁଥିଲେ । କିନ୍ତୁ ୧୮୪୨ରେ ଆତ୍ମମର୍ଯ୍ୟାଦା ଦୃଷ୍ଟିରୁ ନୂଆ ହୋଇ ସ୍ଥାପିତ ହୋଇଥିବା ଦିଲ୍ଲୀ କଲେଜରେ ଏକ

ସରକାରୀ ଶିକ୍ଷକ ଚାକିରୀ ଗ୍ରହଣ କରିବାକୁ ନାସ୍ତି କରିଦେଇଥିଲେ । ଚିଫ୍ ସେକ୍ରେଟେରୀ ଥମ୍ପସନ୍‌ଙ୍କ ପାଖକୁ ତାଙ୍କ ନାଁ ସୁପାରିଶ କରାଯାଇଥିଲା ଏବଂ ଗାଲିବଙ୍କୁ ସେ ଡାକିଥିଲେ ତାଙ୍କ ସହିତ ସାକ୍ଷାତ କରିବା ପାଇଁ । ଗୋଟିଏ ପାଲଙ୍କିରେ ବସି ଗାଲିବ ଦେଖା କରିବାକୁ ଯାଇଥିଲେ । ଥମ୍ପସନ୍‌ଙ୍କୁ ଜଣାଇ ଦିଆଗଲା, ଏବଂ ଗାଲିବଙ୍କୁ ସେ ଡ଼କେଇଲେ ଭିତରକୁ ଆସିବା ପାଇଁ । ଗାଲିବ ପାଲଙ୍କିରୁ ଓହ୍ଲେଇଲେ ଏବଂ ତାଙ୍କ ପାଇଁ ଥମ୍ପସନ୍‌ଙ୍କୁ ବାହାରକୁ ଆସିବାକୁ ଅପେକ୍ଷା କରି ରହିଲେ । ଥମ୍ପସନ ଭିତରେ ଅପେକ୍ଷା କଲେ । କିଛି ସମୟ ପରେ ତାଙ୍କୁ ଜଣାଇ ଦିଆଗଲା—ଗାଲିବ କାହିଁକି ଭିତରକୁ ଆସିବେ ନାହିଁ । ତେଣୁ ସେ ବାହାରକୁ ଆସି ଗାଲିବଙ୍କୁ ବୁଝେଇବାକୁ ଚେଷ୍ଟାକଲେ—ପ୍ରବେଶ ପଥରେ ଅତିଥି ଅଭ୍ୟାଗତମାନଙ୍କୁ ପାଛୋଟି ନେବା ହେଉଚି ଦରବାରର ଆଦବକାଇଦା । କିନ୍ତୁ ଯୋଉ ପ୍ରାର୍ଥୀମାନେ ଚାକିରୀ ପାଇଁ ଆସିବେ ସେମାନଙ୍କୁ ସେପରି ଗ୍ରହଣ କରିବା ତାଙ୍କଠୁ ଆଶାକରାଯିବା କଥା ନୁହେଁ । ଗାଲିବ କହିଥିଲେ—ସରକାରୀ ଚାକିରୀରେ ନିଯୁକ୍ତ ପାଇଲେ ତାଙ୍କ ମର୍ଯ୍ୟାଦା ବଢିଯିବ ବୋଲି ସେ ଆଶା କରିଥିଲେ, କମିଯିବ ବୋଲି ନୁହେଁ । ତା'ପରେ ସେଠାରୁ ସେ ଚାଲି ଆସିଥିଲେ । ଏହା ଗାଲିବଙ୍କ ଆତ୍ମ ମର୍ଯ୍ୟାଦାର ଏବଂ ସ୍ଥିତି ସମ୍ପର୍କିତ ଧାରଣାକୁ ବେଶୀ ବୋଧଗମ୍ୟ କରୁନାହିଁ ଅବଶ୍ୟ କିନ୍ତୁ ଗାଲିବଙ୍କୁ ବୁଝିବାପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ ତା'ହେଲା କେତେ ଗୁଡ଼ିଏ ଘଟଣାର କ୍ରମାଗତ ପ୍ରକାଶ । ତାଙ୍କର ଅଭିଜାତ ପୂର୍ଣ୍ଣ ମର୍ଯ୍ୟାଦା ସତ୍ତ୍ୱେ, ଅତି ଦୟନୀୟ ଭାବେ, ଢୋକେ ପି' ଦଣ୍ଡେ କି' ଅବସ୍ଥାରେ ହନ୍ତ-ସନ୍ତ ହେଉଥିଲେ ସେ ତାଙ୍କ ଋଣ ଦାତାଙ୍କ ଦ୍ୱାରା ଏବଂ ଯାହା ଜଣାପଡ଼େ ରାଜା ଓ ନବାବମାନଙ୍କ ଉଦାସୀନତା, ଯୋଉମାନେ ସାହାଯ୍ୟ କରିପାରିଥାନ୍ତେ । ଏଇ ମାନସିକ ଯନ୍ତ୍ରଣା ହିଁ ତାଙ୍କ ଲେଖାଲେଖିକୁ ଦେଇଥିଲା ଏକ ମୌଳିକ ସ୍ପର୍ଶ । ଯାହା ଅନ୍ୟ କାରଣରେ ମନେକରା ଯାଇଥାନ୍ତା କବି କଳ୍ପନାର ସବୁ ମନଗଢ଼ା କଥାବୋଲି ।

କିନ୍ତୁ ତାଙ୍କ କୌତୁକ ପ୍ରିୟତାକୁ କେହି ଦାବି ଦେଇ ପାରୁନଥିଲେ । ନିଜ ଖର୍ଚ୍ଚ ପାଇଁ ତାଙ୍କ ଚପ୍‌କନ୍‌କୁ ସେ ଯେତେବେଳେ ବିକ୍ରୀ କରିଥିଲେ, ତାଙ୍କର ଜଣେ ବନ୍ଧୁଙ୍କୁ ଥରେ ଲେଖିଥିଲେ—ରୁଟି ଖାଇ ସମସ୍ତେ ବଞ୍ଚୁଛନ୍ତି, ମୋ ପୋଷାକ ଖାଇ ମୁଁ ବଞ୍ଚୁଛି । ତାଙ୍କ ଜୀବନର ଶେଷ ବର୍ଷ ମାନଙ୍କରେ, 'କାଳ ନିରୂପଣ' ଉଦ୍‌ଭାବନ କରିବାରେ ଖୁବ୍ ଆମୋଦ ଅନୁଭବ କରୁଥିଲେ ସେ । ଏକ ନିର୍ଦ୍ଦିଷ୍ଟ ବର୍ଷ ତାଙ୍କ 'ମୃତ୍ୟୁ ବର୍ଷ' ବୋଲି ସେ ଚିହ୍ନଟ କରୁଥିଲେ । ସେଇ ବର୍ଷମାନଙ୍କରେ ଯେଉଁ ବର୍ଷଟିକୁ ସେ ତାଙ୍କ କାଳ ନିରୂପଣରେ 'ମୃତ୍ୟୁ' ବୋଲି ଦେଖାଇଥିଲେ ସେତେବେଳେ ଦିଲ୍ଲୀରେ ମହାମାରୀ ଲାଗିଥିଲା । କିନ୍ତୁ ସେ ବର୍ତ୍ତି ଯାଇଥିଲେ । ତାଙ୍କର ଜଣେ ବନ୍ଧୁଙ୍କୁ ସେ ସେ ଲେଖିଥିଲେ । ମୋର ଭବିଷ୍ୟତ କଥନରେ କୌଣସି ଭୁଲ ନାହିଁ । ମୁଁ ଭାବିଥିଲି,

ମହାମାରୀରେ ମରିବା ମୋ ପକ୍ଷରେ ଭଲ ହେବ ନାହିଁ, ଏହା ମୋ ସମ୍ମାନରେ ଆଞ୍ଚ ଆଣିଥାନ୍ତା ବାସ୍ତବିକ । ପୁଣି ଯେତେବେଳେ ଆବହାଓ୍ୱା ପରିଷ୍କାର ହୋଇଯିବ, କ'ଣ କରାଯାଇ ପାରିବ ମୁଁ ଦେଖିବି ।'

୧୮୫୭ରେ ଦିଲ୍ଲୀରେ ଆକସ୍ମିକ ପରିବର୍ତ୍ତନ ବେଳେ, ପଞ୍ଜାବ ସରକାରଙ୍କ ପାଖରେ ଅନୁବାଦ କାର୍ଯ୍ୟରେ ନିଯୁକ୍ତଥିବା ମୋତିଲାଲ ନାମଧାରୀ ଜଣେ ପଣ୍ଡିତ ପଞ୍ଜାବର ମୁଖ୍ୟ କମିଶନରଙ୍କ ସାଙ୍ଗରେ ଦିଲ୍ଲୀ ଆସିଲେ । କବିମାନଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାଥିବାରୁ ଦେଶବତ୍ସଳତାର ଭାବୋଚ୍ଛ୍ୱାସରେ ଅନୁପ୍ରାଣିତ ହୋଇ ମିର୍ଜା ଗାଲିବଙ୍କୁ ସେ ସାକ୍ଷାତ କରିବାକୁ ଆସିଲେ । ସେ ସମୟରେ ଗାଲିବଙ୍କ ପେନ୍‌ସନ୍ ଅଟକାଇ ଦିଆଯାଇଥିଲା ଏବଂ ସରକାରୀ ଦରବାରମାନଙ୍କରେ ତାଙ୍କ ଉପସ୍ଥିତିକୁ ନିଷେଧ କରି ଦିଆଯାଇଥିଲା । ସେତେବେଳେ ଅତ୍ୟନ୍ତ ହତୋତ୍ସାହ ଏବଂ ବିଷାଦଗ୍ରସ୍ତ ହୋଇ ପଡ଼ିଥିଲେ ସେ । ମୋତିଲାଲଙ୍କ ସହିତ କଥାଭାଷା ହେବାବେଳେ ସେ କହିଥିଲେ—'ଜୀବଦଶାରେ ଯଦି ଦିନକ ପାଇଁ ମୁଁ ମଦ ପି'ନପାରିବି ତା'ହେଲେ ମୁଁ ଜଣେ କାଫିର' ଏବଂ ଥରେ ବି ଯଦି ପ୍ରାର୍ଥନା କରେ ତେବେ ମୁଁ ମୁସଲମାନ ନୁହେଁ । ମୁଁ ବୁଝିପାରୁ ନାହିଁ, ସରକାର କାହିଁକି ମତେ ବିଦ୍ରୋହୀ ମୁସଲମାନଙ୍କ ଭିତରେ ଅନ୍ତର୍ଭୁକ୍ତ କରିଛନ୍ତି ?'

ସ୍ୱଧର୍ମନିଷ୍ଠା ଏବଂ ସ୍ୱଧର୍ମୀ ନିଷ୍ଠାବାନ୍‌ଙ୍କ ସମ୍ପର୍କରେ ଗାଲିବଙ୍କ ବୁଦ୍ଧିର ତୀକ୍ଷ୍ଣତା ବେଶୀ ଭାବରେ ପ୍ରୟୋଗ ହେଉଥିଲା । ମିର୍ଜା ଗାଲିବ ତାଙ୍କର ଅଧିକାଂଶ ସମୟ ଯୋଉ ବଖରାଟିରେ ବିତେଇଥିଲେ, ଘରର ପ୍ରବେଶ ପଥଠୁ ସେଇଟି ଉଣ୍ଚରେ ଥିଲା । ବନ୍ଦୀଶାଳା ପରି ସଙ୍କୀର୍ଣ୍ଣ ଏବଂ ଅନ୍ଧକାରାଚ୍ଛନ୍ନ, ଯାହାଭିତରକୁ ଯିବାର ଦୁଆରଟି ଏତେ ତଳିଆ ଥିଲା ଯେ, ଭିତରକୁ ଜଣେ ଯିବା ପାଇଁ, ଯଥେଷ୍ଟ ମୁଣ୍ଡ ନୁଆଁଇବାକୁ ପଡୁଥିଲା । ଏଇ ସଙ୍କୀର୍ଣ୍ଣ ଘରଟି ଭିତରେ ଗୋଟାଏ ସତରଞ୍ଜି ସଦାବେଳେ ବିଛାଆ ହୋଇ ରହୁଥିଲା । ଏବଂ ଗରମ ହାଓ୍ୱା ବହିବା ଦିନମାନଙ୍କରେ ଗାଲିବ ସେଇ ଘରଟି ଭିତରେ ସକାଳ ଦିନ ଦଶଟାଠାରୁ ଅପରାହ୍ନ ଗ୍ରଟା ପର୍ଯ୍ୟନ୍ତ ରହୁଥିଲେ । ଥରେ ରାମଜାନର 'ଉପବାସୀ' ରହିବା ମାସରେ ଖରା ଋତୁରେ, ମଧ୍ୟାହ୍ନରେ, ମୁଫ୍‌ତି ସଦ୍‌ରୁଦ୍ଦିନ ଅଜୁରଦା ତାଙ୍କୁ ସାକ୍ଷାତ କରିବାକୁ ଆସିଲେ । ସେତେବେଳେ ସେଇ ଗୁମ୍‌ଟି ଘର ଭିତରେ ଥିଲେ ସେ । ଜଣେ ବନ୍ଧୁଙ୍କ ସାଙ୍ଗରେ ଶତରଞ୍ଜ ଖେଳ ଖେଳୁଥିଲେ । ମୌଲନା ସେ ଗୁମ୍‌ଟି ଘର ଭିତରକୁ ଗଲେ ଏବଂ 'ଉପବାସୀ' ରହିବା ମାସରେ ଖେଳୁଥିବା ଦେଖି, କହିଲେ—ମୁଁ ହାଡିଥରେ ପଢିଚ, ରାମଜାନ

ବେଳେ ସଇତାନକୁ କୋଳପ ପକେଇ ରଖାହୁଏ । କିନ୍ତୁ 'ହାଡ଼ିଥ୍'ଙ୍କର ଏଇ ମୌଳିକତା ସମ୍ପର୍କରେ ମୋର ବର୍ତ୍ତମାନ ଘୋର ସନ୍ଦେହ । "ନା, ମୋର ସମ୍ମାନନୀୟ ବନ୍ଧୁ," ଗାଲିବ ଉତ୍ତର ଦେଲେ—ହାଡିଥ ସମ୍ପୂର୍ଣ୍ଣ ଭାବେ ବିଶୁଦ୍ଧ । କେବଳ ତୁମେ ଏତିକି ଜାଣିବା ଦରକାର : ଏଇ ରୁମ୍‌ଟି ହେଉଛି ସେଇ ଜାଗା ଯେଉଁଠି ସଇତାନକୁ କୋଳପ ପକେଇ ରଖାହୁଏ ।"

ଗାଲିବ କେବେହେଲେ 'ସୁରା'କୁ ପ୍ରଶଂସା କରୁ ନ ଥିଲେ କି ପିଆପିଇ କରୁଥିବାରୁ ପ୍ରଗଳ୍‌ଭତାରେ ନିଜକୁ ଜଣେ ପାପି ବୋଲି କହୁ ନ ଥିଲେ ! କିନ୍ତୁ ସେ ପିଉଛନ୍ତି ଏକଥା କେବେହେଲେ ଲୁଚେଇବାକୁ ଚେଷ୍ଟା କରୁ ନ ଥିଲେ । ଥରେ ତାଙ୍କର ଏ ଖରାପ ସ୍ୱଭାବ ଯୋଗୁଁ ଜଣେ ଗାଳି ଗୁଲଜ କଲା ଯେତେବେଳେ, ଜଣେ ନିରପରାଧଙ୍କ ପରି ସେ ପ୍ରଶ୍ନ କଲେ : କ'ଣ ଖରାପ ହେଇଗଲା ଏଥିରେ ? ତାଙ୍କୁ ଉତ୍ତର ଦିଆଗଲା—ମଦ୍ୟପଙ୍କ ପ୍ରାର୍ଥନା ଶୁଣାଯାଏ ନାହିଁ । 'ବନ୍ଧୁ !' ସାଙ୍ଗେ ସାଙ୍ଗେ ଜବାବ ଦେଲେ ଗାଲିବ—'ପିଇବା ପାଇଁ ଯାହା ପାଖରେ ମଦ ଅଛି, ତା'ର ପ୍ରାର୍ଥନାରେ ପ୍ରୟୋଜନ କ'ଣ ?' ଆମେ ଜାଣୁ ନା ତାଙ୍କ ପିଇବା ଅଭ୍ୟାସର ସାଙ୍ଗ ସାଥି କେତେ ଜଣ ଥିଲେ । କିନ୍ତୁ ତାଙ୍କ ଘରକୁ ଆସୁଥିବା ଅତିଥିମାନଙ୍କୁ 'ସୁରା' ଯାଚିବାର କୌଣସି ପ୍ରମାଣ ପତ୍ର ନାହିଁ । ତାଙ୍କ ସହିତ ଅଳାପ କରି ଆନନ୍ଦ ଅନୁଭବ କରିବା ପାଇଁ ତାଙ୍କ ବନ୍ଧୁମାନେ ସାଧାରଣତଃ ସନ୍ଧ୍ୟାବେଳେ ଆସୁଥିଲେ, ଯାହା ତାଙ୍କ ମାତଲମିରେ ଅଧିକ ଆକର୍ଷଣୀୟ ହେଉଥିଲା । ମଦ କିଣିବା ପାଇଁ କରଜ ନେଉଥିବା ଯୋଗୁଁ ଥରେ ତାଙ୍କ ଋଣଦାତାମାନେ ଅଦାଲତରେ ନାଲିଶ କଲେ । ବିଚାରକ ଥିଲେ-ମୁଫ୍‌ତି ସଦରୁଦ୍ଦିନ ଅଜରୁଦା । ଅଭିଯୋଗ ପତ୍ରର ଜବାବରେ ଗାଲିବ ତାଙ୍କର ଗୋଟିଏ ପଦ ଆବୃତ୍ତି କରିଥିଲେ :

ବାସ୍ତବିକ ମୁଁ କାଳିବାସି କରି ପିଇଛି
କିନ୍ତୁ ଏହା ବି ନିଶ୍ଚିତ ଭାବେ ଜାଣେ,
ବଦଖର୍ଚ୍ଚ'ର ଗରିବୀପଣିଆ ମୋ' ପାଇଁ
ଧ୍ୱଂସ ଆଣିବ ନିଶ୍ଚେ ଦିନେ ନା ଦିନେ ।

ବିଚାରପତି ହସିଲେ । ଅଭିଯୋଗକାରୀଙ୍କ ସପକ୍ଷରେ ମକଦ୍ଦମାର ରାୟ ଦେଲେ ଏବଂ ଦାବୀ କରାଯାଇଥିବା ଟଙ୍କାତକ ନିଜ ପକେଟରୁ ପୈଠ କଲେ ।

୧୮୩୫ରେ ଗାଲିବଙ୍କ ବିପକ୍ଷରେ ତାଙ୍କ ଋଣଦାତାମାନଙ୍କୁ ଡ଼ିଗ୍ରୀ ଦିଆଗଲା । ସମ୍ମାନାସ୍ପଦ କରଜଦାରମାନଙ୍କୁ ସେମାନଙ୍କ ଘରେ ଗିରଫ କରିବା ଉଚିତ ମନେକରି-

ଯାଉ ନ ଥିଲା । କିନ୍ତୁ ଦିନ ବେଳେ ଯଦି ସେମାନଙ୍କ ଘର ବାହାରେ କୋଉଠି ଦେଖାଇ ଦିଆଯାଇ, ଚିହ୍ନେଇ ଦିଆ ଯାଉଥିଲା ତେବେ ସେମାନଙ୍କୁ ଗିରଫ୍ କରି-ଯାଇ ପାରୁଥିଲା । ସେଥିପାଇଁ ଗାଲିବ ଘର ଭିତରେ ଲୁଚି ରହିବାକୁ ବାଧ ହେଉ-ଥିଲେ ଏବଂ କେବଳ ଅନ୍ଧାର ହେଲା ପରେ, ତାଙ୍କ ବନ୍ଧୁମାନଙ୍କୁ ସେ ଭେଟିବାକୁ ଯାଉଥିଲେ । କେତେଦିନ ଏଇପରି ଗଲା ଆମେ ନିର୍ଦ୍ଦିଷ୍ଟ ଭାବେ କିଛି ଜାଣୁନା । କିନ୍ତୁ ଏପରି କିଛି ଅପରାଧ ଥିଲା, ସମ୍ମାନାସ୍ପଦ ବ୍ୟକ୍ତିଙ୍କୁ ସେମାନଙ୍କ ଘରେ ମଧ୍ୟ ଗିରଫ କରାଯାଇ ପାରୁଥିଲା । 'ପଣ' ରଖି ସତରଞ୍ଜ ଖେଳିବାକୁ ଗାଲିବ ଭଲ ପାଉଥିଲେ । ଏହା ସମ୍ପୂର୍ଣ୍ଣ ଭାବେ ଜୁଆ ଖେଳିଥିଲା ଏବଂ କୋତୱାଲ ହୁଏତ ନିଜ କର୍ତ୍ତବ୍ୟ କରିବାରେ ଅତିଶୟ ତତ୍ପର ଥିବା ଯୋଗୁଁ କିମ୍ବା ଗାଲିବଙ୍କ ପ୍ରତି ଶତ୍ରୁତା ଥିବା ଯୋଗୁଁ, ସେ ଖେଳୁଥିବା ଅବସ୍ଥାରେ ତାଙ୍କୁ ଥରେ ଧରି ଆଣି ଜେଲ୍‌ରେ ପୂରେଇ ଦେଲା । ବିଚାର-ପତିଙ୍କ ପାଖରେ ଯେତେବେଳେ ମକଦ୍ଦମା ପଡିଲା, ଗାଲିବ ଦୋଷୀ ସାବ୍ୟସ୍ତ ହେଲେ ଏବଂ ତାଙ୍କୁ ଛଅ ମାସ କଠିନ କାରାଦଣ୍ଡ ଆଦେଶ ହେଲା ଏବଂ ଦୁଇଶହ ଟଙ୍କା ଅର୍ଥ ଦଣ୍ଡ ଦେବାକୁ ସକ୍ଷମ ନ ହେଲେ ଏଇ ଜେଲଦଣ୍ଡ ଆହୁରି ଛଅମାସ ପାଇଁ ବଢେଇ ଦିଆଯିବ । ଅତିରିକ୍ତ ପଚାଶ ଟଙ୍କା ଜୋରିମାନା ଦେଲେ କାରାଦଣ୍ଡକୁ ସରଳ କରି ଦିଆଯିବ । ମାତ୍ର ତିନିମାସ ପାଇଁ ତାଙ୍କର ଏଇ ସରଳ କାରାଦଣ୍ଡ ପ୍ରକୃତ ପକ୍ଷେ ଏକ-ପ୍ରକାର 'ଗୃହବନ୍ଦୀ' ପରି ଥିଲା । ବନ୍ଧୁମାନେ ତାଙ୍କୁ ଦେଖା କରିପାରୁଥିଲେ । ତାଙ୍କ ନିଜ ଘରେ ରନ୍ଧା ହେଉଥିବା ଖାଦ୍ୟ ସାମଗ୍ରୀ ତାଙ୍କୁ ପରିବେଷଣ କରାହେଉଥିଲା । ଏ ସବୁ ଘଟିଥିଲା ୧୮୪୭ରେ, ଗାଲିବଙ୍କୁ ଯେତେବେଳେ ପଚାଶ ବର୍ଷ ଏବଂ ଦିଲ୍ଲୀର ଅଭିଜାତ ଗୋଷ୍ଠୀଙ୍କ ଭିତରେ ଖୁବ୍ ଜଣାଶୁଣା ଲୋକ ଥିଲେ ସେ । ତାଙ୍କୁ ଖଲାସ କରିଦେବା ପାଇଁ ସୁପାରିସ କରି ସମ୍ରାଟ ବାହାଦୁର ଶାହା ନିଜେ ରାଜପ୍ରତିନିଧିଙ୍କୁ ଲେଖିଥିଲେ । କିନ୍ତୁ କୌଣସି ବ୍ୟବସ୍ଥା କରିଯାଇ ପାରି ନ ଥିଲା । କାରଣ ଅଦାଲତରେ 'କେସ୍' ଅମୀମାଂସିତ ଅବସ୍ଥାରେ ପଡି ରହିଥିଲା । ଯାହା ହେବା କଥା, ଜେଲଦଣ୍ଡ ଗାଲିବଙ୍କୁ ଏକ ବଡ଼ରକମର ଧକ୍କା ଦେଇଥିଲା । ନିଜ ବିରୁଦ୍ଧରେ ଯାହା ମନକୁ ଆସିଲା, ତାଙ୍କ ବନ୍ଧୁମାନଙ୍କୁ ସେ କହୁଥିଲେ ମଧ୍ୟ । ନିଜର ସାମାଜିକ ସ୍ଥିତି ସମ୍ବନ୍ଧରେ ଖୁବ୍ ସମ୍ବେଦନଶୀଳ ହୋଇ ପଡିଥିଲେ । ସେ ଯାହା ତାଙ୍କୁ ସେଇଆ ହୋଇ ରହିବା ପାଇଁ ନ ଦେବା ଯୋଗୁଁ ଯେପରି ଦଣ୍ଡ ଦିଆଗଲା ତା' ବିରୁଦ୍ଧରେ ପ୍ରତିକ୍ରିୟା ପ୍ରକାଶ କରି ଅତି ବେଖାତିରିଆ ଢଙ୍ଗରେ ଲିଖିତ ତାଙ୍କର ଗୋଟିଏ ଟିକ ଦୀର୍ଘ ପାର୍ସିଆନ 'କ୍ୱାସିଦାସ' ଥିଲା :—

ମୁଁ ମଣିଷ ସ୍ୱଭାବ ପାଇଛି
ଜନ୍ମ ହେଇଛି ମଣିଷ ହେଇ,
ଏବଂ ମୁଁ ଗର୍ବିତ ଯେ, ଯେତେପାପ ସବୁ

କରି ପାରିବି ମୁଁ ତାଆ ବି କରେ,
ଦ୍ରାକ୍ଷାଲତାର ପୂଜା ମୁଁ କଦାପି
କେବେ ଛାଡ଼ି ଦେବି ନାହିଁ,
ଝଡ଼ ବୃକ୍ଷବୃନ୍ଦ ଗଡ଼ିଆ ଭିତରେ
ଡୁବିଥିବି ସଦାବେଳେ ।

ଗାଲିବ ନିଜକୁ ବିବିଧ ଦୃଷ୍ଟି କୋଣରୁ ଦେଖୁଥିଲେ । ସର୍ବଗୁଣସମ୍ପନ୍ନ ପରମ ପୁରୁଷଙ୍କ ଉପଦେଶର ଅନୁଗାମୀ ଭାବରେ, ଜୀବନର ଆନନ୍ଦକୁ 'ପାନ' ମଙ୍ଗ ଯାଏଁ ପୂର୍ଣ୍ଣ କରି ଉପଭୋଗ କରିବା, ଗୋଟିଏ ଅସହାୟ ପ୍ରାଣୀ ଯାହାର ସ୍ଥିତିକୁ ଏକ ଶାସ୍ତି ବୋଲି ବିଧାନ କରାଯାଇଛି, ପୁଣି କୌଣସି ଜଣେ ବ୍ୟକ୍ତି ଯିଏ ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଉପଭୋଗ କରିବାକୁ ଚାହିଁଲେ ତାକୁ ସେ ସୁଯୋଗ ଦିଆଯାଉ ନାହିଁ ।

"ସୃଷ୍ଟି କର୍ତ୍ତା ମତେ ଦେଇଥିବା ଶତ ସହସ୍ର ପ୍ରବୃତ୍ତିରୁ ଗୋଟିଏ ହେଲେ ବି ଲକ୍ଷ୍ୟହୀନ ଭାବେ ଘୂରି ବୁଲିବା, ଉତ୍ସର୍ଗୀକୃତ ତ୍ୟାଗ ବା ମହାନୁଭବତା, କୌଣସିଟି ହେଲେ ସୁସ୍ପଷ୍ଟ ନୁହେଁ । ଗୋଟିଏ ବାଡ଼ି ଧରି, ଖଣ୍ଡିଏ କମ୍ବଳ ସହିତ ଟିଣ ବା ଦଉଡ଼ିଟିଏ ବାନ୍ଧି, ଏଇକ୍ଷଣି ସିରାଜ, ଏଇକ୍ଷଣି ଇଜିପ୍ଟରେ, ଏଇକ୍ଷଣି ନଜାଫ୍‌ରେ ଦେଖା ଦେବା ପାଇଁ ପଦଯାତ୍ରାରେ ବାହାରିବା ଲାଗି ଶାରୀରିକ ଶକ୍ତି ମୋର ନାହିଁ । କିମ୍ବା ସମଗ୍ର ପୃଥିବୀର ଆତିଥେୟତା କରିବା ଲାଗି ସମ୍ବଳ ମଧ୍ୟ ମୋର ନାହିଁ । ମୁଁ ଯଦି ସମସ୍ତଙ୍କ ପାଇଁ ନିଜକୁ ଦାୟିତ୍ୱଶୀଳ କରି ନ ପାରିଲି ମୋର ଅନ୍ତତଃ ଦେଖିବା ଉଚିତ, ଯେଉଁ ସହରରେ ମୁଁ ରହୁଛି, ସେଠି ଜଣେ ହେଲେ କେହି ନ ଖାଇ, ନ ପିନ୍ଧି ରହୁ ନାହାନ୍ତି ।" ପରିଭ୍ରମଣ କରିବାପାଇଁ ଗାଲିବଙ୍କର ପ୍ରବୃତ୍ତି ନ ଥିଲା । ଯାହା ସେ ଭଲ ପାଉଥିଲେ ତା' ନିଶ୍ଚୟ ହେଲା— ଘରେ ବସି ତାଙ୍କର ବନ୍ଧୁମାନଙ୍କ ସହିତ ଆଲାପ ଆଲୋଚନା କରିବା । ତାଙ୍କ ପାଖକୁ ଯେଉଁମାନେ ଆସୁଥିଲେ ତାଙ୍କୁ ସନ୍ତୋଷ ଦେବା ଲାଗି ସେ ଖୁବ୍ ସତର୍କ ରହୁଥିଲେ । ହେଲେ ତାଙ୍କ କାର୍ଯ୍ୟକଳାପର ଗାମ୍ଭୀର୍ଯ୍ୟପୂର୍ଣ୍ଣ କେନ୍ଦ୍ରସ୍ଥଳୀ ଥିଲା ତାଙ୍କ କୋଠରୀ କିମ୍ବା ବାରଣ୍ଡା । ସେ କୌଣସି ରକମର ଶାରୀରିକ ବ୍ୟାୟାମ କରୁ ନ ଥିଲେ ଏବଂ ଏଥିସହିତ ସମ୍ପୂର୍ଣ୍ଣଭାବେ ମାଂସ ଓ ରୁଟିର ଖାଦ୍ୟ ସାମଗ୍ରୀ ନିଶ୍ଚିତ ଭାବେ ତାଙ୍କ ସ୍ୱାସ୍ଥ୍ୟ ହାନି କରିଥିଲା । ତାଙ୍କ ଜୀବନର ଶେଷ କେତେକ ବର୍ଷ ଲେଖିଥିବା ଚିଠି ଗୁଡ଼ିକରେ ସେ ବରାବର ପୀଡ଼ା ଏବଂ ସାମର୍ଥ୍ୟହୀନତା ସମ୍ପର୍କରେ ଯାହା ଉଲ୍ଲେଖ କରୁଥିଲେ ତା' ମୂଳରେ କାରଣ ଏଇଆ ହୋଇଥିବ ବୋଲି ଅନୁମାନ କରିହୁଏ । ତାଙ୍କ ଉଦାରତା ସମ୍ପର୍କରେ ସନ୍ଦେହ କରିବାର କିଛି ନାହିଁ । କୌଣସି ଭିଖାରୀ ଖାଲି ହାତରେ ତାଙ୍କ ଦୁଆରୁ ଫେରି ଯାଉ ନ ଥିଲେ । ବନ୍ଧୁବାନ୍ଧବ ଓ ସାଙ୍ଗ ସାଥିଙ୍କ ପାଇଁ ଯାହା କରିବା କଥା ସେ ସବୁ କରୁ-

ଥିଲେ ଏବଂ ତାଙ୍କର ଆର୍ଥିକ ଦୁର୍ଗତିର ପ୍ରଧାନ କାରଣ ଥିଲା ତାଙ୍କର ଅପରିଣାମଦର୍ଶୀ ମହାନୁଭବତା ।

ଆମମାନଙ୍କ ସମୟରେ ସାମାଜିକ ଦର୍ଶନଶାସ୍ତ୍ରର ଉଦ୍‌ଭବ ହୋଇଥିଲା ଯାହା କବିତା ଓ କବିମାନଙ୍କୁ ଗୋଟିଏ ଅନୁଷ୍ଠାନ ସହିତ ସମ୍ପୃକ୍ତ କରୁଥିଲା । ଯାହା ସେମାନଙ୍କୁ ସମାଜ ଓ ଦେଶର ସେବା କରିବାରେ ସାହାଯ୍ୟ କରୁଥିଲା । ଏ' ସେବାର ଲକ୍ଷ୍ୟ, ଉଚ୍ଚମାନର ଥିଲା ବୋଲି କଳ୍ପନା କରାଯାଇ ପାରେ । କିନ୍ତୁ ସେ ସବୁ ଜଣେ କବିକୁ, ତା' ନିଜସ୍ୱ ସ୍ୱାଧୀନତା ରକ୍ଷା କରିବାରୁ ବଞ୍ଚିତ କରେ । ଅପର ପକ୍ଷରେ ଏପରି ସବୁ ଦୋଷଦର୍ଶୀ ମତବାଦ ଅଛି ଯାହା କି ଜଣେ କବିକୁ ତା' ଜୀବନଠାରୁ ଏତେ ଦୂରକୁ ନେଇଯାଏ ଯେ, ଐତିହାସିକ ସଙ୍ଗତି ଦୃଷ୍ଟିରୁ ଜଣେ ସାମାଜିକ ପ୍ରାଣୀଭାବେ ରହିବାରୁ ସେ ବଞ୍ଚିତ ହୁଏ ଏବଂ ଗୋଟିଏ କାଳଜୟୀ କଳା ଭାବେ ପ୍ରଶଂସିତ ହେବା ଉଚିତ ବୋଲି ବିବେଚିତ ହୁଏ । ଦେଶର ରାଜନୈତିକ ଘଟଣା ପ୍ରବାହ ସହିତ ଗାଲିବ ସମ୍ପୃକ୍ତ ନ ଥିଲେ ଏବଂ ଅବସ୍ଥା ଚକ୍ରରେ ବ୍ରିଟିଶ ଶାସନର ନ୍ୟସ୍ତ କରଣକୁ ଗ୍ରହଣ କରି ନ ଆସିବା ଉଚିତ ବୋଲି ସେ ଭାବୁଥିଲେ । ଆମେ ତାଙ୍କୁ ସମାଲୋଚନା କରିପାରୁ କିନ୍ତୁ ସେ ସମୟର ପରିସ୍ଥିତି ସମ୍ପର୍କରେ ଆମେ ଯଦି ବାଛି ବସିବା, ତେବେ ତାଙ୍କର ସମସାମୟିକ କୌଣସି ବ୍ୟକ୍ତିବିଶେଷର ଦେଶବତ୍ସଳତାକୁ ବିଚାରକୁ ନିଆ-ଯାଇ ପାରେ ବୋଲି ଭୁଲିଯାଇ, ବିଚାର କରି ବସିଲେ ଦେଖିବା, ସେତେବେଳେ ସଂସ୍କାରକମାନେ ମଧ୍ୟ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ସଦ୍‌ଗୁଣ ସମ୍ପର୍କରେ ଆସ୍ଥାବାନ ହୋଇ ତା'ର ସୁଦୃଢ଼ତା ଉପରେ ନିଜର ବିଶ୍ୱାସ ଓ ଭରସା ରଖିଥିଲେ । ଆମେ ଗାଲିବଙ୍କୁ ସମାଲୋଚନା କରିପାରିବା କାରଣ ଯୋଉ ସବୁ ସାମାଜିକ ଦୋଷ ଦୁର୍ବଳତାର ମୂଳୋତ୍ପାଟନ ଦରକାର ପଡୁଥିଲା, ସେ ସବୁ ସମ୍ପର୍କରେ ସେ ଆଦୌ ଅବଗତ ରହୁ ନ ଥିଲେ । ଯଥା— ଅନ୍ଧ ବିଶ୍ୱାସ, ସର୍ବସାଧାରଣଙ୍କୁ ଶୋଷଣ କରିବା, ବ୍ୟଭିଚାର ଏବଂ ସମସାମୟିକ ସଂସ୍କାର ସମ୍ବନ୍ଧୀୟ ଆନ୍ଦୋଳନକୁ ବୁଝିବା ପାଇଁ କୌଣସି ଆଗ୍ରହ ପ୍ରକାଶ ନ କରିବା । ସର୍ବସାଧାରଣଙ୍କ ସମସ୍ୟାଠାରୁ ଗାଲିବ ନିଜକୁ ଅଲଗା କରି ରଖୁଥିଲେ । ୧୮୫୭ରେ ବିପଦ ସଙ୍କୁଳ ମାସମାନଙ୍କରେ ମହା-ନଗରୀ ନାନା ହଟ୍ଟଗୋଳ ଭିତରେ ବିଶୃଙ୍ଖଳିତ ହୋଇ ପଡିଥିଲା ଯେତେବେଳେ, ତାଙ୍କ ନିଜ ଘରଟି ଭିତରେ ସେ ନିଶ୍ଚିନ୍ତରେ ରହୁଥିଲେ । କିନ୍ତୁ ତାଙ୍କ ସମୟର ଅବସ୍ଥା ସମ୍ପର୍କରେ, ତାଙ୍କ ଦୃଷ୍ଟିଭଙ୍ଗୀ ଏବଂ ମନସ୍ତାପ ସମ୍ପର୍କରେ ତଳଲିଖିତ ଗଜଲରୁ ଯାହା ବୁଝା ପଡୁଛି, ବହୁତ କମ୍ ଲୋକ, ଏପରିକି ତାଙ୍କର ପ୍ରଶଂସକ-ମାନଙ୍କୁ ଜଣା ଥିଲା, କାରଣ ତାଙ୍କ ରଚନାର ଶେଷ ନିର୍ବାଚନରୁ ତାହା ବାଦ୍ ଦିଆ-

ଯାଇଥିଲା । ଏହା ଲକ୍ଷ୍ୟ କରାଯିବା ଉଚିତ ୧୮୬୨ ପୂର୍ବରୁ ସେ ସମସ୍ତ ଲେଖା-ହୋଇଥିଲା ଏବଂ ପରେ କେବଳ ଶେଷ ଦୁଇଟି ପାଦ ସଂଯୋଗ କରାଯାଇଥିଲା ।

ନିଜ ହୃଦୟକୁ ଖୋଜି ଦେଖ
          ଉଦାସୀନତାର ମୂଳ କ'ଣ ପର୍ଯ୍ୟରନା
କେବଳ ଗୋଟିଏ ଦର୍ପଣ ହୁଅ,
ଧାର୍ମିକ ଲୋକ କଥା ଅନୁସାରେ
          ପ୍ରତିମୂର୍ତ୍ତିର ଉଜ୍ଜ୍ୱଳ ଛବି ଆଙ୍କନା

ଫୁଲରେ ଫୁଲରେ ଦର୍ଶି ବେଏଣ
          ଉତ୍ଫୁଲ୍ଲ ଥିଲ,
ସିଂହାସନର ଆସନ ସେ ପରି ।

ଆହା, ସେଇ ଗୌରବମୟ
          ଦିନ ଗୁଡ଼ିକରେ,
ସୁନ୍ଦରୀମାନେ ଏଠି ଯେବେ ମିଶୁଥିଲେ ।
ମୁଁ ଉଡ଼ି ପଳେଇବନି
ପଳାୟନ ଏକ ଜ୍ୱରାକ୍ରାନ୍ତକ ଦୁଃଖ
ଅନେଶ୍ୱାସୀ ପୀଡ଼ାର କୋହରୁ
ଏକ ନିଷ୍କୃତି ପରି ସେ କି ଭୟାନକ ।

ମୋ ବହାଟି ଯୋଉ ନଡ଼ା ଗୋଛିକରେ ତିଆରି
ତା' ଭିତରେ ତାପ ହେଲାପରି ଧକ ଧକ ।
ତୁମ ନିଷ୍ଠାର ଆକର୍ଷଣକୁ, ଅଭ୍ୟାସ କର
କଳ୍ପନାକର 'ପୋକ' ତା' ହୃଦୟରେ ବି
          ରକ୍ଷିତ ବସନ୍ତ
ଆଉ ବେଶୀ ଭାବ ନାହିଁ
ପ୍ରଲାପକାରୀ ସେ ଜନଷଟି
          ନିଜ ନିଆଁରେ ହିଁ ଆପେଇ ଜ୍ୱଳନ୍ତ ।

ଆମର ଯେତେକ ମନର ଜଡ଼ତା
ନ୍ୟାୟ ପରାୟଣତା
ନିକଟର ଏକ ପାଖରେ ଆମେ ତା'
          ପାରିବା ରଖି

ହେ ପ୍ରଭୁ, ଦୟାବାନ,
ସେ ପାଖର କଥା କ'ଣ ?

ଆମ ନିଦ୍ରାର ଗୁରୁତ୍ୱ କେତେ
    ଗଣନା କର ନା ଦେଖି ।

ହୃଦୟ ଉପରେ ପ୍ରତିଟି ଟିକା
    ଜ୍ୱଳନ୍ତ ନିଆଁ ଖୁଣ୍ଟା
ଆଉ ଏକ ହୃଦୟର ନିଆଁ ଖୁଣ୍ଟା
    ହେବ ବୋଲି ରହେ ଗୁହିଁ
ସ୍ଥିତ କି ବିଶାଳ ହୋଇପାରେ
    ପରୀର ନା ତା'
ସମ୍ମୁଖୀନ ଯେ ଦୁଃଖ ବେଦନାର
    ଅଗ୍ନି ପରୀକ୍ଷା ପାଇଁ ।

ଶୋକାକୁଳ ମୋର ଘରର କାନ୍ଥ
    ଏବଂ ଦୁଆର ବାଟ
ଅତିଶୟ ଭାବେ ମେଲି ଯାଇଥିବା
    ଘାସର ପଡ଼ିଆ ପରି
ଯେତେବେଳେ ଏଠି ବସନ୍ତ ଅଛି
କିଆଁ ପରୀରୁତ କେମିତି ଶରତ ଋତୁ
    ଟିକିଏ ଦେଖିବ ବୋଲି ।

ପୂରାପୂରି ଅତି ନୈରାଶ୍ୟରେ
ଦୁର୍ବଳ ମୁଁ । ଈର୍ଷା କରେ······
କ୍ଲାନ୍ତ, ଶ୍ରାନ୍ତ ପଛକୁ ସେ ରହିଯାଏ,
ଦୁର୍ବାର ଏତେ ରାସ୍ତା,
ସାଙ୍ଗ ସାଥି କିଆଁ ଏତେ ନିର୍ମମ ହାସ୍ୟ ।

ବ୍ରିଟିଶ୍‌ମାନେ ମହାନଗରୀକୁ ପୁଣି ଦଖଲ କରିନେଲା ପରେ ଗାଲିବ ଅତ୍ୟଧିକ ମାନସିକ ଯନ୍ତ୍ରଣା ଭିତରେ ରହିଲେ । କାରଣ ତାଙ୍କ ବନ୍ଧୁମାନଙ୍କ ଭିତରୁ ଅନେକ ନିରୀହ ଥିଲେ ବି ଅନ୍ଧ ଓ ନିଷ୍ଠୁର ଦମନର ଶିକାର ହୋଇଥିଲେ । ଜାତୀୟତାବାଦୀ ଏବଂ ଗଣତାନ୍ତ୍ରିକ ବିଚାର ଦୃଷ୍ଟିରୁ, ଶ୍ଳୋଗାନ ଦ୍ୱାରା ଅତ୍ୟଧିକ

ସ୍ୱାକାନ୍ତ ମନ ଓ ଭାଷଣରେ, ଗାଲିବ ନିଜକୁ ଜଣେ ନାଗରିକ ବୋଲି ଉଚ୍ଚାଭିଳାଷ ପୋଷଣ କରୁ ନ ଥିଲେ । ତାଙ୍କ ବନ୍ଧୁମାନଙ୍କର ବନ୍ଧୁ ହୋଇ ରହିବାଟା ହିଁ ତାଙ୍କ ପକ୍ଷରେ ଯଥେଷ୍ଟ ଥିଲା । ଗୋଟିଏ ଚିଠିରେ ସେ ଲେଖିଥିଲେ, "ଆଦାମର ପ୍ରତ୍ୟେକ ସନ୍ତାନ ମୁସଲିମ୍ ହେଉ, ହିନ୍ଦୁ କିମ୍ବା ଖ୍ରୀଷ୍ଟିୟାନ ହେଉ, ମୁଁ ତାକୁ ଭଲପାଏ ଏବଂ ମୋ'ର ଭାଇ ବୋଲି ମନେକରେ । ଅନ୍ୟମାନେ ଏହା ବିଶ୍ୱାସ କରନ୍ତୁ କି ନାହିଁ ମୁଁ ପରବାଏ କରେ ନାହିଁ"। ସମାଜର ଉନ୍ନତି ପାଇଁ ସେ ତାଙ୍କ ବ୍ୟକ୍ତିଗତ ସମ୍ପର୍କ ଛଡ଼ା ଆଉ କିଛି ଚିନ୍ତା କରୁ ନ ଥିଲେ । ତାଙ୍କ ବନ୍ଧୁତାକୁ ଅତି ଗଭୀର ଭାବେ ସେ ପ୍ରାଧାନ୍ୟ ଦେଉଥିଲେ ଏବଂ ତାଙ୍କ ବନ୍ଧୁମାନଙ୍କର ଇଚ୍ଛା ପ୍ରତି ବଡ଼ ସମ୍ବେଦନଶୀଳ ଥିଲେ । ତାଙ୍କ ଚିଠିରେ ସେ ଦାର୍ଶନିକ ପ୍ରଶ୍ନ କିମ୍ବା ସର୍ବସାଧାରଣଙ୍କ ପାଇଁ ଗୁରୁତ୍ୱ-ପୂର୍ଣ୍ଣ କଥାମାନଙ୍କର ଆଲୋଚନା କରୁ ନ ଥିଲେ । ଭାବନା ଏବଂ ବିଶ୍ୱାସରେ ଭାଗୀ ହେବା ତାଙ୍କ ବନ୍ଧୁତା ଧାରଣାର ଅଂଶ ବିଶେଷ ନ ଥିଲା । ଏହା ଏକ ପ୍ରକାର ମାନବୀୟ ସମ୍ପର୍କ ଥିଲା । ବୌଦ୍ଧିକ ଏକାତ୍ମାର ସମ୍ପର୍କ ଯାହା ସୃଷ୍ଟି କରି ପାରିବ, ତା'ଆଠାରୁ ଆହୁରି ବାସ୍ତବ ଆହୁରି ସ୍ୱଚ୍ଛ ଏବଂ ସୁନ୍ଦର ଯାହା ଜନତାକୁ ଅଭିଭୂତ କରିଦେଇପାରେ ।

ଆମେ ଯାହା ଦେଖିବାକୁ ପାଇଁଛୁ, ଗାଲିବ, ପାରୁପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ-ଦିନାନଙ୍କୁ ଅନୁମାନ କରିବାକୁ ଚେଷ୍ଟା କରୁଥିଲେ ୧୮୬୭ରେ ଲେଖିଥିବା ଗୋଟିଏ ଚିଠିରେ ସେ କହିଛନ୍ତି—

"ବର୍ତ୍ତିମାନ ମୁଁ ପ୍ରାୟ ମରିବାକୁ ବସିଛି । କ୍ୱଚିତ୍ କିଛି ଖାଉଛି । ଏବଂ ରୋଗ ମତେ ଏକ ପ୍ରକାର କାବୁ କରି ଦେଇଛି । ମୋ ବୟସ ୭୩ ।" ଈଶ୍ୱରଙ୍କ ପାଖରୁ ଆମେ ଆସିଛୁ, ଈଶ୍ୱରଙ୍କ ପାଖକୁ ଆମେ ଫେରିଯିବୁ । 'ପିର-ଇ-ଖରଫ୍'ର ଉର୍ଦ୍ଦୁ ଅନୁବାଦ ହଉଛି, ସତୁରି-ଏକସ୍ତରି କିମ୍ବା ଜରାଗ୍ରସ୍ତ ବୃଦ୍ଧ । ମୋ ବୟସ ତେସ୍ତରି । ତେଣୁ ପରମୋତ୍କର୍ଷ ଭାବେ ଜରାଗ୍ରସ୍ତ । ମୋ' ସ୍ମରଣ ଶକ୍ତି ଚାଲି ଯାଇଛି । ଯେପରି ମନେ ହେଉଛି, ମୋର କେବେହେଲେ ନ ଥିଲା । ମୋ ସ୍ମରଣ ଶକ୍ତି ପରି ଶୁଣିବାରେ ବି ବହୁ କଷ୍ଟ ହେଉଛି । ବର୍ତ୍ତିମାନ ମୋ ଶ୍ରବଣ ଶକ୍ତି ପ୍ରାୟ କ୍ଷୟ ପ୍ରାପ୍ତ । ପ୍ରାୟ ଏକମାସ ଧରି ଯୋଉ ବନ୍ଧୁମାନେ ମତେ ଦେଖିବାକୁ ଆସୁଛନ୍ତି, ତା' ଯଦି ମୋ ସ୍ୱାସ୍ଥ୍ୟ ସମ୍ପର୍କରେ କିଛି ଲୌକିକ ଅନୁସନ୍ଧାନର କଥା ହୁଏ, ତେବେ ସେମାନଙ୍କୁ ଲେଖି ଦେବାକୁ ପଡ଼ୁଛି । ମୋ' ଖାଦ୍ୟ ସାମଗ୍ରୀ ଏକ ପ୍ରକାର କିଛି ନୁହେଁ । ମିଶ୍ରି ଚିନିରେ ତିଆରି ହୋଇଥିବା ଗୋଟିଏ ମିଷ୍ଟାନ୍ନ, ଏବଂ ଚୋପା ଛଡ଼ା ହୋଇ ମିଠେଇ ଶିରାରେ ଭଜା ହୋଇଥିବା କିଛି ଚୂରା ବାଦାମ । ମଧ୍ୟାହ୍ନରେ ପତଳା ମାଂସ ସୁପ୍

କଷ୍ଟ । ସନ୍ଧ୍ୟା ଆଗରୁ ଗୁଣ୍ଠା ଭଜା କବାବ । ଶୋଇବାକୁ ଯିବା ପୂର୍ବରୁ ପାଞ୍ଚ-ତୋଲା ଓଜନର 'ସୁରା' ତା' ସହିତ ସମାନ ଓଜନର ଶୋଲପ ପାଣି । ମୁଁ ଜରା-ଗ୍ରସ୍ତ । ଦୁର୍ବଳ ମନା ଜଣେ ପାପି ଏବଂ କାମାସକ୍ତ । ଅନ୍ୟାୟର ଅନୁଶୋଚନାରେ ମୁହଁ ମୋର କଳା ।''

ତାଙ୍କ ମୃତ୍ୟୁର କାଳ ନିରୂପଣ ୧୮୬୭ କରାଯିବାଟା, ସାହିତ୍ୟିକ ପ୍ରଚେଷ୍ଟାର ଏକ ଅପଚୟ । ସେ ୧୮୬୯ ଫେବୃୟାରୀ ୧୫ ଯାଏଁ ଜୀବିତ ଥିଲେ ।

— —

# ଗାଲିବଙ୍କ କାବ୍ୟିକ ପରମ୍ପରା

ଗାଲିବ ଯେଉଁ କାବ୍ୟିକ ପରମ୍ପରାର ଅବତାରଣା କରିଛନ୍ତି ତାହା ସାହିତ୍ୟ ଓ ସଂସ୍କୃତିଠାରୁ ବହୁ ଊର୍ଦ୍ଧ୍ୱରେ । ମାନବିକ ସ୍ଥିତିର ସମସ୍ୟା ସହିତ ମାନବୀୟ ପ୍ରକୃତିର ପ୍ରତିକ୍ରିୟାଜନିତ ପାରସ୍ପରିକ ସମ୍ବନ୍ଧକୁ ତାହା ଖୁବ୍ ସ୍ପଷ୍ଟ ଭାବରେ ପ୍ରକାଶ କରିଛି ।

ଦର୍ଶନ ଶାସ୍ତ୍ର, ଆଧ୍ୟାତ୍ମିକବାଦ ଓ ନାନ୍ଦନିକତା ପ୍ରଭୃତି ମୂଳତତ୍ତ୍ୱର ମିଶ୍ରଣ ପୁଣି ଆଧିଭୌତିକତାର ଯେଉଁ ମୂଳତତ୍ତ୍ୱ ନିର୍ଣ୍ଣୟ ଓ ଷଣ୍ଢେହ୍ୟାସ୍ମି । ଏ ମିଶ୍ରଣ ହୋଇ-ଥିଲା ମଣିଷର ଅନ୍ତରାତ୍ମା ଭିତରେ । ଧର୍ମର ପରିସର ଭିତରେ ହୋଇ ନ ଥିଲା । ଜ୍ଞାନାନୁଶୀଳତା, ଆଧ୍ୟାତ୍ମିକତା କିମ୍ବା ରୁଚିଶୀଳତାର ପଦ୍ଧତି ଭିତରେ, ଧାର୍ମିକ ସିଦ୍ଧାନ୍ତ ଭିତରେ ନିଶ୍ଚୟ ନୁହେଁ । ସୁତରାଂ ଏଇ କବିତା ମାନବୀୟ ଆତ୍ମ ପ୍ରକାଶ ଏବଂ ଆତ୍ମାନୁଭୂତି । ବ୍ୟକ୍ତିକୁ ବିଚ୍ଛିନ୍ନ କରି ଦେଖିବା ଭିତରେ ଥିଲା ତା'ର ଦୋଷ ତ୍ରୁଟି । ସାମାଜିକ ସମସ୍ୟା ଗୁଡ଼ିକ ପ୍ରତି ତା'ର ଉଦାସୀନତା, ପାରିବାରିକ ସଂସ୍ଥାପ୍ରତି ଅସମ୍ମାନ ଏବଂ ଯୋଉ ମାନସିକ ସୁଖ ଶାନ୍ତି ପାଇଁ ଏସବୁ ଗୃହୀତ ହୋଇଛି, ବିଶୁଦ୍ଧ ଭାବନାପାଇଁ ଅନୁଭୂତିର ସ୍ତରକୁ ଉଠାଇବା କାର୍ଯ୍ୟଟି ମଧ୍ୟ ଯାହାର ଅନ୍ତର୍ଭୁକ୍ତ ।

ଜୀବନକୁ ନେଇ ଏକ ନିର୍ଦ୍ଦିଷ୍ଟ ରୂପ ଏବଂ ଦୃଷ୍ଟିଭଙ୍ଗୀ ପାଇଁ, ଅଣ ଆରବ ମୁସଲିମ୍ ଜଗତରେ ଏଇ କବିତା ପ୍ରଶଂସିତ ହୋଇଥିଲା ଏବଂ ଏସବୁ, ପର୍ସିଅନ କବି ମାନଙ୍କର ଏକ ଅବଦାନ ବୋଲି ବିଚାର କରାଯାଇପାରେ ଏବଂ ପଶ୍ଚିମରେ ତୁର୍କି ମାନଙ୍କ ପରି, ଏବଂ ପୂର୍ବପଟରେ ଭାରତୀୟ ମୁସଲିମମାନଙ୍କ ପରି, ଯୋଉମାନେ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ, ଏହାର ଉତ୍ପତ୍ତିସ୍ଥଳକୁ ବିଭିନ୍ନ ଉତ୍ସ ସହିତ ଚିହ୍ନିତ କରାଯାଇପାରେ ।

କ) 'ଇସଲାମ' ଉପଦେଶାବଳୀରେ ମାନବିକ ଚିନ୍ତନକୁ ଉଭୟ ଆଧ୍ୟାତ୍ମିକ ଓ ଶାରୀରିକ ଜୀବନର ମୂଳଭିତ୍ତି ରୂପେ ଗ୍ରହଣ କରାଯିବା ।

ଖ) ଇସଲାମ ସମ୍ପ୍ରଦାୟରେ ମଣିଷ ଓ ତା'ର ସ୍ରଷ୍ଟାଙ୍କ ଭିତରେ କିମ୍ବା ଗୀର୍ଜା ବା ଧାର୍ମିକ ଜୀବନ ପାଇଁ ପ୍ରତିଷ୍ଠିତ କୌଣସି ସ୍ୱତନ୍ତ୍ର ଅନୁଷ୍ଠାନର ମାଧ୍ୟମ ନ ନେଇ, ସିଧାସଳଖ ସମ୍ପର୍କ ସ୍ଥାପନ ।

ଗ) ରହସ୍ୟାବୃତ ପନ୍ଥା ଏବଂ ଆଇନ ସମ୍ମତ ବିଚାର, ଏ ଉଭୟର ଅବଶ୍ୟମ୍ଭାବୀ ଦ୍ୱନ୍ଦ୍ୱ ଭିତରେ ଧର୍ମର ନିକଟବର୍ତ୍ତୀ ହେବା ।

ଘ) ମଣିଷ ଭିତରେ ଅବିଚ୍ଛେଦ୍ୟ ଭାବେ ଥିବା ସୌନ୍ଦର୍ଯ୍ୟ ବୋଧ ରୁଚି ।

ଙ) ମାନସିକ ସ୍ତରରେ ସମ୍ବେଦନଶୀଳମାନଙ୍କ ଆନୁଗତ୍ୟ ଦାବୀକଲାପରି ସାମାଜିକ ଓ ରାଜନୈତିକ ପ୍ରତିଷ୍ଠାନମାନ ଗଢିବାରେ ବିଫଳତା ।

ମାନବିକ ପ୍ରକୃତି ଜିଦ୍‌ଖୋର ବୋଲି ବିଶ୍ୱାସ କରିବାର ପ୍ରଚଳିତ ପ୍ରଥା ଯାହା ହେଉଥାଉନା କାହିଁକି, ଇତିହାସର ଘଟନା ପ୍ରବାହରେ, ମାନବୀୟ ଚିନ୍ତାଧାରା ଯେତେବେଳେ ବ୍ୟକ୍ତି କେନ୍ଦ୍ରିକ ଥିଲା, ସେଇ ସମୟରେ କବିତା ଓ ଚିତ୍ରକଳା ବିଶେଷ ଭାବରେ ଉନ୍ନତ ଥିଲା । ପ୍ରାଚୀନ ଗ୍ରୀସ୍‌ରେ ଏବଂ ଇଉରୋପର ନବଜାଗରଣ ସମୟରେ ଏବଂ ତା'ର ପରବର୍ତ୍ତୀ ଶତାବ୍ଦୀମାନଙ୍କରେ କବିତା ଏବଂ ବିଭିନ୍ନ ଚିତ୍ରକଳା ବିସ୍ତାରିତ ଭାବେ ଚର୍ଚ୍ଚିତ ହେଉଥିଲା । ମୁସଲିମଙ୍କ ଭିତରେ ଯଦିଓ 'ଧର୍ମ' ମାନବ କେନ୍ଦ୍ରିକ ଥିଲା, ଆଇନଜୀବିମାନେ, ସାମାଜିକ ଜ୍ଞାନ ଧାରଣାକୁ ନିଜ ସାଙ୍ଗରେ ରଖି, ଯୋଉ କଳା, ଜୀବନଯାପନ ପ୍ରଣାଳୀର ଉପସ୍ଥାପନା ଉପରେ ନିର୍ଭରଶୀଳ ଥିଲା, ତା'ର ଅଭିବୃଦ୍ଧିକୁ ବାଧାଦେବାରେ ସକ୍ଷମ ହେଇଥିଲେ ଏବଂ ନାରୀମାନଙ୍କର ନିର୍ଜନବାସ, ତା' ମଧ୍ୟ ଇସଲମିକ ତତ୍ତ୍ୱର ଆଇନାନୁମୋଦିତ ବ୍ୟାଖ୍ୟା ଦ୍ୱାରା ଆହୁରି ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରୁଥିଲା । କବିତା ଏବଂ ସ୍ଥପତି ବିଦ୍ୟା, ଏଇ ଦୁଇ ପ୍ରଧାନ କଳା, ଯୋଉଥିରେ ହିଁ ମୁସଲିମମାନଙ୍କର ସୌନ୍ଦର୍ଯ୍ୟବୋଧ ପ୍ରେରଣା, ଖୋଲି ଖୋଲି ଭାବେ ପ୍ରକାଶ ପାଇ ପାରୁଥିଲା । ଏବଂ ଏକ ସୁସ୍ପଷ୍ଟ କାରଣ ଯୋଗୁଁ ବହୁ ଲୋକଙ୍କ ପାଇଁ କବିତା ଅନେକ ପରିମାଣରେ ସୁବିଧା ସୁଯୋଗ ଦେଇ ପାରିଥିଲା । ଯୋଉ କବିତା ସହିତ ଆମେ ପରିଚିତ ସେଇଥିରେ ହିଁ ଇସଲାମର ବ୍ୟକ୍ତି କେନ୍ଦ୍ରିକ ଧର୍ମର ନିହିତାର୍ଥ ଅତି ସ୍ପଷ୍ଟ ଭାବରେ ଏବଂ ହୃଦୟଗ୍ରାହୀ ଭାବରେ ଆମ ଦୃଷ୍ଟିକୁ ଆସେ ।

ନିଜର ଅନୁଭୂତି ଉପରେ ନିର୍ଭର କରି ସିଦ୍ଧାନ୍ତ ଗ୍ରହଣ କରିବା, ପରିବର୍ତ୍ତନ କରିବା ଏବଂ ଅଗ୍ରାହ୍ୟ କରିବା 'ସୁଫି' ମାନଙ୍କ ଦ୍ୱାରା ଦାବୀ କରାଯାଇଥିଲା ଏବଂ ଏହାର ନିଜସ୍ୱ ଏକ ଇତିହାସ ଅଛି । ମୁସଲିମ ଧାର୍ମିକ ଆଇନକୁ ବ୍ୟାପକତା ଏବଂ ସଠିକତା ଦେବାପାଇଁ ଆଇନଜ୍ଞମାନଙ୍କ ଚେଷ୍ଟାର ଏକ ପରିଣାମ ବୋଲି ଆମେ ସମ୍ମାନ ଦେଇ ପାରିବା । ନବମ ଶତାବ୍ଦୀରେ କେତେକ ବ୍ରହ୍ମତତ୍ତ୍ୱ ଭାବନା ଉପରେ ବୁଦ୍ଧିଜୀବୀମାନଙ୍କର ଆକ୍ରମଣ, ରାଷ୍ଟ୍ର ଏବଂ ଧର୍ମତତ୍ତ୍ୱ ପ୍ରବକ୍ତାମାନଙ୍କ ପରାଜୟ, ସ୍ୱେଚ୍ଛାଚାରୀ ଶାସନର ଅତ୍ୟାଚାର, ଧର୍ମତନ୍ତ୍ର ଓ ରାଜନୀତିକ ପ୍ରଥା ଦ୍ୱାରା ପ୍ରତିଷ୍ଠିତ ପ୍ରତ୍ୟେକ

ବ୍ୟକ୍ତିର ଭାବିବା ଏବଂ ବିଚାର କରିବା ଅଧିକାର ଅଛି ବୋଲି ଅସ୍ୱୀକୃତ, ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଧହୁଏ । 'ସ୍ୱୟଂଭୂ'କୁ ପାଇବା ଲାଗି ତାଙ୍କ ନିଜ ବାଟ ଖୋଜି ନେବା ପାଇଁ ତାଙ୍କ ଆଧ୍ୟାତ୍ମିକତାର ସମ୍ବେଦନଶୀଳତାର ବଳବତୀ ଇଚ୍ଛା ଲାଗି, ପ୍ରଥମେ "ସୁଫୀ" ସମ୍ପ୍ରଦାୟକୁ ସନ୍ଦେହ କରାଯାଉଥିଲା ଏବଂ ଦଣ୍ଡିଦିଆ-ଯାଉଥିଲା କିନ୍ତୁ ସେମାନେ ତାଙ୍କ ଜନସାଧାରଣଙ୍କୁ ସାନୁନୟ ନିବେଦନ କରି ନିଜକୁ ଦୃଢୀଭୂତ କଲେ । ଏବଂ ଦ୍ୱାଦଶ ଶତାବ୍ଦୀ ପରଠାରୁ 'ସୁଫୀ ତରିକା' ଏବଂ ପୁରାତନ ପନ୍ଥୀ ସାରିଆ ସମ୍ପ୍ରଦାୟ ଦୁଇଟି ସ୍ୱୀକୃତ ଯୋଗ୍ୟ ପୃଥକ ସତ୍ତା ହେଲା, ଗୋଟିଏ ବିକଳ୍ପ ବ୍ୟବସ୍ଥା ସହିତ—ଯିଏ ଯେତେବେଳେ ଭଲ ମନେ କରିବ ଗୋଟିକରୁ ଅନ୍ୟଟିକୁ ଯାଇ ପାରିବ ।

ସାରିଆମାନଙ୍କ ପ୍ରତି ରାଷ୍ଟ୍ରର ପୃଷ୍ଠପୋଷକତା ଥିଲା । କିନ୍ତୁ ଗୋଟାଏ ପ୍ରତିଷ୍ଠାନ, ଯାହା ଇସଲାମର ଯେତିକି ବିବେଧି ନିଜସ୍ୱ ସଂସ୍କାର ପ୍ରତି ସେତିକି ସ୍ୱେଚ୍ଛାଚାରୀ, ତାକୁ ମୁସଲିମ ଆଇନ କାନୁନ ଭିତରେ ଖାପ୍ ଖୁଆଇବାକୁ ଚେଷ୍ଟା-କରି 'ସାରିଆ' ସମ୍ପ୍ରଦାୟର ପ୍ରତିନିଧିମାନେ 'ଉଲମା'ର ଅଧସ୍ତନ କର୍ମଚାରୀମାନେ, ନିଜର ନୈତିକ ଅବସ୍ଥିତିକୁ ସମ୍ପୂର୍ଣ୍ଣଭାବେ ଅବଜ୍ଞା କରିଦେଲେ । ଶାସନ କର୍ତ୍ତାଙ୍କୁ ସମ୍ମାନ ଦେବାପାଇଁ ମୁସଲମମାନଙ୍କୁ କୁହାଗଲେ, ଶାସନ କର୍ତ୍ତାଙ୍କୁ କୁହାଗଲା ପ୍ରଜାମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦେବାକୁ । କିନ୍ତୁ କାହାକୁ ହେଲେ କୁହାଗଲା ନାହିଁ, ଅନ୍ୟ ସହିତ ଅଭ୍ୟାସଗତ ଭାବେ ଇସଲାମର ନୀତିଶାସ୍ତ୍ର ଅନୁମୋଦିତ ଆଜ୍ଞା ଅନୁସାରେ ସହଯୋଗ କରିବା ପାଇଁ । ପ୍ରଜାମାନଙ୍କ ସ୍ୱାର୍ଥକୁ ସମନ୍ୱିତ କରିବାରେ ବିଫଳତାର ପରିଣାମ ସଚେତନଶୀଳ ବ୍ୟକ୍ତି ବିଶେଷଙ୍କ ପାଇଁ, ଭିତରେ ଭିତରେ ନିଜକୁ ପ୍ରତ୍ୟାହାର କରିନେବାଛଡ଼ା, ଆଉ କୌଣସି ପସନ୍ଦ ଯୋଗ୍ୟ ପନ୍ଥା ରହିଲା ନାହିଁ, ଯେଉଁଠି ସମାଜ ଉପେକ୍ଷିତ, ସେଠି ନିଜର ଦୁନିଆ ସୃଷ୍ଟି କରି, ସେ ଦୁନିଆକୁ ନିଜ କାନ୍ଧରେ ବୋହିବାକୁ ପଡ଼େ କେବଳ ।

ଯେ ପ୍ରକୃତ ଧାର୍ମିକ ବ୍ୟକ୍ତି, ସେ ଧର୍ମ ଭେଦାଭେଦର ଊର୍ଦ୍ଧ୍ୱରେ ରହିବା ଏକାନ୍ତ ଉଚିତ ବୋଲି, ରହସ୍ୟବାଦୀ କାବ୍ୟିକ ପରମ୍ପରା ମଧ୍ୟ ନିର୍ଦ୍ଧାରଣ କରିଚି । ଏଇ ବ୍ୟବସ୍ଥାପନ ଦର୍ଶନ ଶାସ୍ତ୍ର ରୂପରେ 'ସ୍ଥିତି'ର ଐକ୍ୟ 'ଓ୍ୱାଦା-ଅଲ-ଉଜୁଦ୍'ର ତତ୍ତ୍ୱ ରୂପେ ପ୍ରକାଶ ପାଇଚି ଏବଂ ଏଇ 'ଐକ୍ୟ'ର ବିଶ୍ୱାସୀ ଯେଉଁମାନେ, ସେମାନଙ୍କ ସହିତ ପାରମ୍ପରିକ ଉତ୍ତରଣବାଦୀମାନଙ୍କ ଦ୍ୱନ୍ଦ୍ୱ ସବୁବେଳେ ଲାଗିରହିଥିଲା । ଈଶ୍ୱର ଏବଂ ମହାପୁରୁଷଙ୍କ ପାଖରେ କବି, ଶ୍ରଦ୍ଧା ସହିତ ମଥାନତ କରିପାରେ, ଏବଂ ସେ ଯଦି 'ସିଆ' ହୋଇଥାଏ ତେବେ ଇମାମଙ୍କ ପାଖରେ ମଧ୍ୟ । ମିର ଅନିସ୍ ଏବଂ

ଡ଼ାବରଙ୍କ ପରି କବିମାନେ ଥିଲେ, ଯେଉଁମାନେ 'ମାର୍ଥିହାସ' କିମ୍ବା ଇମାମ ହୁସେନ୍‌ଙ୍କ ଶହୀଦତ୍ୱର ଏବଂ ତାଙ୍କ ପରିବାରର ବିବରଣୀ ଲେଖିଥିଲେ ଏବଂ ଆଉ ସବୁ ଯାହା ଯଥାକଥିତ । ନାସ୍ତିକତାର ଝୁଙ୍କ୍ ଯୋଗୁଁ ଧର୍ମକୁ ବାଦ୍‌ଦେବା ଆଦୌ ନ ଥିଲା । କିନ୍ତୁ ଯାହା ଦେଖାଯାଏ, କବିମାନଙ୍କର ବୋଧ ଶକ୍ତି ସମ୍ପନ୍ନ ମର୍ଯ୍ୟାଦା ପାଇଁ ପୁରାତନ ପନ୍ଥୀ ଧାରଣାକୁ ପ୍ରତ୍ୟାଖ୍ୟାନ କରିବା ଅତ୍ୟନ୍ତ ଜରୁରୀ ମନେ କରାଯାଉଥିଲା । ତା'ର କାବ୍ୟିକ ଜିଦ୍ ଏବଂ ନନ୍ଦନତତ୍ତ୍ୱର ମୂଳ ପ୍ରତି ଔଦାସିନ୍ୟତା ଯୋଗୁଁ, କବିମାନଙ୍କର ବୋଧଶକ୍ତି ସମ୍ପନ୍ନ ମର୍ଯ୍ୟାଦା ପାଇଁ ପୁରାତନ ପନ୍ଥୀ ଧାରଣାକୁ ପ୍ରତ୍ୟାଖ୍ୟାନ କରିବା ଜରୁରୀ ମନେକରାଯାଉଥିଲା । ଏଇ ପରିପ୍ରେକ୍ଷୀରେ, ଉର୍ଦ୍ଦୁ କବିତା, ସ୍ୱଦେଶୀ ଭିତ୍ତି ଉପରେ ପର୍ସିଆନ ଐତିହ୍ୟର ନବୀକରଣରେ ଯେ ପ୍ରତିନିଧିତ୍ୱ କରୁଥିଲା—ଯୋଉମାନେ ଐତିହାସିକ ପରିସ୍ଥିତି, ସାମାଜିକ ଆଇନ-କାନୁନ, ଆନୁଷ୍ଠାନିକ ପରମ୍ପରାଗତ ବିଶ୍ୱାସରେ ପରସ୍ପରଠାରୁ ପୃଥକ ପୃଥକ ହୋଇ ରହିଥିଲେ, ସେ ସମସ୍ତଙ୍କୁ ଏକତ୍ରିତ କରିଥିଲା । ସେମାନଙ୍କୁ ଉତ୍ସାହିତ କରୁଥିଲା—ଉଚ୍ଚ ମାନସିକତା ଏବଂ ନାନ୍ଦନିକତା ସ୍ତରରେ ଐକ୍ୟକୁ ସମ୍ମାନ ଦେବାପାଇଁ । ଏବଂ ବୌଦ୍ଧିକ ସୌନ୍ଦର୍ଯ୍ୟଶୀଳତା ଓ ଆଦର୍ଶଗତ ଅଖଣ୍ଡତାର ବିକାଶ ଯାହା ଭାରତୀୟ ସାଂସ୍କୃତିକ ଇତିହାସର ମହାନ ତାତ୍ପର୍ଯ୍ୟ, ଗାଲିବ ସେ ସବୁର ଶେଷ ବିନ୍ଦୁ ବୋଲି ବେଶ୍ ଦାବୀ କରି ପାରିବେ ।

କାରଣ, ତା'ର ଚରିତ୍ର ଏବଂ ଇତିହାସ ପାଇଁ, କାବ୍ୟିକ ପରମ୍ପରା ତା ନିଜ ପ୍ରତୀକ ଉଦ୍‌ଭାବନ କରିଥିଲା । ଏ ସବୁର ଶ୍ରେଷ୍ଠ ମୂଳତତ୍ତ୍ୱ ଥିଲା-ପ୍ରେମ ।

ପ୍ରେମର ପବିତ୍ର ଏବଂ ଇନ୍ଦ୍ରିୟାନୁଭୂତି ଦୈହିକ ଲାଳସା ଉଭୟର ଜୈବିକ ସମନ୍ୱୟକରଣ ପର୍ସିଆନ କବିତାର ବିଶେଷତ୍ୱ, ଯେଉଁଠି ନିଷ୍ଫଳକ ଭିତରେ ଆଲୋକ ଦେଖାଗଲା ପରି, ଅପବିତ୍ରତା ଭିତରେ ପବିତ୍ରତା ଦେଖାଯାଏ ଏବଂ ପବିତ୍ରତା ଭିତରେ ଅପବିତ୍ରତାକୁ ଦେଖାଯାଏ—ମାନବୀୟ ପ୍ରକୃତିରେ ଈଶ୍ୱରଙ୍କ ଆଲୋକ ସଦୃଶ ।

ଭଗବାନ୍‌ଙ୍କ ପରି 'ପ୍ରେମ ସତ୍ତା' ଏବଂ ଗୁଣାବଳୀ, ଯାହା ସମ୍ପୂର୍ଣ୍ଣ ଆନୁଗତ୍ୟ ଦାବୀକରେ । ଏହା ଏକ ସଞ୍ଚାରକ ଏବଂ ବିନାଶକ ଶକ୍ତି । ଏହା ବିଗ୍ଭର କରେ ଏବଂ ନା-ପସନ୍ଦ କରେ । ଶାସ୍ତି ଦିଏ ଏବଂ ମଞ୍ଜୁର କରେ ଏବଂ ତା'ର ଅଗ୍ନି-ପରୀକ୍ଷା ଭିତର ଦେଇ ଯେ ଯାଇଚି, ଅନୁଚ୍ଚାରିତ ଆଶୀର୍ବାଦ ଲାଭକରେ ସେ । ଏହା ବହୁମୁଖୀ । ଏହା ଐଶୀ ଶକ୍ତି ଜନ୍ମାଏ, ଯାହା ଅର୍ଜିତ ଜ୍ଞାନକୁ ଅପ୍ରାସଙ୍ଗିକ

କରିଏ । ଆନୁଗତ୍ୟର ବାହ୍ୟିକ ଆକୃତିରୁ ଆତ୍ମାକୁ ମୁକ୍ତ ଦିଏ । ତା'ର ଦାବୀ ସହିତ ଅସଂଲଗ୍ନ ସମସ୍ତ ବାଧ ବାଧକତାରୁ ଧର୍ମପରାୟଣତା ଓ ଦୁଷ୍କୃତିର ପ୍ରତି-ଦ୍ୱନ୍ଦ୍ୱିତାରୁ, ପୁରସ୍କାର ଏବଂ ଶାସ୍ତିର ଭାବନା ସ୍ୱର୍ଗ ଏବଂ ନର୍କ : ଏହା ମଧ୍ୟ ଜଣେ ବ୍ୟକ୍ତି ପାଇଁ ପ୍ରେମର ଆଙ୍ଗିକ ବହନ କରିପାରେ ଏବଂ ମନର ପ୍ରବଳ ଉତ୍ତେଜନା ରୂପେ ନିଜକୁ ଉଦ୍‌ଭ୍ରାନ୍ତ ଭାବେ ପ୍ରକାଶ କରିପାରେ ଏବଂ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ମଧ୍ୟ କରିପାରେ । ପବିତ୍ର ଏବଂ କଳୁଷିତ ପ୍ରେମ ଏକ ଏବଂ ଅଭିନ୍ନ ହୋଇପାରେ । ପ୍ରେମିକାର ବ୍ୟକ୍ତିତ୍ୱ 'ସ୍ୱୟଂଭୂ'ର ପ୍ରକୃତି ପାଇପାରେ । ପ୍ରେମିକାର ଶରୀର ଭିତର 'ସ୍ୱୟଂଭୂ' ନିଜେ ରୂପ ଗ୍ରହଣ କରିପାରେ । ଏ ସବୁ ପ୍ରେମର ଶକ୍ତି ଭିତରେ ରହିଛି । ଚୂଡାନ୍ତ ଭାବରେ ପ୍ରେମ, ଜଣେ ପ୍ରେମିକର ସଦ୍‌ଗୁଣ ହୋଇପାରେ, ଏକ ଆତ୍ମିକ ଚିରନ୍ତନତାର ଅଗ୍ନିଶିଖା ନିଜ ଭିତରେ ଏକ ଲକ୍ଷ୍ୟର ଦିଗ୍‌ବଳୟ ସୃଷ୍ଟି କରେ, ଯାହା ପ୍ରେମିକକୁ ରୂପାନ୍ତରିତ କରେ ସ୍ୱୟଂଭୂ ମଣିଷ ଭାବେ । ପ୍ରେମକୁ ପ୍ରତିଭାତ କରିବା ପାଇଁ ପ୍ରେମିକକୁ କବିରେ ପରିଣତ କରେ । ଆତ୍ମବିମୋଚନ ପାଇଁ ତା'ର ଉଚ୍ଛ୍ୱାସ, ତା' ସ୍ଥିତିକୁ ପ୍ରେମର ପ୍ରଭାବ ଗ୍ରହଣ କରିବା ପାଇଁ ନିଜକୁ ସଂପୂର୍ଣ୍ଣ ଭାବେ ଉନ୍‌ମୁକ୍ତ କରିଦିଏ ଏବଂ ଏପରି ସ୍ଥଳେ ପ୍ରେମିକର ପ୍ରତୀକ ସ୍ଥିତିର ଆବଶ୍ୟକତା ରହିପାରେ ବା ନ ପାରେ । ପର୍ସିଆନ ଏବଂ ଉର୍ଦ୍ଦୁ କବିତାରେ ଦୁଇଟି ଆଦର୍ଶ ପ୍ରେମିକଙ୍କ କଥା, ପ୍ରସଙ୍ଗକ୍ରମେ, ଉଲ୍ଲେଖ କରାଯାଏ—ଆରବଙ୍କ 'ମଜ୍‌ନୁ' ଏବଂ ପର୍ସିଆନଙ୍କ 'ଫରହାଦ' । ମରୁଭୂମିର ଚିତ୍ରକଳ୍ପରେ 'ମଜ୍‌ନୁ' ପରିବେଷ୍ଟିତ । ଲୈଲି ପାଇଁ ସେ ମରଣ ବିଳାସୀ ହୋଇପାରେ । ଉଦ୍ୟମଶୀଳ ପ୍ରେମିକର ନମୁନା ହେଲା 'ଫରହାଦ' ଯେ ପ୍ରସ୍ତରମୟ ପର୍ବତ ଗୁଡ଼ିକୁ ଭାଙ୍ଗିବ, ପ୍ରେମିକା 'ସିରିନ୍' ପାଇଁ, ଶରୀରରେ । ମଜ୍‌ନୁ ଏବଂ ତା' ଭାଗ୍ୟ ପାଇଁ ଲିଲି ପୂରାପୂରି ଉଦାସୀନା । 'ସିରିନ୍'କୁ ପାଇବାର ସର୍ତ୍ତ ହେଲା—'ଅସମ୍ଭବ' କାର୍ଯ୍ୟ ସମ୍ପାଦନ, ଏବଂ ଯେଉଁ ସମ୍ରାଟ ସେ କାର୍ଯ୍ୟକୁ ବିରୋଧ କରିବେ, ସେ ଏପରି ଷଡ଼ଯନ୍ତ୍ର କରିବେ, ଫରହାଦ କୃତକାର୍ଯ୍ୟ ହେଲେ ମଧ୍ୟ, ସମ୍ରାଟ ତାକୁ ପୁରସ୍କାର ନ ଦେଇ ଠକିଦେବେ । କିନ୍ତୁ 'ମଜ୍‌ନୁ' ଏବଂ 'ଫରହାଦ' ଦୁହେଁ କେବଳ ପ୍ରତୀକ, ଯାହାଙ୍କୁ ଯେ କୌଣସି କବି, ନିଜକୁ ସମ୍ପୂର୍ଣ୍ଣ ସ୍ୱାଧୀନ ମନେକରି ଯେପରି ଚାହିଁବେ ସେପରି ଅର୍ଥ ଆରୋପ କରି ପାରିବେ । ସେମାନେ କୌଣସି ଐତିହାସିକ ବ୍ୟକ୍ତି ବିଶେଷ ନୁହନ୍ତି ଯୋଉ-ମାନଙ୍କର ପ୍ରାସଙ୍ଗିକ ଅବତାରଣା କରାଯାଇପାରିବ ।

ପିଲାଦିନେ ମୁଁ ପଥରଟିଏ ଉଠେଇ ଥିଲି
ଫିଙ୍ଗିବି ବୋଲି ମଜ୍‌ନୁକୁ,
କିନ୍ତୁ ହଠାତ୍ ପଡ଼ିଲା ମନେ

ମୋର ବି ଗୋଟିଏ ମୁଣ୍ଡ ଅଛି
ଆକ୍ରମଣର ଲକ୍ଷ ହେବାକୁ ।

ଗାଲିବ କହନ୍ତି : ମଜ୍‌ନୁ ଟୋଟିଏ ସର୍ବସାଧାରଣ ନାଁ ପାଲଟି ଯାଇଚି । ଅର୍ଥାତ୍ ପ୍ରେମ ବିଭୋଳ ହୋଇ, ଅସ୍ୱାଭାବିକ ରଙ୍ଗ ଢଙ୍ଗରେ ଯେ ବ୍ୟବହାର କରେ ତା' ପ୍ରତି ଏହା ପ୍ରଯୁଜ୍ୟ । ଆକୃତି ଏବଂ ଅର୍ଥବୋଧରେ ପ୍ରେମିକାର ଭାବମୂର୍ତ୍ତିଟି ଅତ୍ୟଧିକ ଅସ୍ଥିର ଏବଂ କବିର ମିଜାଜ ସହିତ ତାହା ପରିବର୍ତ୍ତିତ ହୋଇପାରେ ବୋଲି ଧରିନିଆ ଯାଇପାରେ । ଏଠି ମଧ୍ୟ ପବିତ୍ର ଏବଂ କଳୁଷିତ ପ୍ରେମ ପରସ୍ପର ଭିତରେ ବିଲୀନ ହୋଇଯାଏ ଏବଂ କବିକୁ ଯଦି ପଚରାଯାଏ, ସେ କାହିଁକି ତା' ପ୍ରେମିକାକୁ ଏବେ ସୁନ୍ଦର ଏବଂ ବିଚକ୍ଷଣ ନାରୀ ବୋଲି ମନେକରୁଚି, ବର୍ତ୍ତମାନ ଜଣେ ଆଧ୍ୟାତ୍ମିକ ପଥପ୍ରଦର୍ଶକ, ବର୍ତ୍ତମାନ ସେ ସ୍ୱୟଂ ଈଶ୍ୱର,—ଖୁବ୍ ନିଃସଙ୍କୋଚରେ ସେ କହି ପାରିବ ଯେ, ସେ ସଂପୂର୍ଣ୍ଣ ନିର୍ଦ୍ଦୋଷ । ଏହା କେବଳ ସେଇ ପ୍ରେମିକା, ଯେ ବିଭିନ୍ନ ଆକୃତି ଗ୍ରହଣ କରୁଚି । କବି ଖୁଜ୍‌ରାଉ ଦିନେ ବଡ଼ି ସକାଳେ ଦେଖିଲେ, ତାଙ୍କର ଆଧ୍ୟାତ୍ମିକ ଗୁରୁ ନିଜାମୁଦ୍ଦିନଙ୍କ ଆଖି ନିଦ ଅଭାବରେ ଲାଲ ହୋଇଚି । ସେ ଜାଣିଥିଲେ 'ଶେଖ୍' ସାରା ରାତି ପ୍ରାର୍ଥନା କରୁଥିଲେ । କିନ୍ତୁ ଜଣେ ଈର୍ଷାନ୍ୱିତ ଏବଂ ସନ୍ଦେହୀ ପ୍ରେମିକ, ଜଣେ ଚଞ୍ଚଳମନା ସ୍ତ୍ରୀକୁ ଯେପରି ପଚାରିଥାଆନ୍ତା, ଠିକ୍ ସେଇପରି ଭାବେ କାବ୍ୟିକ ରୀତି ଅନୁସରଣ କରି ପଚାରିଲେ : କାହା ବାହୁ ବନ୍ଧନରେ ଆପଣ ରାତିଟି କଟେଇଲେ ।

କବି ଏବଂ ରହସ୍ୟମୟ 'ସରମଦ୍' ଯେ ମୃତ୍ୟୁଦଣ୍ଡ ପାଇଥିଲା, ସେ ଘାତକକୁ ଉନ୍ମୁକ୍ତ ତରବାରୀ ନେଇ ଆସୁଥିବା ଦେଖି ପରିହାସ କରି କହିଥିଲା—ଆସ, ଆସ ହେ ପ୍ରଭୁ ! ତୁମେ ଯୋଉ ଆକୃତି ନେଇ ଦେଖା ଦିଅ ପଛେ, ମୁଁ ତୁମକୁ ଜାଣେ ।''

ଗାଲିବ କହିଛନ୍ତି :

ଭୟ କରେ ନାହିଁ, ଫାଶି ଦେବା ଲୋକଟିକୁ,
ଅଥବା ଧର୍ମ ପ୍ରଚାରକ ସାଙ୍ଗେ କଳି
ଛଦ୍ମ ବେଶଟି ଯାହା ହେଉପଛେ, ଜାଣେ......
କିଏ ସେ ଆସୁଚି, ଛଦ୍ମବେଶଟି ଧରି ।

ଅନ୍ୟ ପକ୍ଷରେ କବି ନାଜିର ଯେତେବେଳେ କହନ୍ତି :

ତାଳୁରୁ ତଳପାଯାଏଁ

ମୁଁ ଗୃହେଁ ଯେତେ ଆଜେ
ଏକ 'ଅଦ୍‌ଭୂତ୍' ମୋ'ହୃଦୟକୁ ଟାଣିଲୁହେ—
ଦେଖୁ, ଚୁହିଁଦେଖ, ମୁଁ ଅଛି ଏଇଠାରେ ।

ସେ ଗୋଟିଏ ମାନବୀୟ ଶରୀର କଥା ଉଲ୍ଲେଖ କରୁଛନ୍ତି । ତା' ବାହାରେ ଆଉ କିଛି ନୁହେଁ । ଦୈହିକରୁ ଆଧ୍ୟାତ୍ମିକ ଭାବମୂର୍ତ୍ତିର ପରିବର୍ତ୍ତନର ଏକ ଉଦାହରଣ ହେଉଚି ଜଣେ ଅଜ୍ଞାତ କବିର ଏଇ କେତୋଟି ପଦ :—

ଗଢ ରାତିରେ ଏକ ଦୋଗୃରଣୀ
ଅସତୀ ନାରୀର ମୁଦ୍ଦ
ମୋ ହୃଦୟ ଗୃରପାଖେ
ଆପେ ଆପେ ଆସି ଜଡ଼ିଗଲା,
ପୁଉଣି ଉଭେଇ ଗଲା ।
ପରମେଶ୍ୱରଙ୍କ ସେଇ ଉଜ୍ଜ୍ୱଳ
ମୁଖମଣ୍ଡଳ ପରି

ଆଲୋକର ଶିଖା ଝଲସି ଉଠିଲା
ବିଦ୍ୟୁତ ପରି ମୋ ଗୃଢ ଭିତରେ
ପୁଉଣି ଉଭେଇଗଲା ।

ରହସ୍ୟବାଦୀମାନେ ହୃଦୟକୁ ଏକ ମୂଳ ପ୍ରତୀକ ଭାବେ ପରିବର୍ତ୍ତନ କରିଥିଲେ । ଆଧ୍ୟାତ୍ମିକ ଅନୁଭୂତି ଗୁଡ଼ିକ ହୃଦୟର ଘଟନା, ତେଣୁ ସାମଗ୍ରିକ ଅର୍ଥରେ ହୃଦୟକୁ ପ୍ରତୀକ ଭାବେ ଗ୍ରହଣ କରିବା କବି ପକ୍ଷରେ ସ୍ୱାଭାବିକ କଥା । ଏହା ପ୍ରେମର ଆହ୍ୱାନ, ଆଶା ଅଭିଳାଷର ସାମ୍ରାଜ୍ୟ । ଏହା ରହସ୍ୟମାନଙ୍କର ରହସ୍ୟ, ଏହା ସବୁ ଦୁଃଖର କାରଣ, ମଣିଷ ଶରୀରରେ ଏହା ଏକ କ୍ରିୟାଶୀଳ ତତ୍ତ୍ୱ, ନିଜ ଭିତରେ ସବୁ କିଛି ସୃଷ୍ଟି କରିବାର ଦକ୍ଷତା ନେଇ ଅଦଳ ବଦଳ ଏବଂ ଧ୍ୱଂସ କରିବାର ମାନ୍ତ୍ରିକ ଶକ୍ତି ।

ମୁସଲମ୍‌ମାନଙ୍କୁ ସୁରାପାନ ଛାଡ଼ି ଦେବାକୁ କୁହାଯାଇଚି ଏବଂ ବ୍ରହ୍ମତତ୍ତ୍ୱ ଓ ସର୍ବସାଧାରଣଙ୍କ ଅଭିମତର ବିଧାନ ଧାର୍ଯ୍ୟ କରି, ଏଇଥିରୁ ଏକ ପୂଣ୍ୟଲାଭର ଧାରଣା ଶତାବ୍ଦୀ ବ୍ୟାପୀ ସୃଷ୍ଟି କରି ଆସିଚି । ଏଇ ନିଷେଧ ଆଜ୍ଞା ସତ୍ତ୍ୱେ ଯେଉଁମାନେ ସୁରାପାନ କରନ୍ତି ସେମାନେ ପାପକର୍ମ କରନ୍ତି କି ବୋଲି ପ୍ରଶ୍ନ ସମ୍ପର୍କରେ

ଏଠାରେ ଆଲୋଚନା କରିବା ପ୍ରୟୋଜନ ନାହିଁ । ଯୋଉମାନେ ସୁରା ପରିତ୍ୟାଗ କରି ଏକ ପୁଣ୍ୟ କର୍ମ କରିଛନ୍ତି ବୋଲି କହନ୍ତି, କବି ସେମାନଙ୍କୁ ଭଣ୍ଡ, ବକଧାର୍ମିକ ବୋଲି କଳଙ୍କ ଆରୋପ କରିଛନ୍ତି । ପର୍ସିଆନ କବିତା ସମବେତ ଅତିଥି ମାନଙ୍କ ପାଇଁ, ଯେଉଁ ସାକୀ ସୁରା ଢାଳି ଦିଏ, ସେଇସୁରା ଏବଂ ମଧୁଶାଳାକୁ ଉଚ୍ଚମାନରେ ଆଧ୍ୟାତ୍ମିକ ପ୍ରତୀକ ରୂପେ ଉନ୍ନତ କରାଯାଇଛି, ଏଇ ପ୍ରତୀକ ଗୁଡ଼ିକ ଉର୍ଦ୍ଦୁ କବିତାରେ ସୁରକ୍ଷିତ ରହିଛି । ମସ୍‌ଜିଦ୍ ଏବଂ ମଦଭାଟି, ଦୁଇଟି ବିପରୀତ ପଥବୋଲି ତୁଳନାତ୍ମକ ବୈଷମ୍ୟ ପ୍ରଦର୍ଶନ କରାଯାଇଚି । 'କାବା' ଏବଂ ମନ୍ଦିର ସେକ୍ ସାହେବ (ଏଠାରେ ଅର୍ଥ, ସୁଫି ସେକ୍ ନୁହେଁ, ଶିକ୍ଷିତ ବ୍ୟକ୍ତି ବା ଧର୍ମ ଯାଜକ) ଏବଂ ବ୍ରହ୍ମ, ଏ ସମସ୍ତେ ସେ ତୁଳନାତ୍ମକ ବୈଷମ୍ୟର ସ୍ତମ୍ଭ ।

ବାରମ୍ବାର ଫାଶି ଏବଂ ଭୟାବହ ମୃତ୍ୟୁ ଗୁଡ଼ିକ କବିମାନଙ୍କ ଚିନ୍ତା ଏବଂ ଜନସାଧାରଣଙ୍କ ପ୍ରାଧାରଣତ୍ୱରେ ପ୍ରତିକ୍ରିୟା ସୃଷ୍ଟି କରିବାରେ ବିଫଳ ହୋଇ ନ ଥିଲି । 'ମୁଁ ହିଁ ସତ୍ୟ' କିମ୍ବା ଅନ୍ୟ କଥାରେ 'ମୁଁ ହିଁ ଈଶ୍ୱର' ଏହା କହିବାରୁ ଯେଉଁ ସୁଫି 'ମନସୁର ହାଲଜ'ଙ୍କୁ ଫାଶି ଦିଆଯାଇଥିଲି ବା କ୍ରୁଶ ବିଦ୍ଧ କରାଯାଇଥିଲି ସେ 'ଆଧ୍ୟାତ୍ମିକ ଆତ୍ମସଚେତନତା'ର ପ୍ରତୀକ ହୋଇଥିଲେ ଏବଂ ସତ୍ୟର ନିର୍ଭୀକ ଉଚ୍ଚାରଣ ପାଇଁ ମଣିଷ ଯେଉଁ ସାମାଜିକ ଦଣ୍ଡ ଆଣାକରେ ତା'ର ପ୍ରତୀକ ଭାବେ 'ପାଶିଖୁଣ୍ଟ' ଦାର୍ ବା 'ଫାଶି ଦଉଡ଼ି' 'ରସନ୍' ସାଙ୍କେତିକ ଚିହ୍ନ ସ୍ୱରୂପ ସ୍ୱୀକୃତ ହୋଇଥିଲି । ଖଣ୍ଡା, ଛୁରୀ, ଧନୁ ଏବଂ ତୀର, କାବ୍ୟିକ ପ୍ରତୀକ ରୂପେ, ଅଙ୍କାଭଣ୍ଡାରରେ ପଶି ଆସିଲି । ସେ ସବୁର ପ୍ରୟୋଗ ଆମମାନଙ୍କ ପାଇଁ ଅନେକ ସମୟରେ ଅରୁଚି-କର । କିନ୍ତୁ ସିଦ୍ଧାନ୍ତମୂଳକ ବୋଲି ବିଚାର କରିବା ପାଇଁ, ଗାଲିବଙ୍କ ସମୟରେ ମଧ୍ୟ ଏଇ ସବୁ ହତିଆର ଗୁଡ଼ିକୁ ଉଲ୍ଲେଖ କରିବା ବହୁତ ବେଶୀ ଦେଖାଯାଉଥିଲି । 'ଘାତକ' (କାତିଲ, qatil) ନାମକରଣଟି ପ୍ରେମିକା ଉଦ୍ଦେଶ୍ୟରେ ମଧ୍ୟ ଏ ଯାଏଁ ବ୍ୟବହୃତ । କିନ୍ତୁ 'କାଫିର' (kafir) ପରି ଏହା ଏକ ବିଶେଷ ଅନୁରାଗର ଚିହ୍ନ ।

କାବ୍ୟିକ ପରମ୍ପରାକୁ ଗାଲିବ ସମ୍ପୂର୍ଣ୍ଣ ରୂପେ ଆହରଣ କରିଥିଲେ ଏବଂ ତା'ର ପ୍ରତୀକକୁ ତାଙ୍କ ଶିକ୍ଷାର ଏକ ଅଂଶ ଭାବେ ଗ୍ରହଣ କରିଥିଲେ ଏବଂ ପରମ୍ପରା ବିଚ୍ୟୁତ ହୋଇ ଅନ୍ୟ କୌଣସି ନୂତନ କାବ୍ୟିକ ପରୀକ୍ଷା ଦ୍ୱାରା ଲାଭବାନ ହେବା ଲାଗି ଇଚ୍ଛା ପୋଷଣ କରି ନ ଥିଲେ । ଏଇ କାରଣ ଯୋଗୁଁ କ'ଣ ସେ ତାଙ୍କର ନିଜତ୍ୱ ହରାଇବେ ଏବଂ ମୌଳିକ ହେବାର ସୁନାମରୁ ବଞ୍ଚିତ ହେବେ ? ସମସାମୟିକ ଉର୍ଦ୍ଦୁ କବିତାରେ ନୂତନ ସ୍ତମ୍ଭର ପରୀକ୍ଷା, ନିଃସନ୍ଦେହରେ ତାଙ୍କୁ ଚମତ୍କୃତ କରିଚି, କିନ୍ତୁ ଶେଷପର୍ଯ୍ୟନ୍ତ ପ୍ରତିରୋଧ କରିବା କେତେଜଣ ଝିଅ ପ୍ରବର୍ତ୍ତିକଙ୍କୁ ଛୁଡ଼ି ଦେଲେ, ସାଧାରଣଙ୍କ ଝିଙ୍କି

ହେଉଛି, ଗାଲିବଙ୍କ ସମୟର ଗଜଲକୁ ଫେରି ଆସିବା । ବିଷୟବସ୍ତୁ ଭିତରକୁ ପ୍ରବେଶ କରିବା ଏବଂ ତାକୁ ପରିରଞ୍ଜିତ କରିବା, ଯେହେତୁ ସେଗୁଡ଼ିକ ଅପେକ୍ଷାକୃତ ଭାବେ ଅଭିଜ୍ଞତାରେ ବିଭବଶାଳୀ ନ ହେଲେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରାଥମିକ ଅବସ୍ଥାରେ ଏହା ଅବଶ୍ୟ ଆଧୁନିକ ରୀତି ପ୍ରବର୍ତ୍ତକମାନେ ବିଦ୍ରୋହ କରିଥିବା ଗଜଲ ବିରୁଦ୍ଧରେ ଏବଂ ଏକ ନୂତନ ଉତ୍ସାହରେ ପୁରାତନ ରୀତିକୁ ଫେରିବାର କାରଣ ଅନୁସନ୍ଧାନ କଲେ ଆମେ ବୁଝିପାରିବା ଗାଲିବ ସେଇ ପ୍ରଚଳିତ ନମୁନାକୁ ସତର୍କତା ସହିତ ଅନୁସରଣ କରି ମଧ୍ୟ କେତେ ପରିମାଣରେ ତାଙ୍କର ନିଜତ୍ୱ ରକ୍ଷାକରି ପାରିଥିଲେ ଏବଂ ମୌଳିକତା ଦାବୀ କରି ପାରିଥିଲେ ।

ମୋଟା ମୋଟି ଭାବେ ବ୍ୟାଖ୍ୟା କଲେ 'ଗଜଲ' ହେଉଛି ଏକ ସମଛନ୍ଦି ପଦର କବିତା । ଦ୍ୱିତୀୟ ଧାଡ଼ିର ଶେଷ କେତୋଟି ଶବ୍ଦ, କେତେକ ନିର୍ଦ୍ଦିଷ୍ଟ 'ରୀତି'ର ଶବ୍ଦ ବିନ୍ୟାସରେ ସମ୍ପାଦିତ ହୁଏ । ଗୋଟିଏ ଗଜଲରେ ଦୁଇଧାଡ଼ିଆ ପଦର ସଂଖ୍ୟା କମ୍ ବେଶି ହୋଇପାରେ । ସାଧାରଣ ପ୍ରଥା ହେଲା—ପ୍ରତ୍ୟେକଟି ପଦକୁ ପର୍ଯ୍ୟାପ୍ତ କରିବ, ଏବଂ ଆଠଟି ପଦ ବିଶିଷ୍ଟ ଗୋଟିଏ ଗଜଲରେ ଆଠଟି ଭିନ୍ନ ଭିନ୍ନ ବିଷୟବସ୍ତୁ ମଧ୍ୟ ରହି ପାରିବ । ଲକ୍ଷ୍ୟ କେନ୍ଦ୍ରୀଭୂତ, ଖାଣ୍ଟି, ସଂକ୍ଷେପିତ ଏବଂ ନିଷ୍ଠିତ ଭାବରେ ଚିତ୍ରାକର୍ଷକ ଏବଂ ବୈଶିଷ୍ଟ୍ୟ ସୂଚକ ହେବ । ଗଜଲ ଗୁଡ଼ିକୁ ଏକ ଆଙ୍ଗିକ ଭାବେ ଗ୍ରହଣ କରିବାରେ ଆପତ୍ତିର କାରଣ ହେଲା, ପ୍ରକାଶ ଯୋଗ୍ୟ ଭାବ ଥାଉ ବା ନ ଥାଉ ଅନ୍ତତଃ ଉପଧା ମିଳନ ପାଇଁ ଶବ୍ଦ ଚୟନ କରିବା ପାଇଁ କବିଙ୍କୁ ଦାୟିତ୍ୱଶୀଳ ହେବାକୁ ପଡ଼ିବ । ଅନ୍ୟ ଏକ ସମଧର୍ମୀ ଦୁର୍ବଳତା ହେଲା ଯେ, ଏକ ନିର୍ଦ୍ଦିଷ୍ଟ ପ୍ରକାଶ ଶୈଳୀ ଲାଗି ଭାବ ଏବଂ ରସର ସଂଯୋଜନା । ଏଠାରେ ଭାବ ଏବଂ ରସ ନିଜର ସ୍ୱତନ୍ତ୍ର ଆଙ୍ଗିକ ସୃଷ୍ଟି ନକରି ପୂର୍ବ ନିର୍ଦ୍ଧାରିତ ଆଙ୍ଗିକରେ ସଜ୍ଜିତ ହୁଅନ୍ତି । ଉପାଦାନ ଦ୍ୱାରା ରୂପ ତିଆରି ହୁଏନାହିଁ, ଉପାଦାନ ରୂପଦ୍ୱାରା ତିଆରି ହୁଏ—ଏ ଉଭୟ ଆପତ୍ତି କିନ୍ତୁ ଯଥାର୍ଥ । କିନ୍ତୁ ଉତ୍କୃଷ୍ଟ ଗଜଲରେ ସଙ୍ଗୀତର ମାଧୁର୍ଯ୍ୟ ଏବଂ ଭାଷାର ସୌନ୍ଦର୍ଯ୍ୟ ଉଭୟ ଲକ୍ଷ୍ୟ କରାଯାଏ । ଏହାର ସମ୍ବେଦନ ତତ୍‌କ୍ଷଣାତ ଏବଂ ଆକର୍ଷଣ ଅପରିହାର୍ଯ୍ୟ । ଏହାର ସମାଲୋଚକମାନେ ଯୋଉଥି ପାଇଁ ବିରକ୍ତି ପ୍ରକାଶ କରନ୍ତି, ବାସ୍ତବିକ ତା'ହେଲା—'ଗଜଲ'ର ଜନପ୍ରିୟତା । ଏହା ସେମାନଙ୍କ ଆପତ୍ତିକୁ କେବଳ ବଞ୍ଚେଇ ରଖି ନାହିଁ ବରଂ ସେମାନଙ୍କ ଭିତରେ ଥିବା ଖାଣ୍ଟି କବିମାନଙ୍କୁ ଗଜଲ ଶୈଳୀର ଓସ୍ତାଦ୍ ଭାବେ ରୂପାନ୍ତରିତ କରିଛି ।

# କବି ଗାଲିବ

ଗାଲିବ ଦଶ କିମ୍ବା ପନ୍ଦର ବର୍ଷରେ କବିତା ରଚନା ଆରମ୍ଭ କରିଥିଲେ ବୋଲି ବିଭିନ୍ନ ମତ ପ୍ରକାଶ ପାଇଛି । ତାଙ୍କ ପାଠପଢ଼ା ପ୍ରଣାଳୀବଦ୍ଧ ନଥିଲା । ତାଙ୍କର କାବ୍ୟକୃତି ନିଶ୍ଚୟ ତାଙ୍କ ସାହିତ୍ୟିକ ବ୍ୟୁତ୍ପତ୍ତି ପୂର୍ବରୁ ଆରମ୍ଭ ହୋଇଥିବ ଏବଂ ତାହା ଯଥେଷ୍ଟ ବୋଲି ମଧ୍ୟ ଧରିନିଆଯାଇ ପାରିବ ନାହିଁ । ଦୁଷ୍ଟାମି ଏବଂ ଯାହାକୁ ସେ 'ବ୍ୟଭିଚାର' ବୋଲି କହନ୍ତି, ତାକୁ ହିଁ ଆରମ୍ଭ କଲାବେଳେ ସେ ନିଶ୍ଚୟ କବିତା ଲେଖିବା ଆରମ୍ଭ କରିଥିବେ । ଏହା ପ୍ରାକ୍ ଯୌବନ କାଳର ସହଚର । ଏହା ତାଙ୍କ ବିବାହ କରିଥିବା ସମୟର କଥା । କାରଣ ବିବାହ ଯୋଗୁଁ ସେ କିଛିଟା ବୟସ୍କ-ଲୋକଙ୍କ ସହିତ ମିଳାମିଶା କରିବାର ଯୋଗ୍ୟତା ପାଇଲେ. ଯୋଉମାନେ ମଧ୍ୟ ଦୁଷ୍ଟାମି ସହିତ ବ୍ୟଭିଚାରକୁ ସଂଯୋଗ କରି କବିତା ଲେଖିବା ଆରମ୍ଭ କରିଥିବେ । ଆମେ କେବଳ ସଙ୍କଟକାଳ ଘଟଣାବଳୀ କଥା ଭାବି ପାରିବୁ । ଯଦି କେହି ତାଙ୍କୁ ଉତ୍ସାହ ଦେଇଥାନ୍ତି ଏବଂ ପଥପ୍ରଦର୍ଶନ କରାଇଥାନ୍ତି ବିଶ୍ୱାସଯୋଗ୍ୟ ହେଲାପରି ତାଙ୍କର ପ୍ରଥମ ସାହିତ୍ୟିକ ଜୀବନର ଜାଫରାବାଡ଼ ଅତିକ୍ରମ କରି ତାଙ୍କର ବିଫଳତାଙ୍କୁ ଅବଜ୍ଞା କରିବା ପାଇଁ ତାଙ୍କୁ ଅନୁପ୍ରାଣିତ କରି ଥାଆନ୍ତି; କବି ହିସାବରେ ତାଙ୍କର ସେହି କ୍ରମ ବିକାଶକୁ ଆମେ ଚିହ୍ନିତ କରିପାରିବା ନାହିଁ । କାରଣ ତାଙ୍କର ଆଦ୍ୟ ରଚନା ଗୁଡ଼ିକର କୌଣସି ତାରିଖ ଦିଆଯାଇ ପାରିବ ନାହିଁ । ଅଧିକନ୍ତୁ କବିଙ୍କ ଗଜଲ ଗୁଡ଼ିକ ଯେତେବେଳେ ସଂଗୃହୀତ ହୁଏ, ସେଗୁଡ଼ିକ ସଦାବେଳେ ବର୍ଣ୍ଣମାଳା ଅନୁଯାୟୀ, ଶେଷ ଅକ୍ଷର ଧ୍ୱନିମେଳକ ଶବ୍ଦ ଅନୁସାରେ କରାଯାଏ । ଏହା ଦ୍ୱାରା ପୂର୍ବରୁ ଲେଖା ହୋଇଥିବା ଗଜଲ ଗୁଡ଼ିକ ଗୋଟିଏ ସଙ୍କଳନରେ ଅନେକ ଆଗରେ ରଖାଯାଇ ପାରିବ । ଶେଷରେ, ଗାଲିବ ନିଜେ ତାଙ୍କ ଗଜଲ ଗୁଡ଼ିକର ସର୍ବପ୍ରଥମ ନିର୍ବାଚନ କରିଥିଲେ, ବର୍ତ୍ତମାନ ଯାହା! କୁହା ଯାଇଛି । ଭୋପାଲ ପାଣ୍ଡୁଲିପି; ବୋଲି ଏବଂ ଏଇ ସଙ୍କଳନରେ ସେ ଯାହା ଅନ୍ତର୍ଭୁକ୍ତ କରି ନ ଥିଲେ ତାହା ସବୁଦିନ ପାଇଁ ହଜି ଯାଇଛି ।

୧୮୨୨ ପର୍ଯ୍ୟନ୍ତ; ତାଙ୍କୁ ଯେତେବେଳେ ପଚିଶବର୍ଷ ହୋଇଥିଲା; ଗାଲିବ ଉର୍ଦ୍ଦୁରେ ଲେଖୁଥିଲେ । ତା'ପରେ ସେ ପର୍ସିଆନ ଭାଷାରେ ଲେଖିବା ଆରମ୍ଭ କଲେ, ଯୋଉ ଭାଷା ପାଇଁ ତାଙ୍କର ଖୁବ୍ ଅନୁରାଗ ଏବଂ ଶ୍ରଦ୍ଧାଥିଲା ଯାହାକୁ ସେ ଭାବିଥିଲେ, ଉର୍ଦ୍ଦୁ ଅପେକ୍ଷା ଅଧିକ ସୁଯୋଗ ଦେଇଛି ତାଙ୍କର ଆତ୍ମପ୍ରକାଶ ପାଇଁ ।

ସର୍ବସାଧାରଣଙ୍କ ଶ୍ରଦ୍ଧାଭାଜନ ହୋଇଥିବା ସବୁ ଗୁରୁମାନଙ୍କୁ ସେ ଏକପ୍ରକାର ତନ୍ନତନ୍ନ କରି ପରୀକ୍ଷା କରି ନେଇ ସାରିଥିଲେ । କିନ୍ତୁ ଏହା ତାଙ୍କର ଏକ ଅଦ୍ଭୁତ ସ୍ୱଭାବ ଥିଲା । ପର୍ସିଆନ ରୀତି ପ୍ରୟୋଗ ପ୍ରଭୃତି ବ୍ୟାକରଣ ଜ୍ଞାନ ସମ୍ପର୍କରେ ତାଙ୍କର ଉଦ୍‌ଭାବନାକୁ ପ୍ରତିଷ୍ଠା କରିବା ପାଇଁ ସେ ପ୍ରଥମେ ଦାବୀ କରି, ପରେ ଅସ୍ୱୀକାର କଲେ । ଜଣେ ରହସ୍ୟାବୃତ ଇରାନୀଙ୍କ ଇତିବୃତ୍ତ ସମ୍ପର୍କରେ—ଯେ ଆଗ୍ରା ଆସି, ତାଙ୍କ ଘରେ ରହିଥିଲେ ଏବଂ ଏଇ ଭାଷାକୁ ପଢ଼େଇଥିଲେ । ୧୮୫୦ ପର୍ଯ୍ୟନ୍ତ କେବଳ ପର୍ସିଆନ ଭାଷାରେ ଲେଖିବାର ପରମ୍ପରା ଚାଲି ଆସୁଥିଲା । ତା' ପରେ ରାଜଦରବାରକୁ ଯିବା ପାଇଁ ଯେତେବେଳେ ଗାଲିବଙ୍କୁ ଡକରା ଆସିଲା, ସେତେବେଳେ ଦରବାରୀ ଭାଷା 'ଉର୍ଦ୍ଦୁ'ରେ ଲେଖିବା ଦରକାର ପଡ଼ିଲା । ଯଦିଓ ସେ ପର୍ସିଆନ ଭାଷାକୁ ସମ୍ପୂର୍ଣ୍ଣ ଭାବେ ପରିତ୍ୟାଗ କରି ନ ଥିଲେ । ତା'ର ପରବର୍ତ୍ତି ସାତବର୍ଷ ସମୟ ତାଙ୍କ ଉର୍ଦ୍ଦୁ କବିତାର ପୋଖତ ସ୍ତର ଭାବରେ ବିବେଚିତ ହେଲା ।

ଗାଲିବଙ୍କ ଉର୍ଦ୍ଦୁ କବିତାର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତି ଗୁଣାତ୍ମକ ଉତ୍କର୍ଷ ପ୍ରାପ୍ତ ଯାହା ସାର୍ବଜନୀନ, ତାହା ୧୮୫୦ରୁ ଆରମ୍ଭ ହୋଇଥିଲା । ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କ କବିତାରେ ଗୀତିମୟତା, ଏକ ସ୍ୱତନ୍ତ୍ର ଲକ୍ଷଣ । କିନ୍ତୁ ପ୍ରତିକୃତିକୁ ସମ୍ପୂର୍ଣ୍ଣ ନକରି, ତୁଳୀର କେତେକ ସ୍ପର୍ଶ ଅଧାରଖି, ପାଠକଙ୍କୁ ନିଜ କଳ୍ପନାରେ ପ୍ରତିକୃତିକୁ ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ସେ ଛାଡ଼ି ଦେଉଥିଲେ । ସୁଖପାଠ୍ୟ ମନେକରାଯାଉଥିବା ତାଙ୍କର ଦ୍ୱିତୀୟ ପର୍ଯ୍ୟାୟର ଅନେକ ଗୁଡ଼ିଏ କବିତା ରହିଛି, ଯେଉଁ ମାନଙ୍କର ଅର୍ଥ ସମ୍ପର୍କରେ ସମୀକ୍ଷକମାନେ ସନ୍ଦିହାନ । ଗାଲିବ ମଧ୍ୟ ତାଙ୍କର ନିଜସ୍ୱ କମ୍ପା ତାଙ୍କର ମନୀଷାକୁ ସମର୍ପଣ କରିନାହାନ୍ତି । କିନ୍ତୁ ମଜଲିସ୍ ସଭାମାନଙ୍କରେ ରାଜ ଦରବାର ପାରିଷଦବର୍ଗଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କବି ଭାବରେ, ଯୋଉମାନଙ୍କ କବିତା ନିକୃଷ୍ଟ ଏବଂ ଭିନ୍ନ ମାନର ଥିଲା, ସେମାନଙ୍କ ସହିତ ଆସନ ନେବାକୁ ସେ ବାଧ୍ୟ ହେଉଥିଲେ । କଥିତ ରୀତି ପ୍ରୟୋଗ ଏବଂ ପ୍ରଚଳିତ ରୁଚି ସହିତ ଗାଲିବ ଯେଉଁ ସାଲିସ କଲେ, ଯଦିଓ ତାଙ୍କର ସ୍ୱାଧୀନ ପ୍ରତିଭାର କିଛି ତ୍ୟାଗ ଥିଲା ସେଥିରେ, ତଥାପି ଉର୍ଦ୍ଦୁ କବିତାର ପ୍ରେମିକଙ୍କ ପାଖରେ ସେ ଖୁବ୍ ଲୋକପ୍ରିୟ ହୋଇ ପାରିଥିଲେ । ଦୂରରେ ଥିବା ବରଫାବୃତ ଶିଖର ପରି ସେ ଆଉ ନ ଥିଲେ । ଜଣେ ପାହାଡ଼ର ପାର୍ଶ୍ୱଭୂମି ମଧ୍ୟ ଦେଖି ପାରୁଥିଲା । ତା'ର ଅରଣ୍ୟ, ତା'ର ପବନ ଏବଂ ତା'ର ବରଫ ଝରଣା, ସ୍ରୋତସ୍ୱିନୀ ହୋଇ ତଳର ଉପତ୍ୟକାକୁ ବହି ଆସୁଥିବା ଦୃଶ୍ୟକୁ ମଧ୍ୟ ଜଣେ ଦେଖି-ପାରୁଥିଲା ।

ଅନ୍ୟ କବିମାନଙ୍କ ଦ୍ୱାରା ପ୍ରଭାବିତ ହେବା ଗାଲିବଙ୍କ ପକ୍ଷରେ ସ୍ୱାଭାବିକ ଥିଲା, ବିଶେଷତଃ ତାଙ୍କ ସମୟର ଲୋକପ୍ରିୟ କବିମାନଙ୍କ ଦ୍ୱାରା, ଯେଉଁମାନେ ପ୍ରଶଂସିତ

ହେଉଥିଲେ । ଅତି ଆଶ୍ଚର୍ଯ୍ୟଜନକ ଆନ୍ତରିକତା ସହିତ ସେ ସ୍ପଷ୍ଟ ଭାବରେ 'ବେଦିଲ୍'ଙ୍କୁ ତାଙ୍କ ଗୁରୁ ଭାବରେ ସ୍ୱୀକାର କରିଥିଲେ ।

ମୋ ପ୍ରଶଂସା ଏତେ ଭାବ ପ୍ରଣୋଦିତ
ବର୍ଣ୍ଣନା କରିପାରେନା;
'ବେଦିଲ'ଙ୍କ ରାଜକୀୟ ପ୍ରତିଭାକୁ
ବିଫଳ ସିନ୍ଧୁ ଧରିଚି ବୁକୁରେ ଯେ
ଖୁସିର ଉନ୍ମାଦନା,
ପାଣିଫୋଟକାଟିଏ କିପରି ସତେ ବା
ପ୍ରକାଶ କରିବ ତାକୁ ।

'ବେଦିଲ' ପର୍ସିଆନ ଭାଷାରେ ଅତି ପାଣ୍ଡିତ୍ୟପୂର୍ଣ୍ଣ ଶୈଳୀରେ ତନ୍ମୟ ହୋଇ ଲେଖୁଥିଲେ । ଗାଲିବ ପ୍ରାଥମିକ ଅବସ୍ଥାରେ ସେଇ ଶୈଳୀରେ ଉର୍ଦ୍ଦୁରେ ଲେଖିବାକୁ ଚେଷ୍ଟା କରିଥିଲେ । ଜଣେ ବିଦଗ୍ଧ ସମାଲୋଚକ ଗାଲିବଙ୍କ ଉପରେ ପର୍ସିଆନ ଏବଂ ଉର୍ଦ୍ଦୁ କବିମାନଙ୍କ ପ୍ରଭାବ ଦେଖାଇବା ପାଇଁ ଅନେକ ଗୁଡ଼ିଏ ଉଦାହରଣ ଦେଇଛନ୍ତି । ପ୍ରଚଳିତ ପ୍ରଥା ଅନୁସାରେ ମଜଲିସ୍ ବା ମୁସାଏରା ପାଇଁ ଆଗରୁ ଛନ୍ଦ ଏବଂ ତାଳ ଘୋଷଣା କରାଯାଏ, ଯେପରିକି ହୃଦୟବାନ୍ ଶ୍ରୋତାମାନେ, ବିଚାରକ ଭୂମିକାରେ ବସି, ରଚନାର ସଦ୍‌ଗୁଣ, ସରଳ କିମ୍ବା କୁଟିଳ, ଅନୁମୋଦନ କିମ୍ବା ନୀରବତାର ସହିତ ରସ ଆସ୍ୱାଦନ କରି ପାରିବେ । ଏହା ମଧ୍ୟ ଉଦ୍ଧରଣ ପାଇଁ ପ୍ରୋତ୍ସାହନ ଦିଏ । କିନ୍ତୁ ପ୍ରଚଳିତ ରୁଚିବୋଧ ହିଁ ଏକ ଉତ୍କର୍ଷର ନିର୍ଣ୍ଣାୟକ । ମାତ୍ର ଆମମାନଙ୍କ ପାଇଁ ଅନିବାର୍ଯ୍ୟ ପ୍ରଶ୍ନଟି ହେଉଛି—ଯୋଉ ଗଜଲ ପାଇଁ ଆଗରୁ ସମୟ, ସୁଯୋଗ, ଧ୍ୱନି ମେଳକ ଶବ୍ଦ ବିନ୍ୟାସ, ଛନ୍ଦ, ତାଳ ଇତ୍ୟାଦିର ବ୍ୟବସ୍ଥା କରି ଦିଆଯାଏ, ସ୍ୱେଚ୍ଛାକୃତ ଭାବେ ଆବୃତ୍ତି କରାଯିବା ସେଇ ରଚନାଟି ସ୍ୱତଃସ୍ଫୂର୍ତ୍ତି ଏବଂ ବିଶୁଦ୍ଧ ବୋଲି ଗ୍ରହଣ କରାଯିବ କି ନାହିଁ ? କିନ୍ତୁ ବିଦଗ୍ଧ ଓ ଅଭିଜ୍ଞ ଲୋକେ ନିଶ୍ଚୟ ଜାଣିପାରିବେ— ଜଣେ କବି ପରମ୍ପରାଗତ ଏବଂ ପ୍ରଶଂସିତ ଶୈଳୀ ଭିତରୁ ଗୋଟିକରେ ତା' ସାହିତ୍ୟିକ ପାରଦର୍ଶିତା ଦେଖାଉଚି କି ? ସେଥିରେ ତା' ନିଜର 'ମୌଳିକତା କିଛି ଅଛି କି ? ପାରମ୍ପରିକ ସମାଲୋଚନା ଏଥିରେ ପାର୍ଥକ୍ୟ ଦେଖେଇଚି—କବିର ଚିନ୍ତାରାଜ୍ୟକୁ ଐଶୀଶକ୍ତି ଭାବେ କ'ଣ ଆସିଚି, ଏବଂ କେବଳ ଶୂନ୍ୟସ୍ଥାନ ପୂରଣ କରିବାପାଇଁ ତା' ଭିତରକୁ କ'ଣ କ'ଣ ଅଣାଯାଇଚି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସବୁ ପ୍ରତୀକ ଗୁଡ଼ିକ ହାତ ପାଖରେ ମହଜୁଦ୍ ଥିବା ବେଳେ ବାନିକ ସ୍ପୃହା,

ସାଧାରଣ ଛନ୍ଦବଦ୍ଧ କବିତାକୁ ମଧ୍ୟ ଶ୍ରୋତାକୁ ଉଚାଙ୍ଗ କବିତା ବୋଲି ମୁଗ୍ଧ କରାଇ ପାରେ ।

ଗାଲିବ ଜଣେ ସ୍ୱଭାବ କବି ଥିଲେ । ସର୍ବସାଧାରଣଙ୍କ ମତାମତ ସମ୍ପର୍କରେ ସେ ଖୁବ୍ ସମ୍ବେଦନଶୀଳ ଥିଲେ, ଏବଂ କୌଣସି ମତେ 'ସାଧାରଣତ୍ୱ'କୁ ପରିତ୍ୟାଗ କରିବା ପାଇଁ ସଙ୍କଳ୍ପବଦ୍ଧ ଥିଲେ । ତାଙ୍କର ପ୍ରଥମ ଶ୍ରୋତା ମଣ୍ଡଳୀ ବୟସ୍କ ହୁଅନ୍ତୁ ବା ତାଙ୍କର ବୟସର ହୁଅନ୍ତୁ, ଅଳ୍ପ ବା ବେଶୀ, ନିଶ୍ଚିତ ଭାବେ ବିସ୍ମୟ ବିମୂଢ଼ ହୋଇ ଯାଇଥିବେ, କାରଣ ସେମାନେ ଗାଲିବଙ୍କଠାରୁ ଯାହା ଶୁଣିବାକୁ ଆଶା କରିଥିଲେ ତାହା ସେ କହି ନ ଥିଲେ, ଯଦିଓ ସେ କାବ୍ୟିକ ପରମ୍ପରାଠୁ ଦୂରେଇ ନ ଯାଇ ନିଜସ୍ୱ ଭାଷାଚାତୁରୀ ଦ୍ୱାରା ଯାହା କହିବାକୁ ଚାହିଁଥିଲେ ତା' କରିଥିଲେ । କବିତାର ଜଣା ଶୁଣା ଆନନ୍ଦ ସେମାନଙ୍କୁ ସେ ଦେଉ ନ ଥିଲେ ବରଂ ସେ ଯୋଉ ଅର୍ଥ ସୃଷ୍ଟି କଲେ, ତା'ର ଆବିଷ୍କାର ପାଇଁ ଆହ୍ୱାନ ଦେଉଥିଲେ । ଏଇଥି ଯୋଗୁଁ ଶ୍ରୋତାମଣ୍ଡଳୀ ତାଙ୍କୁ ଉପେକ୍ଷା କରିପାରୁ ନ ଥିଲେ କାରଣ ତା' ଏକ ପ୍ରକାର ସେମାନଙ୍କ ପକ୍ଷରେ ପରାଜୟ ସ୍ୱୀକାର ପରି ଥିଲା ।

ଏହାଛଡ଼ା ତାଙ୍କ ପଂକ୍ତି ଗୁଡ଼ିକରେ ଗରିମାମୟ ଛନ୍ଦ ସମୃଦ୍ଧ ଭୃଉବ ଥିଲା । ପୂର୍ବରୁ କେବେ, ଉର୍ଦ୍ଦୁରେ ହଠାତ୍ ଚମକେଇ ଦେଲାପରି ଶବ୍ଦ ବିନ୍ୟାସର ଚେଷ୍ଟା ନ ଥିଲା । ଭାବର ଧ୍ୱନିବହୁଳତା, ଗତାନୁଗତିକ ପ୍ରଥାରେ ନ ଥିଲା, ଯାହା ଗାଲିବଙ୍କ ଶବ୍ଦ-ଯୋଜନାରେ ପ୍ରକାଶ ପାଇଲା । କଥିତ ଭାଷାର ଚତୁର ପ୍ରୟୋଗ ଦ୍ୱାରା ଯେଉଁ ଶବ୍ଦ ଏବଂ ଭାଷା ସୁନ୍ଦର ଏବଂ ସାବଲୀଳ ଭାବେ ପ୍ରକାଶ ପାଉଥିଲା ସେଥିରେ ଗାଲିବଙ୍କ ମୌଳିକତା ଯୋଗୁଁ ଚିନ୍ତାର ସଂକ୍ଷିପ୍ତ କରଣ ଓ ଗଭୀର ଗାମ୍ଭୀର୍ଯ୍ୟ ପ୍ରକାଶ ପାଉଥିଲା । ଏହା ଅବଶ୍ୟ ଠିକ୍, ଅନେକ ସମୟରେ ଶବ୍ଦ ଗୁଡ଼ିକର ଉଦ୍ଭଟ ପ୍ରୟୋଗ ଦ୍ୱାରା ଅର୍ଥ ପତନ ଅନିର୍ବାର୍ଯ୍ୟ ହୋଇ ପଡ଼ୁଥିଲା ଏବଂ ଗୋଟାଏ ଭାବନାକୁ ସାକାର କରିବା ପରିବର୍ତ୍ତେ ଗାଲିବ, ଜଟିଳ ଦୁର୍ବୋଧ ଶବ୍ଦାବଳୀର ନିଘଞ୍ଚ ଦୃଶ୍ୟପଟରେ ହଟହଟା ହୋଇପଡ଼ୁଥିଲେ । ଗୋଟିଏ ଗଳ୍ପ ଅଛି—ତାଙ୍କର ଯୁବସୁଲଭ ପ୍ରତିଭାର ଜଣେ ବୟସ୍କ ଗ୍ରାହକ ଥରେ ଗାମ୍ଭୀର୍ଯ୍ୟ ପୂର୍ଣ୍ଣ ଶବ୍ଦର ଏପରି ନିରର୍ଥକ ସଂଯୋଜନା କଲେ ଏବଂ ଏପରି ଅଦ୍ଭୁତ ଢଙ୍ଗରେ ଆବୃତ୍ତି କଲେ ଯାହା ଶୁଣି ସେ ଅବାକ୍ ହୋଇଗଲେ । ଗାଲିବଙ୍କ ସ୍ଥିର ବିସ୍ଫୋରିତ ପ୍ରତିକ୍ରିୟା ସୂଚକ ଦୃଷ୍ଟିର ଜବାବରେ ଆବୃତ୍ତିକାର ସ୍ୱୀକାର କଲେ: ପଦ୍ୟରେ ବାସ୍ତବିକ କୌଣସି ଅର୍ଥ ନାହିଁ । କିନ୍ତୁ ଏହା ଅନ୍ୟ କବିତା ସମ୍ପର୍କରେ ମଧ୍ୟ କୁହାଯାଇପାରେ ଯଦି କବି ଭୁଲିଯାଏ ଯେ ଭଲ କବିତା ବୋଧଗମ୍ୟ ହେବା ଉଚିତ ।

ଦେଖେଇବା ପାଇଁ ଅନେକ ଉଦାହରଣ ଦିଆଯାଇ ପାରିବ— ବେଦିଲ ଏବଂ ଅନ୍ୟ କେତେକ କବିଙ୍କ ଢଙ୍ଗକୁ ଅନୁସରଣ କରି ଗାଲିବ ତାଙ୍କର ପ୍ରଥମ ଅବସ୍ଥାରେ ଛନ୍ଦ ବିଜଡ଼ିତ ଉକ୍ତିର ପ୍ରକାଶ କରଣରେ ଆମୋଦିତ ହେଉଥିଲେ । କିନ୍ତୁ ତାଜା ଏବଂ ଆଧ୍ୟାତ୍ମିକ ବୁଦ୍ଧି ସମ୍ପନ୍ନ ଉପାଦାନ ସହିତ ପୁରାତନ ପ୍ରତୀକ ଗୁଡ଼ିକ ଭିତରେ ନୂତନ ଅର୍ଥ ସୃଷ୍ଟି କରିବା ଯଦି କବିତାର ଲକ୍ଷ୍ୟ ହୁଏ, ଗାଲିବ ଅନୁଭବ କରୁଥିଲେ, ମାଧ୍ୟମ ରୂପେ ବ୍ୟବହାର କରିବା ପାଇଁ, ଗୋଟାଏ ନୂତନ ଶବ୍ଦ କୋଷ ନିଶ୍ଚିତ ଭାବେ ସଞ୍ଚୟନ କରିବାକୁ ପଡ଼ିବ । ଉଭୟ ପର୍ସିଆନ ଏବଂ ଉର୍ଦ୍ଦୁ ଶବ୍ଦାବଳୀର ମିଶ୍ରଣରେ ସେ ନିଜପାଇଁ ଏଇ ନୂତନ ମାଧ୍ୟମର ପ୍ରଚଳନ କରିଥିଲେ ଯାହା ତାଙ୍କ ଉଭୟ ଭାଷାର ସ୍ୱତନ୍ତ୍ର ପ୍ରୟୋଗ ବିଧି ଦ୍ୱାରା ତାଙ୍କ ସ୍ୱାତନ୍ତ୍ର୍ୟକୁ ଅକ୍ଷୁନ୍ନ ରଖିଥିଲା । ସେ ନିଶ୍ଚିତ ଭାବେ ସମ୍ପୂର୍ଣ୍ଣ ନୂତନ ସିଦ୍ଧି ହାସଲ କରିଥିଲେ । ଏପରି କି ଯେଉଁଠି ଭାବନାଗୁଡ଼ିକୁ ବାହାର କରିବା କଷ୍ଟସାଧ୍ୟ ସେଠି ମଧ୍ୟ ସେ ଭାଷାର ଅନୁକ୍ରମ ରକ୍ଷା କରିପାରିଥିଲେ, ଯାହା ପାଠକକୁ ମନ୍ତ୍ର ମୁଗ୍ଧ କରି ତୋଳେ ।

ତାଜା ଏବଂ ବୁଦ୍ଧିଦୀପ୍ତ ଆଧ୍ୟାତ୍ମିକ ଅନୁଭୂତି ସଞ୍ଚାଳିତ କରିବାକୁ ଇଚ୍ଛାକରି ଗାଲିବ କି ନୂତନ ଭାବାର୍ଥ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ? ତାଙ୍କର ପ୍ରଥମ ପର୍ଯ୍ୟାୟର ଗୋଟିଏ କବିତାରୁ ଆମେ ଏକ ଉଦାହରଣ ନେଇପାରୁ ।

ଉଦ୍ଦେଶ୍ୟହୀନ, ଭ୍ରମଣର ଉଦ୍ୟମ
　　ଏଇ ଜୀବନକୁ କରିବାର ଲାଗି
ତା' ପରବର୍ତ୍ତୀ ଭୂମିକାର ଉପଯୋଗୀ ।
ପ୍ରେମର ବିଜୟ ଉଲ୍ଲାସ ପଥେ ଗଲା,
ଆତ୍ମାର ଅବସାଦ
ସେ କେବଳ ଏକ ଚଳମାନ ଭାବନା...
　　କ୍ଲାନ୍ତ ଓ ବିଶ୍ରାମର ।

ଗୋଟିଏ ଅନୁବାଦ ଯଥେଷ୍ଟ ନୁହେଁ । ଆମେ ମୂଳ ଲେଖାର କାବ୍ୟିକ ଦ୍ୟୋତନା ଅକ୍ଷୁନ୍ନ ରଖିବା ଲାଗି ପଦାର୍ଥ ଏବଂ ଭାବାର୍ଥର ବିଶଦ ବିଶ୍ଳେଷଣ କରିବା ଉଚିତ୍ । ଗାଲିବ କହନ୍ତି, ଆମକୁ କୁହାଯାଇଛି ପରବର୍ତ୍ତୀ ଜୀବନ ସହିତ ପାରମ୍ପରିକ ଐକ୍ୟ ଆଣିବା ପାଇଁ, ମଣିଷ ତା' ଜୀବନକୁ ପୃଥିବୀକୁ ଆଣିବା ଉଚିତ—ଅନ୍ତିମ ସହିତ ପ୍ରତ୍ୟକ୍ଷକୁ ସମତୁଲ୍ୟ କରିବା ପାଇଁ । ଏହା ବିରକ୍ତିକର ଏବଂ ଦୁଷ୍ପ୍ରାପ୍ୟ । ଆମେ ଯଦି ଏହାକୁ ଗ୍ରହଣ କରୁ, ଆମ ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ଅଗ୍ରାହ୍ୟ କରୁ, ଯାହା ଆମର ସ୍ୱଭାବଗତ ଆଧ୍ୟାତ୍ମିକ ପ୍ରେରଣାକୁ ମୁକ୍ତ ଲଗାମ ଦେବ—ଆବେଗର ଉତ୍ସାହ

ଅନୁସାରେ ପ୍ରେମ କରିବା ପାଇଁ ଏବଂ ଆଉ ସବୁ କିଛି ଯାହା ଆମ ଭିତରେ ଯଥାର୍ଥରେ ମାନବୀୟ । ଚାଲ ଆମେ ସମ୍ପୂର୍ଣ୍ଣ ଭାବେ ମାନବିକ ହେବା । ଆସ, ଆମ ଜୀବନକୁ ଏକ ବିରାମହୀନ କାର୍ଯ୍ୟାନୁଷ୍ଠାନ କରିବା ଏବଂ ଯଦି କେବେ ଆମେ କ୍ଳାନ୍ତ ଅନୁଭବ କରିବା, ଆମେ ଧରିନେବା ଉଚିତ, ଆମେ ବିଶ୍ରାମ ନେବାକୁ ଚାହୁଁଚୁ । କାରଣ ରାସ୍ତା ସୁଦୂର ବୋଲି ନୁହେଁ, ପର୍ଯ୍ୟଟନରେ ଯେତେଶୀଘ୍ର ଆମେ ପୁଣି ବାହାରିବା, ଅବସନ୍ନତା ଚାଲିଯିବ ।"

କେହି ତତ୍‌କ୍ଷଣାତ୍ ଆକ୍ଷେପ କରିବେ ଏହା ନୈତିକ ଅରାଜକତା ପାଇଁ ଏକ ପ୍ରୋତ୍ସାହନ । କେହି କେହି ପ୍ରେମ, ଅନୁରାଗ ଏବଂ ଆବେଗ ଦ୍ୱାରା ଯେଉଁ ଅବିରାମ ଗତିଶୀଳତା ସୃଷ୍ଟି ହୁଏ ତା'ର ଅନୁଶୀଳନ ଏବଂ ସ୍ପଷ୍ଟୀ କରଣ ଚାହିଁବେ—ଯାହା ଆମେ ସ୍ୱୀକାର କରିବା ଉଚିତ : କେହି ବୁଝି ପାରିବେ ନାହିଁ । ଏହା କାହିଁକି ହୁଏ ଦେଖିପାରିବା କଷ୍ଟ ନୁହେଁ । ଯୋଉମାନେ ନୈତିକ ଶୃଙ୍ଖଳାରେ ବିଶ୍ୱାସ କରନ୍ତି, ସେମାନେ ବୁଝନ୍ତି ନାହିଁ ଯେ ଶୃଙ୍ଖଳା ନିଜପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ଆଡ଼କୁ ନେଇଯିବା ପାଇଁ ଯେଉଁମାନେ ଭାବନାର ସ୍ୱଚ୍ଛତା ଦାବୀ କରନ୍ତି ସେମାନେ ସେଇ ସ୍ୱଚ୍ଛତା ଦ୍ୱାରା ହିଁ ସନ୍ତୁଷ୍ଟ ହୁଅନ୍ତି । ଯେଉଁମାନେ ବୁଝି ପାରନ୍ତି ନାହିଁ, ସେମାନେ ଭାବନ୍ତି—କବିର କାର୍ଯ୍ୟ ହେଉଚି ଅତି ସୁନ୍ଦର ଭାବେ ମିଳନାତ୍ମକ ଆସକ୍ତିର ଭାବ ପ୍ରକାଶ କରିବା । ସେମାନେ ଚାହାନ୍ତି ତାଙ୍କର ସ୍ୱରରେ କବିମାନେ ଅନୁଭବ କରିବା ଏବଂ କହିବା ଉଚିତ୍, ଯାହା ଦ୍ୱାରା ସେମାନେ ଖୁସି ହେବେ ଏବଂ ଉତ୍ତେଜନା ଅନୁଭବ କରିବେ । ଯେତେଦୂର ସମ୍ଭବ ସେମାନେ ଚିନ୍ତାର ଚାପ ବହନ କରିବାକୁ ପ୍ରସ୍ତୁତ ନୁହନ୍ତି, ଯାହା ଅଛି କେବଳ ସେତିକ ସେମାନେ ଗ୍ରହଣ କରନ୍ତି, ଏବଂ କ'ଣ ହୋଇପାରେ, ବା ଚିନ୍ତା କରି ଦେଖିଲେ କ'ଣ ହୋଇ ପାରିବ, ତା'ପ୍ରତି ସେମାନେ ପିଠି ବୁଲେଇ ବସିବା ଚାହାନ୍ତି ନାହିଁ । କ'ଣ ହବା ଉଚିତ—ଯଦି ମଣିଷ; ମଣିଷ ହେଇ ରହିବା କଥା ଏବଂ ମଣିଷ ପାଇଁ ତା' ଜୀବନ ଯଥାର୍ଥରେ ଯଦି ଏକ ନିଜସ୍ୱ ଆବିଷ୍କାରର କଥା ହୁଏ, ଗାଲିବ ଆମକୁ କହିନାହାନ୍ତି କ'ଣ ସେ ଆବିଷ୍କାର କରିଛନ୍ତି । ସେ କେବଳ ଆବିଷ୍କାର ପାଇଁ ପ୍ରେରଣା ଉଦ୍ଦୀପ୍ତ କରାଇ ପାରିବେ । ସନ୍ତୋଷ ଦେବା କବିର କାର୍ଯ୍ୟ ନୁହେଁ । କିନ୍ତୁ ଏପରି ଏକ ଅସନ୍ତୋଷର ଗଭୀରତା ସୃଷ୍ଟି କରିବ, ଏତେ ଦୁର୍ବାର ଅସ୍ଥିରତା, ଯାହା ଫଳରେ ଆମେ ଜୀବନର ସମ୍ଭାବନା ସମ୍ପର୍କରେ ଭାବିବା ପାଇଁ ବାଧ୍ୟ ହେବୁ । ଭାବନା—ଯାହା ବଞ୍ଚିବାକୁ ଏକ ତାତ୍ପର୍ଯ୍ୟ ପୂର୍ଣ୍ଣ ଅଭିଜ୍ଞତା ସୃଷ୍ଟି କରେ ।

ଅନ୍ୟ ଏକ ଉଦାହରଣ ନିଆ ଯାଇପାରେ :—

ସୌନ୍ଦର୍ଯ୍ୟର ବିଜୁଳି ଝଲକ
ଦୃଷ୍ଟି ଶକ୍ତି ଦେଇଚି ନଷ୍ଟକରି,

ମୋ' ଆଖିପତାର ଲୋମ କେବଳ ଯା' ରହିଛି
ଜଳୁଥିବା ଏକ କିଶଲୟ ଡ଼ାଳ
        ନିଭନ୍ତା ନିଆଁର ଉଗ୍ରସ୍ମାରକୀ ପରି ।

ଉଦ୍ୟମ କରି, ଆଉଥରେ ସେଇ
ଦୃଶ୍ୟ ଦେଖିବା ପାଇଁ
        ମୋ ଆଖିକୁ ମୁଁ ଆଘାତ ଦେଇଛି ଏତେ
ଆତ୍ମଭରିତା ଛଡ଼ା, ଆଖି ଲୁହ...
        ଧୋଇନେଲ ସବୁ ଯେତେ ।

ବାକି ନାହିଁ କିଛି, ଗୃହାଣିକୁ ଖାଲି ଛୁଡ଼ି
ସ୍ୱଚ୍ଛ ଶିଶିର କଣାର ଦୀପ୍ତି ପରି ।

ଶରତ ଋତୁର କର୍ମିତ ହାତେ
        ଶହ୍ୱଦ ହୋଇଛି କାମନାର ଉପବନ
ଏବଂ ପୁଣି ଆସିବ ଫଗୁଣ
        ମୋ' ବିଷାଦ ପରି ମଳିନ, ରକ୍ତହୀନ ।

ସାକ୍ଷୀ ନୟନରୁ ଆଗ୍ରହ ଯେତେ ଗଲଣି,
        ବିଳାସ ପିଆଲି କେହି ଆଉ ହାତେ ଧରିନି,
ସାଥୀ ହୋଇ ମୋର ଏବେ ସବୁ ଯାହା ଅଛି
        ବିବର୍ତ୍ତନର ମାନ ଅଭିମାନ ଠାଣି ।

ଅବଶ୍ୟ ଏହାକୁ ସମ୍ପୂର୍ଣ୍ଣ ନୈରାଶ୍ୟ ବାଦର ଏକ ନିଷ୍କାସ ବୋଲି ବ୍ୟାଖ୍ୟା କରାଯାଇ ପାରିବ; ଏକ ଭିନ୍ନ ଏବଂ ଜଟିଳତାପୂର୍ଣ୍ଣ ପୁନରାବୃତ୍ତି, ଯୋଉ ବିଷୟରେ ଅନ୍ୟକବିମାନେ ଅଧିକ ପ୍ରାଞ୍ଜଳ ଭାବେ କହିଛନ୍ତି । କିନ୍ତୁ ଆମେମାନେ ଯଦି ପଂକ୍ତି ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା, ଆମେ ବିଭିନ୍ନ ସ୍ତରରେ ମନସ୍ଥିତିର ପ୍ରାୟ ଏକ ସଠିକ ବର୍ଣ୍ଣନା ଦେଖିବା । କବି ସୌନ୍ଦର୍ଯ୍ୟକୁ ଦେଖିଛନ୍ତି, ଗୋଟାଏ ଆକସ୍ମିକ ଆଲୋକ ଛଟାର ବିଦ୍ୟୁତ ପରି ତାଙ୍କୁ ଅନ୍ଧ କରିଛି, ଦୃଷ୍ଟି ଶକ୍ତିକୁ ନଷ୍ଟ କରି ଦେଇଛି, କେବଳ ଅଳ୍ପ କେତେକ କୁହୁଳୁ ଥିବା ଆଖିପତାର ଲୋମକୁ ଛୁଡ଼ି ଏବଂ ବାସ୍ତବିକ ଯେତେବେଳେ କିଛି ହେଲେ ବାକି ରହିଯାଇ ନାହିଁ, ସେତେବେଳେ ନିଆଁର ଚିହ୍ନ ଦେଖାଇବା ଏକ ନିର୍ଲଜତା ବୋଲି ମନେ ହୁଏ । କିନ୍ତୁ ଆଖିକୁ ଦେଖିବା ପାଇଁ ବାଧ

କରାଯାଇଛି, ସେ ଯାହା ତା' ଅନ୍ୟଥା ହେବାକୁ ଦେବ ନାହିଁ । ସେ ଯାହାହେଉ ତା'ର ନିଜସ୍ୱ ଦୃଢୋକ୍ତି ଯାହା ଉପସ୍ଥାପିତ କରେ ତା' ହେଉଛି— କ୍ଷଣିକ ଦୃଷ୍ଟି, ଠିକ୍ ସମୁଜ୍ଜ୍ୱଳ ଶିଶିରବିନ୍ଦୁ ପରି । ଏହା ଖୁବ୍ ସ୍ୱଚ୍ଛ, ସନ୍ଦେହ ନାହିଁ, କିନ୍ତୁ କେବଳ ଶିଶିର ବିନ୍ଦୁଟିଏ ପରି । କିମ୍ବା ଯଦି ଭିନ୍ନ ପ୍ରକାରରେ କହିବା—ବଗିଚାର ଫୁଲ ପ୍ରସ୍ଫୁଟିନ ହୋଇ ଯାଇଛି, ଏହା ଖିଆଲର କଥା । କାରଣ ଶରତ ଆସିବା ଅନିବାର୍ଯ୍ୟ, ଏବଂ ବଗିଚାର ଫୁଲକୁ ସତେଜ କରିବା ପାଇଁ ଯୋଉ ଆବେଗ ଆଉ ଉତ୍ତେଜନା ଉଦ୍‌ଭବ କରିବ, ତା' ହେଉଛି ପାଣ୍ଡୁର ବର୍ଣ୍ଣହୀନ ବସନ୍ତ, ଯାହା ଗଭୀର ଦୁଃଖରୁ ପରିତ୍ରାଣ ମିଳିଲେ ଯେଉଁ ତୃପ୍ତି ମିଳେ, କେବଳ ସେତିକି । କିମ୍ବା ଦୈନନ୍ଦିନ ଜୀବନର ପ୍ରତିଛବି ପାଖକୁ ଆସିଲେ, ସାକୀର ଆଖି ଆଡକୁ ଜଣେ ଚାହିଁ ବିସ୍ମୟରେ ଥରିପାରିବ ନାହିଁ, ଜଣେ ପିଆଲାକୁ ନିଗାଡ଼ି ନେଇ କହି ପାରିବ ନାହିଁ—ପୁଣି ଥରେ ଭରିଦିଆ-ଯାଉ । ଅର୍ଥହୀନ ପରିବର୍ତ୍ତନ ଭିତରେ ଜଣକୁ ସମସ୍ତ ସହିତ ଚାଲିବାକୁ ହିଁ ପଡ଼ିବ ।

ଯଦି ଏହା କହିବାରେ, ଗାଲିବ ଦାବୀ କରିଥାଆନ୍ତି—ସେ ଏକ ନୂତନ ଭାବାର୍ଥ ସୃଷ୍ଟି କରିଛନ୍ତି ତେବେ ସେ ଯୁକ୍ତ ଯୁକ୍ତ ।

ଗାଲିବଙ୍କ ଗଜଲର ଚୂଡ଼ାନ୍ତ ଓ ଲୋକପ୍ରିୟ ସଙ୍କଳନରେ ପାରମ୍ପାରିକ ପଦ୍ଧତିର ସମୀକ୍ଷା ପ୍ରୟୋଗ କରାଯାଇଛି, ତାଙ୍କର ପ୍ରାଥମିକ ଅଂଶ ବିଶେଷକୁ ପୂରା-ପୂରି ବାଦ୍ ଦିଆଯାଇଛି । ପାରମ୍ପରିକ ଢ଼ଙ୍ଗର ଐତିହ୍ୟନିଷ୍ଠ ସମାଲୋଚକମାନେ, ଉର୍ଦ୍ଦୁ ଓ ପର୍ସିଆନ ଛଡ଼ା ଆଉ କୌଣସି ସାହିତ୍ୟ ସମ୍ପର୍କରେ ଜାଣି ନ ଥିଲେ । କେବଳ ପ୍ରେମିକାର ଧାରଣା, ପ୍ରତିଦ୍ୱନ୍ଦୀ, ଈର୍ଷାପରାୟଣତା ପ୍ରଭୃତିର କପରି ଏକ ଅଭିନବ ବ୍ୟକ୍ତିକେନ୍ଦ୍ରିକ ଭାବୋକ୍ତି ଦିଆ ଯାଇଛି, କେବଳ ସେତିକି ଦେଖାଇବା ଛଡ଼ା, କୌଣସି ନୂଆ ଭାବାର୍ଥକୁ ସ୍ୱତନ୍ତ୍ର କରି ଦେଖାଇବାରେ ଅନଭିଜ୍ଞ ଥିଲେ । ଆଧୁନିକ ଢ଼ଙ୍ଗର ସମାଲୋଚକ, ଯେଉଁମାନଙ୍କର ସାହିତ୍ୟ ଏବଂ ସାହିତ୍ୟିକ ପ୍ରଚଳନର ତୁଳନା-ତ୍ମକ ବିଚାର କରିବାର ସୁଯୋଗ ଥିଲା. ସେମାନେ ମାର୍କସବାଦୀ ସମାଲୋଚନାର ବିସ୍ଫୋରଣ ଦ୍ୱାରା ଏପରି ମୋଟା ବୁଦ୍ଧିଆ ହୋଇ ଯାଇଥିଲେ ଯେ ସେମାନଙ୍କର ଐତିହାସିକ ଏବଂ ସାହିତ୍ୟିକ ସ୍ୱାଭାବିକତା ପୁରାପୁରି ବିକୃତ ହୋଇ ଯାଇଥିଲା ଏବଂ ଗୋଟାଏ ମୁକ୍ତ, ସୃଷ୍ଟିଶୀଳ. ମାନସିକ ବ୍ୟକ୍ତିତ୍ୱର ଅବଧାରଣା ସେମାନଙ୍କ ପକ୍ଷରେ ଅବୋଧ୍ୟ ଥିଲା । ଯେଉଁମାନେ ଏତେଟା ମୋଟା ବୁଦ୍ଧିଆ ନ ଥିଲେ, ସେମାନଙ୍କର ଅଭିଜ୍ଞତାରେ ଯଥେଷ୍ଟ ଅଭାବ ଥିଲା ଏବଂ ସୃଜନଧର୍ମୀ ମନୀଷୀର ମାନସିକ ଅନୁଭବ ଶକ୍ତି ପ୍ରତି ସେମାନେ ସମ୍ବେଦନଶୀଳ ହୋଇପାରୁ ନ ଥିଲେ । ଗାଲିବଙ୍କ ପ୍ରାଥମିକ ସମୟର କବିତାର ଅନୁଧ୍ୟାନରୁ କେବଳ ଦେଖାଯାଏ ଯେ ନାରୀମାନଙ୍କ ଉପସ୍ଥିତି

ସମ୍ପର୍କରେ ତାଙ୍କର କିଛି ଅବଧାରଣା ନ ଥିଲି କିମ୍ବା ସେ ଯେଉଁ ନାରୀଟିକୁ ଭଲ ପାଉଥିଲେ, ତା'ଠାରେ ପ୍ରେମିକା ଭାବମୂର୍ତ୍ତିର କୌଣସି ପ୍ରତିଫଳ ନ ଥିଲି । ଏଇଥି-ପାଇଁ ଶୈଳୀ ସମ୍ବନ୍ଧ ଯେଉଁ ପ୍ରତୀକ ଗୁଡ଼ିକୁ ସେ ନିଜର ବିଅନ୍ତି, ସେ ସବୁର କୃତ୍ରିମତା ପାଇଁ ସେ ନିନ୍ଦିତ ହୁଅନ୍ତି ଏବଂ ଶାରୀରିକ ଆଉ ସାମାଜିକ ଜୀବନର ବାସ୍ତବତାଠାରୁ ତାହା ବିଚ୍ଛିନ୍ନ ହୋଇଥିବା ଯୋଗୁଁ ସାହିତ୍ୟିକ ଯେଉଁ ପ୍ରଚଳିତ ରୀତି ଦରକାର କରେ, ଗାଲିବଙ୍କ ପରି ଜଣେ ସମ୍ପୂର୍ଣ୍ଣ ରକ୍ତମାଂସ ପୁରୁଷ ପକ୍ଷରେ ତାହା ଗ୍ରହଣ କରିବା ଅସମ୍ଭବ ଥିଲି ।

ଗାଲିବଙ୍କୁ ବୁଝିବା ପାଇଁ ଦୃଢ଼ତାର ସହିତ କହିବା ପ୍ରୟୋଜନ ଯେ ତାଙ୍କ ପାଇଁ କବିତା ଥିଲି ସର୍ବୋଚ୍ଚସ୍ତରରେ ନାନ୍ଦନିକ ଓ ବୌଦ୍ଧିକ ବଂଶଗତିର ଏକ ପ୍ରତିନିଧି । କୌଣସି ବିଶ୍ୱାସ, ଚିନ୍ତା ସଙ୍ଗଠନ ମାଧ୍ୟମରେ ଯେଉଁଠି ଆତ୍ମ ପ୍ରତିଷ୍ଠା, ଆତ୍ମ ଉପଲବ୍ଧି ଲାଗି ଏକ ପ୍ରେରଣା, ସେଠି ପରିଣାମ ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ କବିଙ୍କର ଆତ୍ମ ପ୍ରତିଷ୍ଠା ସହିତ ଆମେ ସମ୍ପୃକ୍ତ (କେବଳ ପର୍ସିଆନ ଏବଂ ଉର୍ଦ୍ଦୁ କବିମାନଙ୍କର) ଯାହା ସ୍ୱୟଂ ସମ୍ପୂର୍ଣ୍ଣ—ମନ ଓ ହୃଦୟକୁ ବେଢ଼ି ବନ୍ଧନରୁ ମୁକ୍ତ କରିବା ପାଇଁ ପ୍ରଚେଷ୍ଟା, ଗୋଟାଏ ଚରମ ମୁକ୍ତିର ଅନ୍ୱେଷଣ ପାଇଁ । କାବ୍ୟିକ ମିଜାଜ ଆଉ କାବ୍ୟିକ ଭାବ ମୂର୍ତ୍ତି ଛଡ଼ା ଏଇ ଆତ୍ମ ଦୃଢ଼ୋକ୍ତି ସବୁ କିଛିକୁ ଅସ୍ୱୀକାର କରୁଚି ବୋଲି ସୂଚନା ଦିଏ । ମିଜାଜର ପ୍ରତିଟି ଖାମ୍ ଖିଆଲ ଭାବ, ତା' ନିଜର ସ୍ୱତନ୍ତ୍ର ପରିପ୍ରେକ୍ଷୀରେ ଗୃହୀତ ହେବା ଉଚିତ । ସମ୍ପାଦିତ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ, ଏବଂ ମନସ୍ଥିତିର ପରିବର୍ତ୍ତନକୁ ଅନିବାର୍ଯ୍ୟ ବୋଲି ଗ୍ରହଣ କରାଯିବା ଉଚିତ । କାରଣ ସ୍ଥିତିଶୀଳତା ନିଜେଇ ଏକ ପ୍ରକାର ଧାରା ବାହକ ପରିବର୍ତ୍ତନ ଶୀଳତା । ପୁଣି ଖ୍ୟାମ ଖିଆଲ ମନସ୍ଥିତିର ପରିବର୍ତ୍ତନ କଥା ଯଦି ଭାବିବା, ଏହା ନିଷ୍ଚୟ ଆକସ୍ମିକ ହେବ, କ୍ରମିକ ନୁହେଁ । କବିର ଅଧିକାର ଏବଂ ମସ୍ତିଷ୍କକୁ ଅଦଳ ବଦଳ କରିବାର ଦକ୍ଷତାକୁ 'ଗଜଲ' ଏକ ଅତିରଞ୍ଜିତ ଢଙ୍ଗରେ ପ୍ରଦର୍ଶିତ କରାଏ । କବିର ଧ୍ୟାନଧାରଣା ବା ବିଶ୍ୱାସକୁ ତା' ମନସ୍ଥିତି ସହିତ ସମନ୍ୱିତ କରିବା ପାଇଁ ଯେ କୌଣସି ଚେଷ୍ଟା— ଅନ୍ୟପକ୍ଷୀମାନଙ୍କ ପରି ଦେଖାଯିବା ପାଇଁ; କ୍ରୋଞ୍ଚ ପକ୍ଷୀର ଗୋଡ଼ ଆଉ ବେକକୁ କାଟିଦେଲି ପରି; ଖ୍ୱାଜା ନାସିରୁଦ୍ଦିନଙ୍କ ପଦ୍ୟକ୍ଷାର ପୁନରୋବୃତ୍ତି ହେବ । ଅନଧିକାର ହସ୍ତକ୍ଷେପ ନ କରି, ସମାଲୋଚକ ଯାହା ସବୁ କରିପାରେ; ତା' ହେଉଚି— ବିଶୁଦ୍ଧ ଦେଶୀ ଭାବରେ ପ୍ରଚଳିତ ପ୍ରଥା ଓ ଢଙ୍ଗଢାଙ୍ଗ, କିମ୍ବା କବିର ପ୍ରକୃତ ଚରିତ୍ରରେ ଯାହା ବେଶୀ ଭାବରେ ଥିବା ଦେଖାଯାଏ— କାବ୍ୟିକ ଭାବମୂର୍ତ୍ତି ସୃଷ୍ଟି କରିବା ଲାଗି ତା'ର ସବୁ କିଛି ଶକ୍ତି ଯେତେବେଳେ ତରଳ ନିଃଶେଷ ହୋଇଯାଏ, ତାକୁ ଖୋଜିଦେଖିବା ।

ଗାଲିବ କବିତାର ସାଧାରଣ ସ୍ୱର ନେତିବାଚକ ବୋଲି କୁହାଯାଇପାରେ ।

ଯେଉଁ ସ୍ୱର, ତାଙ୍କର ଅଶାନ୍ତ, ଅସନ୍ତୋଷ, ନିର୍ମୋହ, ଅସ୍ଥିରତା, ଦୁଃଖ ଏବଂ ଯନ୍ତ୍ରଣାରେ ପ୍ରକାଶ ପାଏ ଏବଂ ଅନେକ ଦୁର୍ବଳତାର ଶାରୀରିକ ଅବସ୍ଥିତିର ମୂଲ୍ୟବୋଧକୁ ଅସ୍ୱୀକାର କରିବା ଲାଗି ବାଧ୍ୟ କରାଏ । ଏହା ତାଙ୍କର ବ୍ୟକ୍ତି ପ୍ରାଧାନ୍ୟ ଉପଲବ୍ଧିର ଯୁକ୍ତାଯୁକ୍ତ ଏବଂ ସ୍ୱଭାବଗତ, ଉଭୟ ପରିଣାମର ଏକ ଉତ୍ତେଜନା, ଏବଂ ଏହାହିଁ ତାଙ୍କୁ ଧାରାବାହିକ ଭାବେ ଦୈହିକ ବାସ୍ତବତା ସହିତ ବିବାଦରେ ଆଣେ—ଏକ ସଂଘର୍ଷ, ଯେଉଁଥିରେ ଜୀବନ୍ତ ଚେତନଶୀଳତା ପରାଜିତ ହୁଏ ସଦାବେଳେ, ମାତ୍ରଗୋଲ ଦଣ୍ଡା ଭିତରକୁ ଫେରିଆସେ । ନେତିବାଚକ ମନସ୍ଥିତିର ନିଜସ୍ୱ ପ୍ରତୀକ ଅଛି —ଉଚ୍ଛୃଙ୍ଖଳତା, ମରୁଭୂମି, ବିଦ୍ୟୁତ ଝଲକ, ହାତକଡ଼ା, ଆଘାତ ଏବଂ ତା'ର ଅନୁରୂପ ପରିସ୍ଥିତି ହେଲା ପାଗଳାମି, ବିଷର୍ଣ୍ଣତା, ଅଶ୍ରୁ, ନୈରାଶ୍ୟ, ଖେଦୋକ୍ତି ଏବଂ ଅପୂର୍ଣ୍ଣ କାମନାର ବେଦନା । ଜୀବନର ବିଷାଦ ଓ ବେଦନା ବର୍ଣ୍ଣିବାର ଏକ ଆବଶ୍ୟକୀୟ ପରିଣାମ । ଗାଲିବ ବେଳେ ବେଳେ ଅଭିଜ୍ଞାନ ଉପରେ ସବୁ ଦୋଷ ଲଦି ଦିଅନ୍ତି । କ'ଣ ଅଛି ଏବଂ କ'ଣ ହୋଇପାରେ ଏ ଉଭୟଙ୍କୁ ମରୁଭୂମି ସପକ୍ଷରେ ଯୁକ୍ତି କରି ବର୍ତ୍ତମାନର ଶୃଙ୍ଖଳିତ ପୃଥିବୀକୁ ପରିତ୍ୟାଗ କରିବାର ଯେଉଁ ପାଗଳାମି, ପୁଣି ସାଙ୍ଗେ ସାଙ୍ଗେ ଈଶ୍ୱରଙ୍କଠାରୁ, ସେ ସୃଷ୍ଟି କରିଥିବା ସ୍ୱର୍ଗ ଏବଂ ପୃଥିବୀ ଠାରୁ, ମଣିଷ ପାଇଁ ଅଧିକ ମୂଲ୍ୟବାନ କିଛି ଦାବୀକରି ବସିବା । କିନ୍ତୁ ଗାଲିବଙ୍କ ପାଖରେ ଏଇ ନେତିବାଚକ ମନସ୍ଥିତି ଏକ ଝୁଙ୍କ୍ ନୁହେଁ, ଅନ୍ୟାନ୍ୟ ମନସ୍ଥିତି ଆଡ଼କୁ ଉଚ୍ଛୁଳି ପଡ଼ି ତାହା କୋମଳ ହୋଇଥାଏ । କାରଣ ଅସ୍ୱୀକାରୋକ୍ତିର କାବ୍ୟିକ ସ୍ୱର ଯେତେ ନିବିଡ଼ ହେଲେ ମଧ୍ୟ ଚୂଡ଼ାନ୍ତ ନୁହେଁ, କାରଣ ମଣିଷ ବଞ୍ଚିରହେ ।

ଗାଲିବଙ୍କ ଧାର୍ମିକ ମନସ୍ଥିତି ଯାହା ନାମକୁ ମାତ୍ର ଧର୍ମଭାବ ବୋଲି କୁହାଯାଇ ପାରିବ, ତାହା ବାସ୍ତବରେ ମୁଖ୍ୟ ନୁହେଁ, ଗୌଣ । ସୁଫି ସାହିତ୍ୟ ଅଧ୍ୟୟନ କରି ଗାଲିବ ସୃଷ୍ଟିର ଐକ୍ୟ ତତ୍ତ୍ୱକୁ ସିଦ୍ଧାନ୍ତନିଷ୍ଠ ବୋଲି ଗ୍ରହଣ କରିଥିଲେ । କିନ୍ତୁ ସାଧୁ-ସଂସର୍ଗ ପ୍ରସଙ୍ଗକ୍ରମେ ମଧ୍ୟ ଚିନ୍ତା କରିବାକୁ ତାଙ୍କୁ ଘୃଣା ଲାଗୁଥିଲା । ଏବଂ ପୃଥିବୀର ରହସ୍ୟବାଦୀ ଅନୁଭୂତି ଭିତରେ ପ୍ରବେଶ କରିବା ଲାଗି ନୈସର୍ଗିକ ପରିବେଶରେ ଯେଉଁ ଆତ୍ମଲୀନତାର ଆବଶ୍ୟକତା ରହିଛି, ଗାଲିବ ତାଙ୍କର ଅତି ବୌଦ୍ଧିକତା, ଆତ୍ମକେନ୍ଦ୍ରିକ ଦୃଷ୍ଟି ଏବଂ ଅତି ଜିଦ୍‌ଖୋର ମନୋବୃତ୍ତି ଯୋଗୁଁ ଏକ ଚରମ ସ୍ୱାଧୀନତାରେ ବିଶ୍ୱାସ କରି, ରହସ୍ୟାନୁଭୂତିର ସୀମା ଛୁଇଁ ପାରି ନ ଥିଲେ । ଈଶ୍ୱର ଲବ୍ଧ ସ୍ୱର୍ଗୀୟ ଆନନ୍ଦ ପାଇବା ପାଇଁ ସେ ଅଭିଳାଷ ପୋଷଣ କରିପାରି ନ ଥିଲେ । ସମ୍ପୂର୍ଣ୍ଣ ବିଲୁପ୍ତି ସମ୍ଭବ ନ ଥିଲା କାରଣ ଜୀବନ ଏବଂ ତା'ର ପାଗଳାମି ସୃଷ୍ଟିର ପ୍ରତ୍ୟେକ ଅଣୁପରମାଣୁରେ ବ୍ୟାପ୍ତ ରହିଥିଲା । ଏବଂ ଯେଉଁମାନେ ପାପକର୍ମ କରି ଈଶ୍ୱରଙ୍କ ଦୟା ପାଇବା ପାଇଁ ପ୍ରାର୍ଥନା କରୁ ନ ଥିଲେ, ସେମାନଙ୍କୁ ଯେତେବେଳେ ଈଶ୍ୱରଙ୍କ ଦୟା

ଆଲିଙ୍ଗନ କରୁଥିଲ, ଯେଉଁଠିବେଲେ ସୁବିଧାପ୍ରାପ୍ତି ପ୍ରେମିକମାନଙ୍କ ପକ୍ଷ ନେଇ ମଧ୍ୟସ୍ଥତା କରିବା ଲାଗି ତାହା 'ବସନ୍ତ' ପରି ଆସି ପହଞ୍ଚ ଥିଲ, ପାରିଷଦବର୍ଗ ସେମାନଙ୍କ 'ଏକ-ଛତ୍ର ସମ୍ରାଟ' ସହିତ କଥାଭାଷା ହେଲାପରି, ଜଣେ ନ୍ୟାୟାଳୟ ଅନୁରାଗୀ ତା'ର ଶାସନକର୍ତ୍ତା ନ୍ୟାୟାଧୀଶ ସହିତ ବାକ୍ୟାଳାପ କଲାପରି, ଗାଲିବ ହୃଷ୍ଟଚିତ୍ତ, ଅବନୀତ, କ୍ଷମାପ୍ରାର୍ଥୀ, କିନ୍ତୁ ନିଜ ଦୋଷ ଦୁର୍ବଳତାର ବର୍ଜନ ବା ଭାବସମର୍ପଣ ସମ୍ପର୍କରେ କିଛି ହେଲେ ଉଲ୍ଲେଖ ନକରି ପ୍ରଭୁଙ୍କୁ ପ୍ରାୟ ସମ୍ବୋଧିତ କରିପାରୁଥାନ୍ତେ ଏବଂ ସେ କୌଣସି ପଦାର୍ଥ ପାଇଁ ଅନୁରୋଧ କରନ୍ତେ ନାହିଁ, କାରଣ କେବଳ ଗୋଟିଏ ନିଷ୍କାମ ହୃଦୟ ତୁଳନାରେ ସେପରି ମହାର୍ଘ ମଧ୍ୟ ଆଉ କିଛି ନାହିଁ ।

ଗୋଟିଏ ନିବିଡ ଭାବପ୍ରବଣ ଉତ୍କର୍ଷ ପାଇଁ ଗାଲିବଙ୍କ ଅଭିମାନସିକତା ତାଙ୍କ ପ୍ରେମ ପକ୍ଷେ ଅନ୍ତରାୟ ସୃଷ୍ଟି କରିଥିଲା । ଗାଲିବ ପ୍ରକୃତିରେ ବିଦ୍ରୋହୀ ଧାତ୍ରୀ, ପ୍ରେମିକା ପାଖରେ ଆତ୍ମସମର୍ପଣରେ ବିଶ୍ୱାସ ରଖି ନ ଥିଲ । ସେ ଯଦିଓ ସୌନ୍ଦର୍ଯ୍ୟର ଶକ୍ତିକୁ ଚିହ୍ନି ପାରିଥିଲେ ଏବଂ ତା' ଦ୍ୱାରା ଅଭିଭୂତ ହେଉଥିଲେ ତଥାପି ସେ ନିଜର ବିଦ୍ରୋହୀ ପ୍ରକୃତିଟିକୁ ଭୁଲି ପାରୁ ନ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ପ୍ରେମିକ ଓ ପ୍ରେମିକାର ଭାବମୂର୍ତ୍ତି ଏବଂ ପ୍ରେମର ବେଦନା ପ୍ରାୟ ଲୌକିକ ପ୍ରଥାସମ୍ମତ ହୋଇଯାଇଥିଲ ଏବଂ ସେଇ ଆପେକ୍ଷିକ ପରିମାଣରେ ତାଙ୍କ ନିଜର ଆଧ୍ୟାତ୍ମିକ ସ୍ତରରେ ଗୋଟିଏ ତ୍ରୁଟି ରହିଯାଉଥିଲ, ଯଦିଓ ସେ ଯେଉଁଠି ଗତାନୁଗତିକ ବି ହେଉଥିଲେ ସେଠି ତାଙ୍କ ବ୍ୟକ୍ତିତ୍ୱ ଅଧିକ ଚିତ୍ତାକର୍ଷକ ମନେ ହେଉଥିଲ । ତାଙ୍କର ଗୋଟିଏ ଗଜଲରେ ଯେଉଁଠି ମୁଦ୍ରା ନିରବଚ୍ଛିନ୍ନ, ନିଜ ପ୍ରେମିକା ଅପେକ୍ଷା ନିଜ ସମ୍ପର୍କରେ ସେ ବେଶୀ ସଚେତନ । ସେ କୋଠା ଛାତ ଉପରେ ଗୋଟିଏ ମୂର୍ତ୍ତି ପରି ଆସି ଛିଡା ହୁଏ, ମୁଖ ମଣ୍ଡଳରେ କୃଷ୍ଣ କେଶଗୁଚ୍ଛ ଆଚ୍ଛାଦିତ, କିମ୍ବା ଆଖିଚୁରା କଜଳରେ ପକେଇ ଠିକ୍ ବିପରୀତ ଦିଗରେ ମୁହାଁ ମୁହିଁ ବସି, କିମ୍ବା ଯେପରି, ଯୌବନର ସତେଜ ମୁଖ ସୁରାରେ ଉଦ୍ଭ୍ରାନ୍ତ ! ଇଏ ସବୁ କ୍ଷଣସ୍ଥାୟୀ ଭାବପ୍ରବଣତା, ଲୌକିକ ପ୍ରଥାସମ୍ମତ । ଅବାସ୍ତବ । ସେ, ପ୍ରେମିକାର ଚରିତ୍ରନ ଅନୁଧ୍ୟାନରେ ରହିବା ଇଚ୍ଛାରେ ଶେଷ ହୁଏ । ଏଇ ପ୍ରେମିକା ଆଧ୍ୟାତ୍ମିକ ଭାବ ବିଳାସର ଏକ ନିର୍ଲିପ୍ତ ସୃଷ୍ଟି । ଗାଲିବଙ୍କ ଆକାଂକ୍ଷା ପବିତ୍ର, ଆଧ୍ୟାତ୍ମିକ ଭାବୋଚ୍ଛ୍ୱାସର ଅଭିବ୍ୟକ୍ତ ଥିଲ—ଗୋଟାଏ ଗୌରବ, ଯାହା ପ୍ରେମିକ ଓ ପ୍ରେମିକା କାହାକୁ ହେଲେ ଜ୍ଞାତ ଗୋଚର ନୁହେଁ ଅଥଚ ଉଭୟଙ୍କୁ ଗ୍ରହଣ କରେ ।

ଗାଲିବଙ୍କ କାବ୍ୟସ୍ୱର ପ୍ରକୃତିପୁଷ୍ଟ ନ ଥିଲ । ତାଙ୍କର ଥିଲ ନାଗରିକ ମନୋବୃତ୍ତି । ପ୍ରକୃତିକୁ ସେ କେବଳ ମାନବିକ ଜୀବନର ଗୋଟାଏ ପୃଷ୍ଠପଟ ବୋଲି

ସମ୍ମାନ ଦେଉଥିଲେ । ଗାଲିବଙ୍କ କବିତାର ସର୍ବଶ୍ରେଷ୍ଠ କାବ୍ୟିକ ଭାବମୂର୍ତ୍ତି, ସ୍ରଷ୍ଟା ଏବଂ ସୃଷ୍ଟି 'ମଣିଷ ନିଜେ', ଏବଂ ମାନବିକତାର ଅନୁଧ୍ୟାନ ହେଉଛି ଗାଲିବଙ୍କ ସର୍ବୋଚ୍ଚ ଏବଂ ଚିରନ୍ତନ କାବ୍ୟ ସ୍ୱର । ଗୋଟାଏ ବୌଦ୍ଧିକ ଏବଂ ଭାବପ୍ରବଣତାର ଅନୁସନ୍ଧିତ୍ସା ତାଙ୍କୁ ଯେତେ ଦୂରକୁ ନେଇଯାଉ ନା କାହିଁକି, ସେ ପୁଣି ଫେରି ଆସନ୍ତି ମଣିଷ ପାଖକୁ, ନିଜ ଭିତରକୁ । ଫୁଲର ସମାରୋହ ନେଇ ମଣିଷ ଏକ ବଗିଚା । ମିଳନାକାଂକ୍ଷୀ ପ୍ରେମିକ, ନଷ୍ଟମରୁଭୂମି, ସ୍ଥିତି ଅସ୍ଥିତି ସତରଞ୍ଜର, 'ଗୋଟି', ଭାଗ୍ୟବିପର୍ଯ୍ୟସ୍ତ ଧୂଳିସାତ୍ ନାୟକ, ନିର୍ଲିପ୍ତ ଦେଖଣାହାରୀ, କରୁଣାବିମୋହନକାରୀ ସୁନ୍ଦର ପାପ, ସୃଷ୍ଟି ଧ୍ୱଂସକାରୀ ପାଗଳାମି ଏବଂ ଅନ୍ୟାନ୍ୟ ବିରୋଧାଭାସର ସମନ୍ୱିତ ଉପବନ କେବଳ ମଣିଷ । ଗାଲିବ ଏଇ ମଣିଷକୁ ଆବିଷ୍କାର କରି ନ ଥିଲେ, ବରଂ ଏକ ନୂତନ ଅନ୍ତଃଦୃଷ୍ଟିରେ ସେ ତାକୁ ନିଜ ସ୍ୱଭାବ ଭିତରେ, ଜୀବନର ସ୍ୱଭାବ ସହିତ ସମନ୍ୱିତ କରିଥିଲେ ।

——

# ଅନୁବାଦ

ପୂର୍ବ ସୂଚନା ଅନୁସାରେ ଗାଲିବଙ୍କ ଉର୍ଦ୍ଦୁ ରଚନାର ଏକ ପ୍ରାଥମିକ ଏବଂ ପରବର୍ତ୍ତୀ ପର୍ଯ୍ୟାୟ ରହିଛି । କିନ୍ତୁ ଅନେକ ଗୁଡ଼ିଏ ଗଜଲ ଏବଂ ପଂକ୍ତି ଯାହା ତାଙ୍କର ଅସଂଖ୍ୟ ରୁଚି ସମ୍ପନ୍ନ ପ୍ରଶଂସକଙ୍କ ଓଠରେ ଅଛି, ତାହା ମୁଖ୍ୟତଃ ଭାଷାର ସୁଷମା ଏବଂ ପାରମ୍ପରିକ ରସବୋଧର ଚରମ ପ୍ରକାଶ ଶୈଳୀ ଦ୍ୱାରା ଭାବବ୍ୟଞ୍ଜନାର ଚମତ୍କାରିତାରେ ଚିତ୍ତାକର୍ଷକ । ଏଇ ସବୁ ପ୍ରକାରର ଗଜଲ ଏବଂ ପଂକ୍ତି ଅନୁବାଦ ହୋଇ ପାରିବ ନାହିଁ ବୋଲି କୁହାଯାଉ ନାହିଁ କିନ୍ତୁ ଇଂରାଜୀରେ ତାକୁ ରୂପାନ୍ତରିତ କଲେ ପୂଜ୍ୟବ୍ୟକ୍ତିଙ୍କ ପ୍ରତି ଅପମାନ ସୂଚକ ହେବ, ଅନ୍ତତଃ ସେଇମାନଙ୍କ ପାଇଁ ଯେଉଁମାନେ ଇଂରାଜୀ ଏବଂ ଉର୍ଦ୍ଦୁ ଉଭୟ ଭାଷା ଜାଣନ୍ତି । ଏହା ବରଂ ଅଧିକ ବିବେକପଣିଆର କଥା ବୋଲି ଦେଖାଗଲା—ଗାଲିବ ଏବଂ ବର୍ତ୍ତମାନର ଅନୁବାଦକ ଉଭୟଙ୍କ ପାଇଁ । ଏପରି ବଛାବଛି କରିବା ଦରକାର ପଡ଼ିଲା, ଯାହା ଖୁବ୍ ପ୍ରଖ୍ୟାତ ଏବଂ ଖୁବ୍ ପ୍ରଶଂସିତ ଭିତ୍ତିରେ ନୁହେଁ ବରଂ ଭାବଗର୍ଭକ ଏବଂ ପ୍ରତୀକ ଧର୍ମୀ । ଗାଲିବ ନିଜେ ବଛାବଛି କରିଥିବା ତାଙ୍କ ରଚନାବଳୀ ଗୁଡିକ ଅନୁବାଦକ ପାଇଁ ଏପରି ଜଣାଗଲା—ନିଜ କୃତିର ସେ ଜଣେ ନିକୃଷ୍ଟ ବିଚାରକ ଥିଲେ । ସୁତରାଂ ଗାଲିବଙ୍କ ଭିତରେ ଯାହା ଅସାମାନ୍ୟ ଥିଲା, ତା' ସପକ୍ଷରେ ଏବଂ ତାଙ୍କ ସମୟର ସାହିତ୍ୟିକଙ୍କ ରୁଚିକୁ ଖୁବ୍ ଆକର୍ଷଣ କରିବ ବୋଲି ସେ ଯାହା ଭାବିଥିଲେ ସେ ଉଭୟ ଭିତରେ ଭାରସାମ୍ୟର ପ୍ରତିବିଧାନ କରିବାକୁ ପଡ଼ିଲା । ଏଠାରେ ଅନୂଦିତ ହୋଇଥିବା ଗଜଲ ଆଉ ପଂକ୍ତି ଗୁଡ଼ିକ ବିଶେଷ ଭାବରେ ପ୍ରଥମ ପର୍ଯ୍ୟାୟର, ସୁବିଦିତ ସଂସ୍କରଣରୁ ନୁହେଁ । କିନ୍ତୁ ଅନୁବାଦକ ଅନେକ ସାହିତ୍ୟ ରୁଚିସମ୍ପନ୍ନ ବ୍ୟକ୍ତିଙ୍କ ସହିତ ବିଚାର ବିମର୍ଷ କରିଛି, ନିଜ ବିଚାର ଉପରେ କେବଳ ନିର୍ଭର କରିନାହିଁ ।

ଗଜଲର ଗୃରର୍ଦ୍ଦିକ ରୀତି ସହିତ ଯୋଉ ପାଠକ ଅଭ୍ୟସ୍ତ ନୁହେଁ ତାଙ୍କୁ ପ୍ରସ୍ତୁତ ହେବାପାଇଁ କିଛି କହିବା ଦରକାର ପଡୁଛି । ଭାବର ଅନୁକ୍ରମ କିମ୍ବା ରସବୋଧ କିମ୍ବା କୌଣସି ରକମର ଐକ୍ୟ, ସେ ଆଶାକରିବା ଉଚିତ ନୁହେଁ । ସାଧାରଣ ମତରେ ଗ୍ରହଣୀୟ କବିତା, ଗଜଲ ନୁହେଁ । ନିଜର ସ୍ୱାଧୀନତାରେ ଚମକପ୍ରଦ, ଏହା କେତେ ଗୁଡ଼ିଏ ପଂକ୍ତିର ପଦ, କ୍ରମନ୍ୱୟତା ଯାହାର ପ୍ରଗତି, ଗମ୍ଭୀରରୁ ଲଳିତକୁ ଚିନ୍ତାରୁ ଚିତ୍ତବୃତ୍ତି ଆଡ଼କୁ ଯିବାରେ ସାର୍ଥକ । ପ୍ରତ୍ୟେକଟି ପଂକ୍ତି ନିଜ ଭିତରେ ସ୍ୱୟଂ

ସମ୍ପୂର୍ଣ୍ଣ ଗୋଟିଏ ନୁକ୍ତା (**Nukta**) ବା କ୍ଷୁଦ୍ର ବିନ୍ଦୁ । ଯଦି ପର୍ଯ୍ୟାପ୍ତ ଭାବରେ ପ୍ରକାଶ କରାଯିବ ଯଥେଷ୍ଟ ସୁନ୍ଦର ଏବଂ ତା' ପୂର୍ବରୁ ବା ପରେ ଆସୁଥିବା କାହା ସହିତ ଆରୋପିତ ବା ସଂଯୋଜିତ କରିବା ଦରକାର ପଡ଼େ ନାହିଁ । ତେଣୁ ପାଠକ ପ୍ରତ୍ୟେକ ପଂକ୍ତିକୁ ତା'ର ସ୍ୱକୀୟତା ଭିତରେ ଗ୍ରହଣ କରି ପରବର୍ତ୍ତୀକୁ ଅଗ୍ରସର ହେବା ଉଚିତ, ସତେ ଯେପରି ଆଉ କିଛି ନୂତନ ଏବଂ ସମ୍ପୂର୍ଣ୍ଣ ଭାବେ ପୃଥକ ।

ଅନୁସରଣ କରିପାରିଲି ଭଳି ଗଜଲ ଗୁଡ଼ିକର ଏବଂ ପଂକ୍ତି ଗୁଡ଼ିକର କୌଣସି ସୁଶୃଙ୍ଖଳ ବିନ୍ୟାସ ବ୍ୟବସ୍ଥା ନାହିଁ । ତେଣୁ ମୌଳିକ ବର୍ଣ୍ଣନାନୁକ୍ରମିକ ବ୍ୟବସ୍ଥାକୁ ବଦଳାଇବାର ସ୍ୱାଧୀନତା ଅନୁଭବ କରିଚି ଏବଂ ବିଷୟ, ଚିତ୍ତବୃତ୍ତି, ପ୍ରତିକୃତି ଅନୁସାରେ ସଜେଇ ଦେଇଚି । ଆକ୍ଷରିକ କ୍ରମିକତା ବର୍ଜନ କରିଚି ।

—

୧

ରଚନା ତୁମରି ଭିକ୍ଷା ମାଗିବ
        କ୍ଷୁଧା କହିବାର ଶକ୍ତି ପାଇଁ,
ନୀରବତା ସିନା ଜାଣିଚ କପର
        ଶ୍ରବଣ ତୁମର ପାଇବ ଛୁଇ ।

ଅବସାଦ ଭରା ଦିନ ଗୁଡିକରେ
        ଆତୁର ବେଦନ ତୁମ ପାଖେ
ତୁମ ଯୋଗୁ ପର୍ ଫିକା ପଡିଯାଏ
        ପ୍ରଦୀପର ଶିଖା ଉଷା ଲୋକେ ।

ତୁମର'ମଲିନ'ଶାରଦୀୟ ଫୁଲ
ବିଷାଦ କାତର, ହତାଶ ଆକୁଳ ।

ଦେଖିବାକୁ ଯେତେ ଆଚମ୍ବିତ ଆଉ
        ରଙ୍ଗୀନମୟ ଦୃଶ୍ୟ
                ମଣିଷର ମନ ଘେନ;
                ସେ ତୁମ କରଣୀ,
ମଂଜୁଆଢ ରଙ୍ଗେ ରଂଜିତ
        ମୃତ୍ୟୁର ପାଦ ବେନ,
ପ୍ରେମିକମାନଙ୍କ ରକ୍ତେ ଡୁବିଚ……
ନିଜ ମନେ ମନେ ଗୁହାରିଆଚିର
        ପ୍ରାର୍ଥନା ଯେତେ ମଂଜୁର୍ ହେଇଚ ।

ଦୁଃଖ ଦାହରେ କାନ୍ଦିବାକୁ ତୁମେ
                        ଉତ୍ସାହ ଦିଅ,
କ୍ରନ୍ଦନ ହୁଏ ତୁମ କାନ ପାଖେ
                        ସଙ୍ଗୀତମୟ ।
ତୁମ ଇଚ୍ଛାର ଦର୍ପଣ ତଳେ,
ରସାଳିତ ହୁଏ ପ୍ରାନ୍ତର ପରେ ପ୍ରାନ୍ତର
ଆଶା ହଜିଯାଏ ଅନାଗତ ଏକ
ଫୁଲ ବଗିଚାର ଆନନ୍ଦରେ ।

ଆମ ପୂଜା ଏକ ଆବରଣ ପରି
ନିଜ ପୂଜା ତୁମେ ନିଜେଇ କର
ଗୁହାରିଆଙ୍କର ତୁମେଇ କପାଳ
ତୁମେଇ ଦେହଳି, ଆଶ୍ରିତ ଯନ୍ତି ସେଇଠି
କ୍ଷମା ଦେବା ପାଇଁ, ସବୁମତେ ସକ୍ଷମ,
ଅପେକ୍ଷାରେ ହିଁ ନିହିତ କରୁଣା ପ୍ରୀତି,
ଆମକୁ କରେ ସେ ତୁମର ନିକଟତମ ।

ବିଶ୍ୱାସ ଆଉ ବିଷାଦ ବାହାରେ
ପରୀକ୍ଷା ଯେତେ ଦେବାପାଇଁ ପଡ଼େ,
ସଫଳତା ଆଉ ବେଦନାର ଜ୍ୱାଳାଆଗେ,
ଋଣି ଆମେ ତୁମ ପାଖେ ।

ଚଳ ପ୍ରଚଳର ଶିଳ୍ପ ଲାବଣ୍ୟ, ଫୁଲ ଉପବନ
ଅବା ସକାଳର ମଳୟ ପବନ,
ସବୁଇ ତୁମର, ସବୁ କିଛି ଦେବା ପାଇଁ
ସବୁ ଯେତେବେଳେ କରୁଣାମୟଙ୍କ
ଦୟା ବୋଲି ଜାଣିଥାଇଁ,
'ଆସାଦ' ନିଷ୍ଟେ, ଯାଦୁ କୋଠରୀରେ
ରହିବ ବନ୍ଦୀ ହୋଇ ।

୨

ସବୁଜ କ୍ଷେତର ଉଚ୍ଛଳ ସ୍ୱପ୍ନଠାରୁ
ପ୍ରଭୁଙ୍କ ନିକଟେ ସମର୍ପଣହିଁ ବେଶୀ ରୋମାଞ୍ଚକର
ବର୍ଷା ପିପାସୀ କ୍ଷେତ ପ୍ରାନ୍ତର,
ଏବଂ ତାଙ୍କର ଜଞ୍ଜାଳହୀନ;
ବର୍ଷୁକ ମେଘମାନ,
ଦୂର ଦୂରାନ୍ତେ ଭାସି ଭାସିଯିବା, ଚମତ୍କାର ।

ଭକ୍ତି ପ୍ରଣତ ଅନୁନୟକାରୀ
ସାଷ୍ଟାଙ୍ଗ ହେବା ଶବ୍ଦରେ
ପ୍ରଭୁ ଇଚ୍ଛାର ବଶମ୍ବଦ କି ହେଇ

ପୁଣି ତାଙ୍କର ସୁପାରଶ ପାଇଁ
        ଦାବୀ ଯେତେ ପେଶ୍ କରେ ।
ଏ ସବୁ ବଡିମା,
ତୁଚ୍ଛା ଫାଜିଲମି ପିନା !

ହେ ଈଶ୍ୱର !
ଆଉ କେତେ କାଳ, ଏଇ କାମନାର
        ସଫଳତା ପାଇଁ,
ଭିକ୍ଷା ମାଗିବୁ, ତୁମକୁ ଚହିବୁ ଗୃହିଁ ?
ପ୍ରାର୍ଥନାରେ ମୋ' ହାତ ଉଠାଇବା ପାଇଁ
ଯେତେ ଚଞ୍ଚଳ
ମତେ ଟିକେ ଦୟାକର ।

୩

ସୀମିତ ଆଶାର ମଣିଷ ତୁମେ ଯେ
        କୋଉ ପାଇଁ ଏତେ ଗର୍ବ
ବିବ୍ରତ ହୋଇ ପ୍ରାର୍ଥନା କର
        ପ୍ରାର୍ଥନା ତୁମ' ଅଡହିଁ ଅବାସ୍ତବ !

୪

ତୁମ ମହିମାକୁ ପ୍ରକାଶ କରେ
        ପ୍ରେମ ଉତ୍ସାହ ଆମର,
ତୁମର ପୃଥିବୀ, ତୁମ' ମୁହଁ ପାଇଁ
        ଶସ୍ତା ଆଇନା ପର ।

୫

ପ୍ରତି ଧୂଳିକଣା ହେଉଚି ବିପୁଳ
        ଶୋଭାର ପାବସମ
ତୁମକୁ ଦେଖିବା ଉତ୍ତେଜନାରେ
ଅଛୁ ଅଦ୍‌ଭୁତ ଶକ୍ତି
କରିବାକୁ ତୁମ ଭାବ ମୂର୍ତ୍ତିକୁ
        ତା' ନିଜର ଦର୍ପଣ ।

୬

ବନ୍ଧୁବା ଭ୍ରମ ଏକ ମରୁଭୂମି
ଏଠାରେ ଘୂରବା ନହାତ ବୋକାମି
ଯେତେବେଳେ ତୁମ ମନଟି ହେଉଛୁ ଛନ୍ଦ
ଉଦ୍ଭ୍ରାନ୍ତ ଅବା, ଚକଣିଆ ଅବା ପଥୁରିଆ ଭୂମି
ଅପରୂପକ ଭାବନା ଭିତରେ ବନ୍ଦୀ ।

୭

ହେ ସୌନ୍ଦର୍ଯ୍ୟ, ତୁମକୁ ମୁଁ ଥରେ
ଦେଖେ ତୁମ ମହିମାରେ,
କେତେବେଳ ଯାଏଁ ଗୁହିଁ ରହିବାକୁ ହେବ
ତେହେରା ଗୁଡ଼ିକୁ ମୋ'ମନ ଦର୍ପଣରେ ।

୮

ଏଇ ବିମୋହନ ମଧୁଶାଳାଟିର
ପ୍ରତି ଧୂଳିକଣା ଗୋଟିଏ ପାନ ପାତ୍ର,
ଥରେ ଗଲେ ଭରି······
ଦେଇ ଦିଆଯାଏ ହାତେ ହାତେ
ଘୂରିଆଡ଼େ,
ଯୌବନ ତାନରେ ପ୍ରେମିକଟି ଘୂରି ବୁଲେ
ପ୍ରେମିକା ଆଖିର ଚଞ୍ଚଳ ଚାହାଣି ତଳେ ।
ଆମେଇ କେବଳ
ଯେଉଁମାନଙ୍କର, ଶାଶ୍ୱତ ସ୍ୱର
ଶୁଣିବାକୁ କାନ ନାହିଁ,
ତାର'ରେ କେବଳ ଲୁଚି ରହିଚ ସେ
ସୁର ସଙ୍ଗୀତ ହୋଇ ।

୯

ସାଗରର ସ୍ଫୀତ ଆକାର ଭିତରେ
ଦୃଷ୍ଟିକୁ ଆସେ, ପୁଣି ଛପି ଯାଏ କାହିଁ,

ଜଳବିନ୍ଦୁ ବା ବୁଦ୍ ବୁଦ୍ ଅବା ଢେଉ,
ଏ ସବୁର କିଛି ନିଜର ସତ୍ତା ନାହିଁ ।

୧୦

ମୁଁ ଯଦି ଆଖି ଟେକି ପାରୁଥାନ୍ତି
ସାମନା ସାମନି ଦେଖି ପାରୁଥାନ୍ତି
ଶୋଷପରେ କେତେ ଶୋଷ,
ମୁଁ ତ ଦେଖୁନି, କିପରି ଧରିବି
ସେଇ କରୁଣାର ମହାବିପୁଳତା ଅବା ।

୧୧

ପ୍ରେମର ଆବେଗ ଦୁଖୀ ଜୀବନକୁ
ଆଶ୍ରା ଯୋଗାଏ, ଟେହିବା ପାଇଁ ଖୁବ୍ ବଡ଼,
ବାଲି କଣିକା ହିଁ ଧାରଣ କରିଚ,
ବିରାଟ ଏ ମରୁଭୂମି,
ଜଳ ବିନ୍ଦୁରେ ରହିଚି ବି ପାରାବାର ।

୧୨

ମୁଁ ଯେଉଁ ପ୍ରଭୁଙ୍କୁ ପ୍ରାର୍ଥନା କରି ବସେ
ସବୁ ଇନ୍ଦ୍ରିୟ ସୀମାର ବାହାରେ ସେ
ଦିବ୍ୟ ଦୃଷ୍ଟି ରହିଚି ଯାହାର
'କା-ବା' ସେମାନଙ୍କ ପାଇଁ,
କେବଳ ଗୋଟିଏ ନିଶାଣ ଫଳକ
କେଉଁଠାକୁ ଯିବ, ଯାତ୍ରୀକୁ ଦିଏ କହି ।

୧୩

ଆମେ ସୁଚତୁର ନାସ୍ତିକ ହେଇ ପାରୁ
ହେଲେ, ଆମେ ଯାହା……
ରହିଲେ ସେଇଆ ହେଇ,
ଯାତ୍ରା ପଥରେ, ଆମକୁ ତେବେ ବି

ମୁକାବିଲ ହାନେ ନଷ୍ଟ କରିବେ,
ମୂର୍ତ୍ତି ପୂଜକ କେନ୍ଦ୍ର ।

୧୪

ଖାଣ୍ଟି ବିଶ୍ୱାସ ହେଉଛି ଦୃଢ଼ତା,
ଯୋଉ ବ୍ରାହ୍ମଣ ମନ୍ଦିରେ ରହେ……
ସ୍ୱର୍ଗାରୋହଣ କରେ,
ବିଧାତାଙ୍କ ନିବାସରେ……
ସମ୍ମାନ ସହ ସମାଧି ପାଇବା କଥା ।

ମନ୍ଦିର କ'ଣ, 'କାବା' କ'ଣ
ମିଳନ ପାଇ ହିଁ ବ୍ୟର୍ଥ ମାଝାର
ଉଚ୍ଛଳ ପ୍ରାଣ

ଗଢ଼ି ତୋଳେ ଯେତେ,
ମୋହ ଭ୍ରାନ୍ତିର ଉପାଖ୍ୟାନ ।
ତା'ର ଉତ୍ତାପ, ତା'ର ଅଭିଳାଷ,
ତାଆର ସ୍ୱପ୍ନ, ତା'ର ଅପ୍‌ଶୋଷ
ସବୁ କିଛିକୁ ହିଁ
'ପାଗଳ ଖାନା'ରେ ଆଶ୍ରୟ ଦେବା ପାଇଁ ।

୧୫

ପ୍ରତି ପଦେ ପଦେ କ୍ଲାନ୍ତ ପଥିକ
ଛିଡ଼ା ହୋଇଛନ୍ତି ଆଶ୍ରୟ ନେଇଛନ୍ତି,
ତୁମକୁ ନ ଦେଖି, ସେମାନେ ତୁମର
ଘରତୋଳି ଦେଇ, ପ୍ରାର୍ଥନା କରୁଛନ୍ତି ।

୧୬

ଈଶ୍ୱର ଏକ୍ ଏଇ ବିଶ୍ୱାସ ଆମର
ଆନୁଷ୍ଠାନିକ ବିଧିବିଧାନକୁ
କରୁଛି ଅସ୍ୱୀକାର ।
ଯେତେବେଳେ ସବୁ ଧର୍ମ ହରେଇଯାଏ
ସେଇ ବିଶ୍ୱାସ,
ଆହୁରି ଅଧିକ ନୀଳ ନିର୍ମଳ ହୁଏ ।

୧୭

ତୁମର ରହିଚ ବିଶ୍ୱାସ ଯଦି
ତୁମ ପ୍ରାର୍ଥନା ପୂର୍ଣ୍ଣ କରିବେ ପ୍ରଭୁ,
ନ ମାଗି ନ ଗୃହିଁ, ଦେଇ ଦେଉ ସବୁ……
ଗୋଟିଏ ହୃଦୟ ମାଗ
ମାଗ କିଛି ଅନୁରାଗ
ଏପରି କି ଯା'ର କିଛି ହେଲେ ଭୟ ନାହିଁ
ଲକ୍ଷ୍ୟ ନାହିଁ କି ଆଶା ଅଭିଲାଷ ନାହିଁ ।

୧୮

ସେଇ ସିନ୍ଧୁର ଢେଉ ଉଚ୍ଛଳ
ସ୍ଥିର ତଟଭୂମି ପାରଇ ଡେଇଁ
'ସାକି' ପରି ତୁମେ ଯଦି ସୁରା ଢାଳ
ସଂଯମ ସୀମା ପାରେ ନା ରହି ।

୧୯

ମୁଁ ହଜି ଯାଇଚି ଉଲ୍ଲାସ ଭିଳେ
ଆନନ୍ଦରେ,
ନିଜକୁ ଖୁଜିବା ପାଇଁ
ଉପାୟ ବି କିଛି ନାହିଁ ।

୨୦

ଜଳ ବିନ୍ଦୁଟେ ସିନ୍ଧୁ ସେ ଦେଖି ପାରେନା
ଅଂଶ ଭିତରେ ସମଗ୍ରକୁ
ଶିଶୁମାନଙ୍କର ଖେଳଣାଟି ବୋଲି କହିପାରି ତାକୁ
ଦୃଷ୍ଟି ଶକ୍ତି ପାଇଥିବା ଏକ ଚକ୍ଷୁ ସେ ନୁହେଁ
ନଦୀରେ ପଡି ଯେ ପାଣିଟୋପା ମିଶି ଯାଏ
ପରମ କରୁଣା ପାଏ ।
ଯନ୍ତ୍ରଣା, ନିଜ ଅତିଶଯ୍ୟତାରେ ହଜି,
ବେଦନା ନାଶକ ଔଷଧ ପରି ହୁଏ ।

୧୧

ପ୍ରଭୁଙ୍କ କରୁଣା ଜନ୍ୟ କରିବାର
ଅଯୋଗ୍ୟତାର ଲଜ୍ଜା ହିଁ ମୋର
ତାଙ୍କଠି ସମର୍ପିତ,
ପବିତ୍ର ଭାବେ, ବଞ୍ଚିବା ଦାବୀ
'ପାପ'ର ପୃଷ୍ଠରେ ଶତଧାର ସବଳିତ ।

୧୨

ପ୍ରଭୁଙ୍କର କି ମହାନ କରୁଣା,
ଏପରିକି ଜଣେ ପ୍ରତିମା ପୂଜକ ମୋଅ ପରି
ଏଡ଼େ ମହାପାପୀ
ଯାହାକୁ ହ୍ବନ ପଦେ ପ୍ରଶଂସା କରି
ସେ' ବି ପାଇଯାଏ କ୍ଷମା ।

୧୩

ମୋଅ ପାପ ପାଇଁ ଲଜ୍ଜା ପାଇବି ବୋଲି
ବାହାନା ମୁଁ କରୁନାହିଁ,
କରୁଣାମୟଙ୍କୁ ଏହା ଯଦି ଖୁସି କରେ
ଆଚମିତ କିଛି ନାହିଁ ।

୧୪

ଆଗରୁ ନିଜକୁ ଯୋଉ କୃପାବାନ
ନିୟୋଜିତ କରି ଆସିଚି
ଆନତ ଚକ୍ଷୁ ନୀରବ ଅଧର—
ପାଇଁ ଯୁକ୍ତି ଯେ କରିଚି,
ସେଇ କୃପା ଏବେ କୋଉ ପର୍ଦାର
ଉହାଡେ ବା ଏବେ ଲୁଚିଚି ।

୧୫

ପାପର ଝରଣା ଶୋଷା ହେଇ ହେଇ
ଶୁଖି ଯାଇଥିଲା ପୁରାପୁରି,

ମୋ ପୋଷାକ ଜନାଶ୍ରିତା
ମୁଁ ହୁଏତ ଟିକେ ସେଥିରେ ଉଦ୍‌ବେଇ ଥିଲି ।

୧୬

ସିଏ ଦେଇଥିଲେ ଉଭୟ ପୃଥିବୀ ମତେ
ଆଉ ଭାବିଥିଲେ ପରିତୃପ୍ତ ମୁଁ ବୋଲି
ଏବଂ ଅଧିକା ମାଗିବା ଲଜ୍ଜାରେ ମୁଁ
ସେଥକରେ ରହିଗଲି ।

୧୭

ସ୍ନିଗ୍ଧ କୋମଳ ବାସନାର କ୍ଷତ ଯେତେ
ବାଧା ପାଇଥିବା ପ୍ରଲୋଭନ ବି କେତେ
ରହିଚି ବୋଲି ମୁଁ ଭାବୁଚି,
ଯେତେ ପାପ ସବୁ ଆଜିଯାଏ କରି ଆସିଚି
ପ୍ରଭୁ ହେ ସେ ସବୁ ତାଲିକା ମାଗନା ମତେ ।
ପୁଷ୍ପିତ ଫୁଲ ବଗିଚ୍ଚ ମୁଁ ଭଲପାଏ
ହେଲେ, ପୁଣି ଗୃହେଁ ଫୁଲ ଛୁଣ୍ଡାଇବ ସେଥିରୁ
ମୋଅ ବିରୁଦ୍ଧେ ଏଇ ନାଲିଶଟିକୁ ତୁମର
କ୍ଷମା କରିଦିଅ ଫଗୁଣ ସ୍ରଷ୍ଟା ହେ ।
ଅସୁମାର ମୋର ଅଭିଲାଷ ମତେ
ଦଳିଦିଏ ତା'ର ପାଦେ,
ପୀଡ଼ା ଅନୁଭବ, ଦେବତା ନିନ୍ଦା,
ଅକୃତଜ୍ଞତାର ଆଉ ଏକ ବାଚଲତା ।

୧୮

ସେଇ ହିଁ ତ ମତେ ଏ ଜୀବନ ଦେଇଥେଲେ
ତାଙ୍କ ପାଇଁ ଯଦି ମୁହିଁ ଏଠି ମରିପାରେ.
ପାଇବାକୁ ଯାହା ମୋଅ ଠାରୁ
ବାକୀ ଥେଲ,
ସତରେ କହିଲେ,
ଖୁବ୍ କମ୍ ଦିଆହେଲା ।

୨୯

ତାହା 'ସୁର୍' ବୋଲି
        ମୁହିଁ ପିଇ ପାରିଥିଲି
        ଏବଂ ସମ୍ଭାଳି ନେଲି
ସେଇ ବିଦ୍ୟୁତ, ସାନାଇ ଶୃଙ୍ଗ
        ଆଘାତ ଯେ କରିଥିଲା,
ମୋ' ଉପରେ ସିଏ ପଡ଼ିବା ଉଚିତ ଥିଲା ।

୩୦

ମୋ ସଙ୍ଗୀତର ଘୋଷାଇ ହେଉଛି
        ଅନାଗତ ସୁଖ କଳ୍ପନା,
ମୁଁ ଏକ କୋଇଲି,
ମୋଅ ବଗିଚ୍ଚ ଟି,
        ଏ ଯାଏଁ ହେଇ.ନ ସର୍ଜନା ।

୩୧

ସମୀରଣର ଶକ୍ତି ହେଉଛି
        ଦମକା ପବନ ଶାଣିତ
ଭାବନା ବହ୍ନିକରେ ସେ ପ୍ରଜଳିତ,
ମୋ' ବେଦନା ହେଉ ଅଗ୍ନିଲମ୍ଫ
ଅପୋଡ଼ା ଇଟାର ଏଇ ମୋ ହୃଦୟ
        ହେବାକୁ ଅଙ୍କୁରିତ
ଉତ୍ତାପ ମାଗୁ ଆତୁର ଅଧିକ
        ଆତୁର ଅପରମିତ ।

୩୨

ଯଦି ଜିଦ୍ ଖୋର ଉତ୍ସାହ ଗୃହେଁ
        ପାଗଳାମି ଗୁଣ ହାସଲ ପାଇଁ:
ଯାଉ ସେ ଉଭୟ ସ୍ୱର୍ଗ ମର୍ତ୍ତ୍ୟ
ଏ ପାଖ ସେ ପାଖ ଘୂରି ବୁଲି ଆସୁ ଯାଇଁ ।

ଆଉ ଦେଖୁ, ସେଇ ପର୍ଯ୍ୟଟନର
        ସ୍ଥାୟିତ୍ୱ କେବଳ ରୁହେ
ପାଦର କ୍ଷଣିକ ଜଡ଼ତା ଆସିବା ଯାଏଁ ।

୩୩

ଯେଉଁ ସଙ୍ଗୀତ ଗାୟକ ଗଳାରେ
        ଥାଏ ଆଶ୍ରୟ ନେଇ
ଏକ ଉଲ୍ଲାସ, ଯାହା ସୁର ଲୋଡ଼େ ନାହିଁ ।
ପାପଭରା, କୁହୁକର ଏକ,
        ଅବତାର ବି ସେ ହେଲେ
ପବିତ୍ରତାର ଅସୀମତା ପାଖେ
        ମଥା ତା'ର ନତ କରେ ।

ପାଗଳାମିଟିକୁ ସଯତ କରି
        ରଖିବା ପ୍ରବଳ ଇଚ୍ଛା
ବସନ୍ତଋତୁ, ପ୍ରସ୍ଫୁଟନଠୁ
ଆଖିକୁ ବିମଳ ସତେଜତାରେ
        ଆହୁରି ଅଧିକ ଭରେ,
ଯାତନାର କୋହ ଚାପି ରଖିବାର ସାଧନା
        ହୃଦୟ ଶୁଦ୍ଧ କରେ,
ଏବଂ ସବୁଜ ଘାସ ପଡ଼ିଆକୁ
        ଆହୁରି ରସରେ ଭରେ ।

୩୪

ଚରମ ହତାଶ, ସମୟର ଖଳ ଦୃଷ୍ଟିକୁ
        ଉପେକ୍ଷା କରିପାରେ,
ଧାନରେ ନ ଥିବା ଅଶ୍ରୁଣା ଦୀର୍ଘଶ୍ୱାସରୁ
        ଶାଶ୍ୱତ ଧାରା ଝରେ ।

୩୫

ଅନାବାଦୀ ମରୁଭୂମିରେ ମଳଚି
        ଶତ ସହସ୍ର କାମନାର ଉତ୍ପଳ,

ତଥାପି ଭାବନା ଜିଦ୍ କଚ୍ଛୁ କରିବାର,
ଦୁଃସାହସର ଏକଜଦା ଖୋଇ,
ଲଗାମ ଟାଣିବ ନାହିଁ ।

୩୬

ହୃଦୟଟି ମୋର,
ମଉଳା ଗୋଲାପ ଫୁଲ ।
ଲିଭା ପ୍ରଦୀପର ଧୂଆଁ,
ବନ୍ଧୁତା ଟାଣି ଆଣି ପାରିବ ତ ନାହିଁ ।
ତେବେ କୋଉପାଇଁ.........
ରାତ୍ରିରେ ଏଣେ ତେଣେ ବିକ୍ଷିପ୍ତ
ବେଣୀ ଗୁଚ୍ଛକୁ
ଟେକି ଦେଖିବାକୁ
ମୋହ ଆବେଗରେ,
ଆସକ୍ତ ହେବ କିଆଁ ?
ସୀମିତ କାଳର ସମସ୍ତ ଯନ୍ତ୍ର ନିର୍ଭର କରେ
ଏକ ସାମାନ୍ୟ ପାଣି ଫୋଟକାରେ
ଏକ ସାମାନ୍ୟ ପାଣି ଫୋଟକାରେ
ସ୍ମୃତି ସମୁଦ୍ର ପିଇବାକୁ
ଦାବୀ କରିବାରେ ଲୋଡ଼ା କ'ଣ
ଏବଂ ଖୁସିର ଗଭୀରତା କେତେ
ମାପିବା ର ପ୍ରୟୋଜନ ?
ଯଦି କାମନାର ପୂର୍ଣ୍ଣତା ହିଁ
ବିମୂର୍ତ୍ତି ହୁଏ ମରୁଭୂମି ପବନରେ,
କୋଉ ପାଇଁ ଅବା ଲକ୍ଷ୍ୟବିହୀନ ହୋଇ
ଏକାକୀ ଘୂରିବ, ଅପୂର୍ଣ୍ଣ ଆଶା-
ଉପତ୍ୟକାର ତଳେ ।

୩୭

ଶେଷ୍ ଥିବା ଏକ ଯାତ୍ରା ନୁହେଁ ଏ
ମୃତ୍ୟୁରେ ନାହିଁ ବିଶ୍ରାମ ।
ଆଗକୁ ଯାଉନୁ ଆମେ......
କମ୍ପିତ ପାଦେ ଥରୁଚ

ଖସଡ଼ି ଯାଉଛୁ ଏବଂ ଘୋଷାରି ହେଉଛୁ ।
ସପନ ଅଙ୍କେ, ସଜ୍ଜିତ ହୋଇ ନିଦ୍ରା
ଆଖିର ଦୃଷ୍ଟି ଘେରିଇ ନେବାକୁ
ଅପେକ୍ଷା କରି ସବୁବେଳେ ଅଛୁ ରହି,
ଘୁପ୍ଚାର ତମିରେ ସନ୍ଧ୍ୟା ରହିଚି ଲୁଚି
ଦିନର ଆଲୁଅ ଧ୍ୱଂସ କରିବା ପାଇଁ ।

୩୮

ଭାରସାମ୍ୟକୁ ରଖିପାରିବାରେ ଗର୍ବ
ଅଥବା ମନର ଶାନ୍ତି,
ନିଷ୍ପାପ, ଲୋକ-ଆତ୍ମ ଛଳନା ଭ୍ରାନ୍ତି ।
ଆମର ଭାଗ୍ୟ ଆମରି ଉପରେ
ବହୁ ଗୋପନୀୟ ଯନ୍ତ୍ରଣା ଲଦି ଦିଏ
ହୃଦୟ ଉପରେ ଅତି ଉତ୍କଟ
ପୀଡ଼ନ ପରି ସେ ହୁଏ ।

୩୯

ପୃଥିବୀର ଏଇ ରହସ୍ୟ ଘରଟିରେ
ପାଗଳାମିର ଦୁନିଆ ଗୋଟାଏ,
ପ୍ରତୀକ୍ଷାରେ ଇ ରହେ,
କେତେ ଅଳୀକ ଏ
ଭାବନାର ଆଶାବାଦ,
ମରଣ ହିଁ ଦେବ ଜୀବନାନ୍ତର
ପରମ ଆଶୀର୍ବାଦ ।

୪୦

ଫୁଲ ଫୁଟେ ନାହିଁ,
ଅଗ୍ନି କଣିକା ନିର୍ଗତ ହୁଏ ,
ପୁଣି ଉଭେଇଯାଏ ।
ବହୁ ଉତ୍ସାହମୟ ଏ ଜୀବନ
ଅତି ଅଭିନବ;

ନୀରବ ଧୈର୍ଯ୍ୟ ଭିତରେ
ବଡହେବା କାମନାକୁ
ଗ୍ରହଣ କରିବାକୁ ହେବ ।

୪୧

ଶୃଙ୍ଖଳା ନାହିଁ, ସଙ୍ଗୀତ ନାହିଁ,
ଆମ କନ୍ଦନ......
ପର୍ବତମାଳା ଭିତରେ ହଜିବା
ପ୍ରତିଧ୍ୱନି ପରି ଏକ ନିସ୍ୱନ ।
ବଞ୍ଚିରହିବା ଅର୍ଥ ଏ ନୁହେଁ
ଜୀବନକୁ ଯୋଉ ମାତଲାମି ସ୍ୱର
କରୁଚି ବ୍ୟସ୍ତ
ତାକୁ କରିବାକୁ ଶାନ୍ତ, ନ ତନ ସ୍ୱର......
ଦର୍ପ ସହିତ କରିବା ଆବିଷ୍କାର ।

୪୨

ମୁଁ ଦେଖିଚି, ପୃଥିବୀରେ
ଆନନ୍ଦ ଆଉ ବିଷାଦ ଉପରେ
ବିଶ୍ୱାସ ରହେ କେତେ ଦୂର,
ମୁଁ ଯୋଉ ଫସଲ କରିଚି ଅମଳ
ସେ ଯେପରି ଏକ ଦୀର୍ଘ ଊଷର
ଘୂମନ୍ତ ପ୍ରାଣ ସ୍ୱର ।

୪୩

ଅସନ୍ତୋଷ ବା କୃତଜ୍ଞତାର
ଭୟ ବା ଆଶାର ଦ୍ୱିଗୁଣ ଫଳ,
ଆମେ ସବୁକିଛି ଜାଣିପାରୁଥିବା ଭାବନା ଉପରେ
ଅଭିଶାପ ପରି ପଡେ ।
ଏଇ ମାନସିକ ପୀଡ଼ାହିଁ 'ହୃଦୟ'
ଏ' କଥାଟି କୁହା ଚଳେ ।

॥ ୬୮ ॥

ଅନ୍ତର ଏବେ ଅନୁଭବ  କରେ
        ମୁକ୍ତିର  ଯେତେ  ସୁଖ
ଏବଂ ତାହାର  ଜିଦ୍‌ଖୋର  ଭାବାବେଗ
ଘୂର୍ଣ୍ଣିବାୟୁର  ରଙ୍ଗରସ ଭରା
        ଉତଳ  ନୃତ୍ୟ ସାଥେ
        ଯୋଗ ଦିଏ ନାନା ମତେ ।
ମୋ ପାଦରେ ଯେତେ ଫୋଟକା ହେଇଚି
ମୋ ବ୍ୟାକୁଳତାର ଚିହ୍ନ
ପାଦର ଫୋଟକା ହେଲଣି ପିଆଲା ପରି
କିପରି ପାରିବ ଭୁଲି, ଦୁର୍ବଳ ମନ ।
ପାନ୍ଥଶାଳାର ଉଲ୍ଲାସ ସୁଖ······
        ଭ୍ରମଣ ଶେଷରେ ଅଛି,
ଆମ୍ଭି ସ୍ନିଗ୍ଧତାର ବନ୍ଧନ ହିଁ ତ
        ଗୋଲପି ମଦର ଫେଣ ।
ଆନନ୍ଦ କର,  ଏଇ କୋଲାହଳ······
        ପର୍ଦ୍ଦା ଉହାଡ଼େ  ଅଛି କ'ଣ ପରିହରନା,
ଉତ୍ସବର ଏ  ବିଳାସିତାର ଧୂମଧାମ୍ ତଳେ
        କି ଅଛି,  କାହାକୁ ଜଣା ?
ଆଖି ପିଛୁଳାକେ  ସ୍ୱର୍ଗ,  ମର୍ତ୍ତ୍ୟ
        ବିଲୁପ୍ତ  ହୋଇପାରେ
ମୃତ୍ୟୁର  ହିମ,  ଦୃଷ୍ଟି ବିହୀନ
        ନୀରକ୍ଷଣରେ
ଶାନ୍ତିର ସୁଖ, ସାନ୍ତ୍ୱନା  ଝରିପଡ଼େ ।
ସକାଳ ପବନ ଦିଏ ନାହିଁ ତାକୁ
        'ପରୀ'ର  ମୋହିନୀ  ଡେଣା

ଜଳୁନାହିଁ ତା'ର ଅଗ୍ନିଶିଖା,
        ପ୍ରେମର ଉନ୍ମାଦନା· ····
ଏକ ବିଗଳିତ ହୃଦୟର
        ଦୁଖ ବ୍ୟଥିତ  ରହସ୍ୟଟି,
ସେତିକି ପ୍ରକାଶ·କରିପାରେ ଯାହା
        ଉଷା ପାହାନ୍ତାରେ 'ବଶୀ' ।

୪୪

କୋଇଲି ପକ୍ଷୀର କଣ୍ଠସ୍ୱରରେ
ପୁଲକ ଆହ୍ଲାଦିତ
ଗୋଲାପର ହସ ପାଖରେ ଶହୀଦ ହେଇଛି,
ଦୁର୍ନାମ ଆଉ ଅପମାନକୁ ମୁଁ ଡରୁଛି
ଏବେ ବି ମନର ବିମଳ ଶାନ୍ତି ଖୋଜୁଛି ।

୪୫

ନିଶ୍ୱାସ ମୋର ଏକ ସମୁଦ୍ର ପରି
ଅଜ୍ଞାନ ହେଇ ଭାସୁଛି ମୁଁ ତାଆ ଭିତରେ,
ସାକୀ ତାଆ ଅଜୁ ମୃଦୁ ହତାଦର କରି
ଯଦି ବ୍ୟବହାର କରେ
ମୁଁ କି ଠିକେ ହେଲେ ଅଭିଯୋଗ କରିପାରେ ।

୪୬

ନିଜ ବିଷୟରେ ଆଲୋକିତ ହେବା ପାଇଁ
ହୃଦୟ ହିଁ ଆପେ ସୁଯୋଗ ଦେଇଛି ଏତେ
'ତାର'ର ଗଭୀରେ ଲୁଚି ରହିଥିବା
ବୀଣାଟି ବାଜିଲା ମାନେ
ଜଣାପଡ଼େ ଅବା ପ୍ରେମ ଆବେଗର
ଉଲଙ୍ଗ କୋହ ସତେ !

୪୭

ଲୋତକ ବନ୍ୟା ବାହାରେ ଖୁସିର
ପ୍ରାଣ ରହସ୍ୟ ଆଗେ
ତଥାପି ରହିଛି ଅନ୍ୟ ଗୋଟିଏ
ମଧୁଶାଳା ମୋର ଝରଣାର ଆରପାଖେ ।
ଧ୍ୱଂସ କରିଛି ମଦର ବୋତଲ
ଏବଂ ପିଆଲା ମୋର

ମୁଁ କି ପରବାଏ କରେ
ଗୋଲାପ ରଙ୍ଗର ସ୍ୱପ୍ନ ଯଦି ଏକେ
ବର୍ଷା ଝରିଲା ପରି
ଆକାଶରୁ ଝରିପଡ଼େ ।

୪୮

ସମସ୍ତ ଆଉ ସ୍ଥାନର ପରିଧି ତଳେ
ଏମିତି ପିଞ୍ଜରାବଦ୍ଧ ଅନ୍ଧକାରେ
ଇଚ୍ଛାନୁରୂପ ଢାଳି ପାରୁନି ବି ଲୁହ
ଯଦି ସାଗରକୁ ନିମନ୍ତ୍ରଣ ହିଁ
କରିବାକୁ ହେବ ସତେ,
ମାଗିବି ଦିଅ ହେ ଏକ ମରୁଭୂମି ମତେ ।

୪୯

ମଣିଷର ଅନୁଭବ ହୀନତା ବା
କିପରି ପାରିବ ଜୀବନ ସଜ୍ଞା ଜାଣି
ଯେତେବେଳେ ଆମ ଶ୍ରବଣ ବଧିର
ଉନ୍ମାଦ ପ୍ରାଣ ଖୋଜୁଁଚି ଶୁଣିବ
ସଙ୍ଗୀତ ସ୍ୱରଧ୍ୱନି ।

୫୦

ଏ ସାରା ଜଗତ ଗଢ଼ା ହୋଇଥିଲା
ନିରବଚ୍ଛିନ୍ନ ପରିଭ୍ରମଣର ପାଇଁ
କ୍ଳାନ୍ତ ଶ୍ରାନ୍ତ ପଥିକମାନେ ହିଁ
ଆଶ୍ରୟସ୍ଥଳ ଗଢିଥିଲେ ଏଠି ସେଠି
ବିଶ୍ରାମ ନେବା ପାଇଁ ।

୫୧

ମୋହ ଆବିଷ୍ଟ ଅଧୀରତା ମତେ
ଯେଉଁଠିକି ନେଇଯାଏ
ସେଇ ସାମାନ୍ୟ ସନ୍ତୋଷ ଯଦି
ଶେଷ ପରିଣତି ହୁଏ

॥ ୮୧ ॥

କେବେ ନିର୍ମମ  କେବେ ଦୟାଶୀଳ
ସମସ୍ତ, ପରିସ୍ଥିତି,
ସବୁ ଅବଜ୍ଞା କରି
ବରଂ ପିଆଲି ଏଇନା ଭରିବ
ଏଇନା କରିବ ଖାଲି ।

୮୨

ଗୋଟିଏ ମାତ୍ର ପାଗଳ ଧାରଣାକୁ ମୁଁ
ମୁକ୍ତଭାବରେ ଯାହା ତା' କରିବା  ପାଇଁ
ମତେ ଯଥେଷ୍ଟ ଜାଗା ଦିଆଗଲା ନାହିଁ ।

ଅପଶୋଷ  କଲି,
ମରୁଭୂମିର ସେ  ବିଶାଳତାକୁ ହିଁ
ମୋ' ପୃଥିବୀ ବୋଲି ମନେମନେ ଭାବିନେଲି

୮୩

ମଧୁ ଫଗୁଣର ଉଦାର  ପ୍ରେରଣା
ଅଫିମଗଛ ଓ ଗୋଲାପକୁ ଯୋଡ଼ି  ଦିଏ
ମୋ ନିୟତି ମତେ କରିଚି ଯେପରି ହାନ୍ତି,
ଫୁଲ ହୃଦୟରେ ଅଫିମ ଚିହ୍ନ
ବସା ବାନ୍ଧି ରହିଥାଏ ।

ପ୍ରାଣର ଦୀପ୍ତ  ପାଖୁଡ଼ା ଗୁଡ଼ିକ
ଗୋଲାପକୁ  ଢାଙ୍କେ ଥରେ
ତାଆପରେ ପୁଣି ସେ  ପାଖୁଡ଼ାମାନ
ଭୁଇଁ  ପରେ  ଝରି ପଡ଼େ ।

ମୁଁ ବି ଯେତେବେଳେ ପାଗଳାମିରେ ମୋ'
ପରିଧେୟ  ଫାଡ଼ି ଦିଏ
କଣ୍ଟାରେ ପୁଣି ସବୁ  ସିଆଁ  ହୋଇଯାଏ ।
ମୋଅର ବି ଆଉ  ଉଚ୍ଛ୍ୱାସ ନାହିଁ
ସାରା ପୃଥିବୀଟା ବିଧ୍ୱନିତ ବିଳାପରେ

ଭଗବାନଆ ଦୁଃଖେ ଝୁରୁଥିବା ଲୋକେ
ଫିଙ୍ଗି ଦେଲେ ମତେ ଦୂରେ ।
ମୋ ଅଭିଯୋଗୁହିଁ ପ୍ରତିଟି କଣିକା
ଆଶାରେ ଉଚ୍ଛୁଳି ପଡ଼େ
ସ୍ୱର୍ଗ, ମର୍ତ୍ତ୍ୟ ଉଭୟ ଭିତରେ
ଏମିତି ରହିଚ ତୁମ୍ଭେ,
ହାୟ, ନବୋଧ କବି !

୫୪

ବିଶ୍ୱର ବନରେ 'ସ୍ୱସ୍ତି' ବାହାରିବା ବେଳେ
କୋଳାହଳ ହେଲ ପର
ମୁଁ ଘୂରି ଘୂରି ବୁଲୁଚି
ସାରା ବିଶ୍ୱର ଏ ପାଖ୍ ସେ ପାଖ
ନିଜକୁ ନିଜେଇ ଖୋଜି ।
ଅନ୍ୟପାଖରେ ମୋର ଧୂଳି ଝଡ଼
ମୋର କାର୍ଯ୍ୟହୀନତାର,
ଅନାବାଦୀ ପ୍ରାନ୍ତର ।
ଜ୍ଞାନର ଚେତନାଶୀଳତା ଭିତରେ
ତୁମେ ଯୋଉମାନେ
ମୋହଭ୍ରାନ୍ତିକୁ ଆହରଣ କରି ଅଛ
ଦେଖି ପକେଇଲି ବୋଲି ମତେ ଜମା
କରନାହିଁ ସଙ୍କୋଚ ।
ମୁଉଁ ଝୁରୁ ହେଇ କେବଳ ରାସ୍ତା ଧୂଳି,
ମୋ' ରଙ୍ଗ ଢଙ୍ଗ, ଆଉ ବୁଲିବୁଲି
ଉଦ୍ଦେଶ୍ୟହୀନ,
ଅର୍ଥ ବିହୀନ ।

୫୫

ମୁଁ ଯଦିଓ ଏକ ଯନ୍ତ୍ରାରେ ପଡ଼ି
ଛଟପଟ ହୁଏ ଦୁଃଖରେ

ଆସ ଆସ ମତେ କହିବାକୁ ଡର ନାହିଁ
ଗତ କାଲି ତୁମ ଫୁଲ ବଗିଚାରେ
ଘଟିଲା କଅଣ, ବନ୍ଧୁ ହେ କୋଉ ପାଇଁ ?
ସେ ଯୋଉ ଝାଡ଼ଟି ଜଳିଗଲା ବିଜୁଳିରେ
ହୁଏତ ସେଇଟି ମୋଅର ନ ହୋଇପାରେ ।

୫୬

ଦୃଶ୍ୟମାନ ଯା' ଅଦୃଶ୍ୟ ଠାରୁ
ଲୁଚିଛି ଆହୁରି ଗଭୀରେ
ଯୋଉମାନେ ସବୁ ଜାଗି ଦେଖନ୍ତି ସ୍ୱପ୍ନରେ,
ଯଥାର୍ଥରେ, ସେଇମାନେ ହିଁ ତ
ଶୋଇଛନ୍ତି ଘୋର ନିଦ୍ରାରେ ।

୫୭

ମରିବା ପାଇଁକି ସୁଯୋଗ ପାଇବା
ପ୍ରେମିକମାନଙ୍କ ସ୍ୱତ୍ୱ ଚମତ୍କାର
ଖୋଲା କୃପାଣର ଚାକଚକ୍ୟଟି
ଚକ୍ଷୁ ପାଇଁ, କି ସୁନ୍ଦର ଝଲମଲ ।
'ଆଦମ'ର ଏକ ପୁତ୍ରକୁ
ମଣିଷ ହେବାର ସୁଯୋଗ ନେବାକୁ
ମନା କରି ଦିଆଗଲା
ଯୋଉ କାମ ଆମେ କରିବ ପାରନ୍ତୁ
କରି ପାରୁ ନାହୁଁ
କି ଦୁଃଖ ଏ ନୁହେଁ ଭଲ !!

୫୮

ଘର ଭିତରେ ଯେ ଆଶ୍ରୟ ନିଏ
ତାଆର ଗୁଣକୁ ଘରଟି ପ୍ରକାଶ କରେ,
'ମଜନୁ' ମୃତ
ଉଚ୍ଛୃଙ୍ଖଳତା ମଳିନ ପଡ଼ିଚି
ଗହନ ଅନ୍ଧକାରେ ।

୬୯

ବାଉଳ ପଣିଆ ପରାଭୂତ କଳ୍ପମତେ
ବେପରୁଆ ଭାବେ ଭ୍ରମଣ କରୁଚ କେତେ
ଉଶ୍ରୃଙ୍ଖଳତା ନିଜେଇ ବାହାର ଆସିଚ
ମୋ'ଘର ଭିତରୁ ନେଇଯିବା ପାଇଁ ମତେ ।

୭୦

ଜୀବନର ପ୍ରତି ଶିରା ପ୍ରଶିରାରେ
ପ୍ରେମ ବଡ଼ ଧ୍ୱଂସୁକ
ତୁମ ମନ ଇଚ୍ଛା 'ମଜନ୍'କୁ ତୁମେ
ଯେମିତି ପାରୁଚ ଆଂକ
ତା'ର ବାଉଳତା ଝଲସେ ନଗ୍ନ ହୋଇ
ଆବରଣ ଫିଙ୍ଗି ଦେଇ ।

୭୧

ପ୍ରେମ କରିବାକୁ ବନ୍ଧକ ଥିବା
ଏଇ ପ୍ରାଣ, ଏଇ ହୃଦୟ
ଏ ଜୀବନ ସାଥେ ଅଭିନ୍ନମୟ
ତଥାପି ବି ଯୋଡ଼ି ରହିଚ
ଯୋଉ ବିଦ୍ୟୁତ ଆଲୋକଛଟାକୁ
ମୋ' ଈଶ୍ୱର ଭାବି, ପୂଜା ଅର୍ଚ୍ଚନା କରୁଚ ;
ଯୋଉ ଧ୍ୱଂସର ଲୀଳା ଘଟି ଘଟି ଯାଉଚ ।
ତାକୁ ଦେଖି ଏଇ ଦୁଇ ହାତ ମୋ ଝାଉଁଚ ।

୭୨

ଉଦ୍ଭାବନର ଶକ୍ତି କିପରି ଦେଖ
ଦୃଷ୍ଟି ସୀମାରେ ରହିଥିବା ଆମ କର୍ମଧାରାକୁ
ଓଲଟ ପାଲଟ କରେ,
ଭୁଲି ବକା ହେବା ପ୍ରତିମୂର୍ତ୍ତିକୁ
ଦୃଷ୍ଟି ଗ୍ରହଣ କରେ
ଭାବ କଳ୍ପନା କେତେ ଦର୍ପଣ ଗଢ଼େ ।

୭୩

ପ୍ରତ୍ୟେକ ଢେଉ ଫାଙ୍କ ରହିଥିବା
ଏକ ରାକ୍ଷସୀ ମୁହଁ ଜାଲ,
ଦେଖାଯାଉ ଭଲ ବର୍ଷା ବିନ୍ଦୁ
ମୁକ୍ତା ହେବାକୁ
ଅଛି କି ଭାଗ୍ୟ ତାର ।

୭୪

ମୋ' ଭିତରେ ଯୋଉ ଦୃଶ୍ୟ ଦେଖୁଚ ତମେ
ସେ ଯଦି ଅଗ୍ନି କଣିକା ଝଲକେ ଭରି
ପଥର ଧମନୀ ଭିତରୁ ଝରିବ
ଅବିରାମ ଏକ ରକ୍ତ ପ୍ରବାହ ଧାରି
ଯଦି ସକାଳର ପବନ ଯୋଉଠି ରହିବା କଥା
ସେଇଠି ସେ ଘୂରି ବୁଲେ ଏଣେ ତେଣେ
ଲକ୍ଷ୍ୟ ବିହୀନ ହୋଇ
ଏବେ କ୍ଲାନ୍ତ ମୁଁ ଏଇ ଜୀବନକୁ ନେଇ
ପ୍ରେମିକାର ପିନ୍ଧା ପୋଷାକ ମହକ
ମୋ' ଚେତନା ତଳେ ଜମା ପଡି ପାରୁ ନାହିଁ ।

୭୫

କ୍ଷମି କରି ଦିଏ ଦୁଃଖ ଏ ଜୀବନକୁ
ଏ ଜୀବନ ଯାହା ସେ ତ ସେଇଭଳି,
ସେଥିରୁ ଆମେ ବା ନିସ୍ତାର ଭଲ
ପାଇବା କିପରି,
ପ୍ରେମ ଯଦି ଦୁଖ ଆଣିଥାନ୍ତା ଆମ ପାଖେ
ଭାଜି ପଡିଥାନ୍ତା ସାରା ପୃଥିବୀର
ଯନ୍ତ୍ରଣା ଭାରି ବହି ।

୭୬

ମୋ' ଅଶ୍ରୁ ବିନା ଗୃହଟି ବି ମୋର
ଶୂନ୍ୟ, ରହିବ, ପାରି ଥିଲି ଏହା ଜାଣି,

ସମୁଦ୍ର ଏକ ସମୁଦ୍ର ନହୋଇ ଥିଲେ
ହୋଇ ଥାଆନ୍ତା ମରୁଭୂମି ।

୬୭

ମୋଅ ଆଖିପତ୍ର ଖୋଲା ରହିଅଛି
ଦେଖିବାକୁ ଫୁଲ ବଗିଚାଟି ପ୍ରୀତି ଭରା
ହେଲେ ସବୁ ବୃଥା,
ମୁଁ ସେଇ ଶିଶିର ବିନ୍ଦୁ
ସୂର୍ଯ୍ୟ ଯାହାକୁ ଛୁଇଁ ଦେଇ ଗଲା ପରା

୬୮

ନିର୍ଜନ ତାକୁ ଗୁଣ୍ଡଦେବା ପାଇଁ
ବାଟ ଖୋଜିବାରେ ମତେ
ଉଦାସୀନତା ହିଁ ପୂରା ପୂରି ବାଧା ଦିଏ
କାହିଁକି ଯେ ମୋର ପ୍ରତି ନିଶ୍ୱାସ
ଅପଯଶ ଦେବା ପାଇଁ
ବେଢ଼ି ଦେଇ ମତେ, ଅପନିନ୍ଦାର
କଏଦୀ କରାଏ,
କିଛି ବୁଝିପାରେ ନାହିଁ ।

୬୯

ମୁଁ ସୁମଧୁର ସଙ୍ଗୀତ ନୁହେଁ
ଫୁଲଟି ଫୁଟିଲା ପରି;
ଅବା ସ୍ୱରଟିଏ ଭରପୂର ରାଗିଣୀର,
ନିକ ପରାଜୟ ଶବ୍ଦକୁ ତୋଳି ଧରି
ମୁହିଁ ତନ୍ତ୍ରୀର, ଖଣ୍ଡେ ଫାଟିଯିବା ତାର ।

୭୦

ହୁଏତ ଆସିବେ କେତେ ଜଣ ପୁଣି,
ଫୁଲ ପରି ଦେଖା ଦେବେ,
ଭାବିବା କେତେ ଏ ଦୁଃଖର କଥା,
କେତେ ସୁନ୍ଦର ମୁହଁ
ଲୁଚିଗଲେ କାହିଁ ଧୂଳିରେ କୋଉଠି କେବେ ।

॥ ୭୭ ॥

ଅନେକ ସ୍ମୃତିରେ ମୋ ମନ ବି ଦିନେ,
ଭରପୂର ରହିଥିଲା
ବନ୍ଧୁ ମିଳନ, ସୁରାପାନ, ଆଉ···
ପ୍ରୀତି ଉଲ୍ଲାସ ଭରା ।
ହେଲେ, ସିଏ ସବୁ ଏବେ ଖାଲି ସିନା
ସୂକ୍ଷ୍ମ ଆଭାସ ପରି,
ସମୟର ଲଂବା ଅନ୍ଧ ବାରନ୍ଦା
ସଜେଇ ରଖିଲା ଭଳି ।
ଆମେ କେବଳ ଯା' ଟିକିଏ ଝଲକ ପାଉ
ଜୀବନ ଏଇଆ, ଆଉ ବୋଧେ କିଛି ନୁହେଁ
ସ୍ଫୁଲିଙ୍ଗ ଶିଖା ନାଚ ନାଚି ସିନା ଅନ୍ଧାର.ଆଡେ ଯାଏ
ଯେତେ ଯନ୍ତ୍ରଣା ଜୀବନ ସୃଷ୍ଟି କରେ
ମୃତ୍ୟୁ ବିନା କେ' ଶେଷ ତା'ର ଆଣିପାରେ ?
ସଳିତାର ଏଇ ଭାଗ୍ୟ ଇ ସିନା
ଆଲୁଅ ଦେବାକୁ ସିଏ
ମିଂଜି ମିଂଜି ହୋଇ ଜଳିବ, ଥରିବ,
ନାଚିବ ସକାଳ ଯାଏଁ !

୭୮

ମୁଁ ଏକାନ୍ତ ନିର୍ଜନରେ ହିଁ ରହିବି ଚାହେଁ
କଥା କହିବାକୁ ଜଣେ ବି ନ ଥିବେ
ଚିନ୍ତାରେ ମୋର ଭାଗୀ ହେବା ପାଇଁ ନୁହେଁ ।
ଗୋଟିଏ ନିରୋଳା ଘର;
କାନ୍ଥ ନଥିବ, ଛାତ ବି ନଥିବ,
ଶ୍ବେର, ଅବା ମୋର ବିପଦେ ଆପଦେ
ଜଗି ବସିବାକୁ ନଥିବେ ବି ପ୍ରତିବେଶୀ,
ପରିଶ୍ରାନ୍ତ ବା ରୁଗ୍ଣ ହେଲେ ବି
କେହି ଜଣେ ହେଲେ ସେବା କରିବେନି ବସି ।
ମୃତ୍ୟୁ ନିଦାନ ବେଳେ,
ଲୁହ ଢାଳିବାକୁ ନଥିବେ ବି ଜଣେ ହେଲେ ।

୭୨

ଢୁଦା ମାର ମାର ଦୌଡ଼ିବାରେ ମୋ'
ଜୀବନଟା ଏକ ଅଶ୍ୱ
କେତେବେଳେ ଅବା କୋଉଠି ରହିବ ଜାଣେନ
ଧରିବା ଲଗାମ ହାତରୁ ଖସିଚି
'ରେକାବ' ରୁ ବି ଖସିଚି ମୋ ପାଦ ଦୁେନ ।

୭୩

ଲଂବା ପାହୁଂଡର ପାଦ ମକାଇ ଯେ
ମୋ'ଅ ପାଖ ଦେଇ ତରବର ହେଇଯାଏ
ଛାଆ ପଛେ ପଛେ କିଛୁ ସମୟ ମୁଁ ଧାଏଁ
ଲକ୍ଷ୍ୟସ୍ଥଳ ମୋ' କିଛି ହେଲେ ନାହିଁ
ଜାଣେ ନାହିଁ, ବାଟ ଦେଖାଇବ ଅଛି କେହି ।

୭୪

ସାଧାରଣ ବାଟେ ଚାଲି ଚାଲି ପାଦ
ଖଂଡ଼ିଆ ଖାବରା ହେଇଚି,
ଏଇନା ମୁଁ ଖୁସି,
ରାସ୍ତାଟି ଏବେ.କଣ୍ଟକ ଭରା ଗୁଳ୍ମ ଭିତରେ ଯାଇଚି
ସେଠି କଷ୍ଟେଥିବ ବୁଦ୍ଧର ଅଙ୍ଗତ କିଛୁ ।

୭୫

ଯାତନାର ଝଡ ହୃଦୟକୁ ମୋର
ଥରାଏ ଲହରୀ ପରି,
ପିଆଲି ସୂକ୍ଷ୍ମ, ସୁରା ଏପରି ଯେ,
ପାତ୍ରଟିକୁ ସେ ତରଳାଇ ଦେଲି ଭଳି
ମୁକ୍ତ ଯୁ' ଲୋକ ନିମିଷକ ପାଇଁ
ବେଦନା ରହେ ତା' ମନେ,
ଶୋକଭରା ଘରେ ପ୍ରଦୀପ ଜାଳିବା ପାଇଁ
ବିଜୁଳି ଝଲକ ଟାଣି ଆଣୁ ପରା ଆମେ ।

୭୬

ହେ ଈଶ୍ୱର !
ଇଚ୍ଛା ଭିଲାଷ କୋଉଠି ତାହାର
ଅନ୍ୟ ପାଦଟି ରଖିବ ପାରୁନ ଜାଣି,
ଗୋଟିଏ ପାଦର ଚିହ୍ନ ଆବୋରି ଅଛୁ
ଗୋଟା' ପୃଥିବୀର ଅନାବାଦୀ ମରୁଭୂମି ।

୭୭

ବହୁ ଭାବନାର ସମଷ୍ଟି ମସ୍ତ ଏ ମଣିଷ
ଏପରିକି ନିଜେ ଖୁବ୍ ଯେବେ ଏକା ଥାଏ,
ମୁଁ ଅନୁଭବ କରେ ଘରପାଖେ ମୋର
ଫାଗ ସାଥୀ ଥିଲ ପ୍ରାପ୍ତ ।

୭୮

ଖାଣ୍ଟି ପ୍ରେମ ଲଗି ପାଗଲ ହେବାର
ଅଳ୍ପ କେତେକ ଲୋକଙ୍କ ପାଇଁ
ଏ ପୃଥିବୀ ଏକ ଆରାମ ଦାୟକ ଘର,
ଯେତେ ବେଶୀ ପାନ ପାତ୍ର ପିଆଲା
ସୁରାରେ ପୂର୍ଣ୍ଣ ହୁଏ
ମଧୁଶାଳା ଖୋଜେ ସେତେ ଆଉ ବେଶି
ମଦ୍ୟପ ଅସୁମାର ।

୭୯

ମୋ' ମନର ଯେତେ ଉତ୍ସାହ
ତାକୁ ପ୍ରକାଶ କରିବ କିପରି
ପାଗଲାମିର ଯେ ଚହଲା ଭାବନା
ଅସ୍ଥିରତାକୁ ଦିଏ ଶିଖାସ୍ପିତ କରି ।

୮୦

ସାରା ସୃଷ୍ଟିକୁ ଧରିଏ କିପରି
ଆବେଗର ଢେଉ ଦେଖ ନା ।
ଇସପାତ ଗ୍ରନ୍ଥ ବିଦୀର୍ଣ୍ଣ କରି
ବାହାରେ 'ଅସି' ର ବେଦନା ।

୮୧

ମୋ ହୃଦ ବେଦନା ଅତି ଅଭିମାନୀ
ସେବା ଦୁଖ ପାଇବାକୁ
ମୁହିଁ ସୁଖୀ ମୋର ବେଦନା ତ ଅଛୁ,
ଗର୍ବରେ ନାଚିବାକୁ ।

୮୨

ସୌଜନ୍ୟମୟୀ ସ୍ୱାଗତ ଜଣାଇ
ହାତ ଉଠାଇଲେ କୁଞ୍ଚିତ କେଶ ଛୁଏଁ
ସ୍କନ୍ଧରେ ତା'ର ଲବଣ୍ୟର ଯେ ରୂପ ସମ୍ପଦ ଥାଏ
ବିକ୍ଷିପ୍ତ ହୋଇଯାଏ ।
ସଚେତନତାର ବନ୍ଦୀ ହେବାକୁ
ଦୃଷ୍ଟି ହିଁ ଏକା ଯୋଗ୍ୟ
ଆଖିର ଦୃଷ୍ଟି ଏତେ ଦୀପ୍ତିରେ ଆସେ
ତୁମର ବା ମୋର,
ଜାଣିବା ନ ଥାଏ ଭାଗ୍ୟ ।

୮୩

ସୌନ୍ଦର୍ଯ୍ୟର ଚେହେରା ଉପରୁ
ଆବେଗ ତାହାର ପର୍ଦ୍ଦା ନେଇଚି କାଢ଼ି
ଖାଲି ଶୂନ୍ୟତା ସେ'ଠି,
ଦୃଷ୍ଟି ପଥରେ ପ୍ରତି ବନ୍ଧକ ଆଉ କିଛି ନୁହେଁ
କେବଳ ନିଜେ ହିଁ ଦୃଷ୍ଟି ।

୮୪

ମିଜାଜି ମନର ଚମତ୍କାରିତା
ବିଶ୍ୱାସ ସବୁ କରାଇ ଦେବା ।
ହେଲେ ତୁମେ ଯଦି ନିଜ ପାଇଁ ଏଇ
ସତ୍ୟକୁ ଖୋଜି ପାଅ,
ପ୍ରେମବେଦୀ ପରେ ଗୁହାରିଆ ହେବା
ମୋହିନୀ ଶକ୍ତି ବିବେଚନା କରି ନିଅ ।

୮୫

କସ୍ତୁରୀମଖା ପ୍ରେମ କ୍ଷତ ପାଇଁ
ଗର୍ବିତ ମନେ କରେ
ରାତ୍ରିର ସୁବାସିତ ଅନ୍ଧାରେ ଆବୃତ ଏକ
ସଳିତାର ଶିଖା ଜଳେ ।

୮୬

ଏକ ବିକ୍ଷତ ସନ୍ଧ୍ୟା ଏ, ଯେଉଁଠାରେ,
ଘନ ଅନ୍ଧାର ଗ୍ରନ୍ଥି ମୁଁ ସୃଷ୍ଟି କରେ ।
ଯଦିଓ ମୁଁ ତାକୁ ଭେଟିବାକୁ ବାହାରିଚ
ବେଳ ସରିଯିବ କେତେ ବେଗି ଏଇକ୍ଷଣି,
ଇଆର ଭିତରେ ଦୀପର ଆଲୋକ ଶିଖା
ଫୁଟି ଆସୁଥିବା ଉଷାଲୋକ ପାଇଲଣି ।
ସକାଳ ସୁଢା ପହଞ୍ଚିବ ମୋର
ଯାତ୍ରାର ସୀମାପାରେ,
ଜଳୁଥିବା ଦୀପ ଧୂଆଁର ପାଉଁଶ
ଜମିଥିବ ପଥପରେ ।

୮୭

ପୃଥିବୀ ଉପରେ ସ୍ୱର୍ଗ ଦେଉ ତା'
କ୍ଷୟିର ଧ୍ୱଂସ ଅକାଙ୍କ୍ଷା
ହେଲେ ପ୍ରେମର ଏ ଶପଥଟି ହେଉ
ଶକ୍ତିରୁ ବଳି ଶକ୍ତି
ସମ୍ବର୍ଦ୍ଧନ ପାଇଁ ଆହ୍ୱାନ ।

୮୮

ପ୍ରେମ ଯୋଗୁଁ ମୋର ସ୍ୱଭାବ ଶିଖିଲ
ଜୀବନର ସ୍ୱାଦ ଚାଖିବା ପାଇଁ,
ପାଇଲି ସେ ବେଦନାର ପ୍ରତିକାର

ଆହୁର ପାଇଲା ବେଦନା ଯାହାର
ପ୍ରତିକାର କିଛୁ ନାହିଁ ।
ତେବେ ବି ହୃଦୟ ଅସ୍ଥିର ମୋର,
ପୁଣି ପ୍ରେମର ମରଣ ଆଘାତ
ଗୃହୁଁଚ ବକ୍ଷସ୍ଥଳ ।

୮୯

ଏଇ ଯେ ପାଗଳଗାରଦ ଯାହାକୁ
ଆମର 'ଦୁନିଆ' କହୁଚୁ
ତା' ଅନୁରୂପ କରିଚ ମହମବତୀ,
ପ୍ରେମର ଶିଖା ହିଁ ସବୁ କିଛୁ ବୋଲି ଭାବୁଚୁ
ଜୀବନର ପୁଣି ସେଇ ହିଁ ତ ଶେଷ
ସେଇ ଶେଷ ପରିଣତି ।

୯୦

ଆମେ ଖାଲି ବୁଝୁ ଛଳନାର କ୍ରୋଧ
ଘୃଣା ଆଉ ଆନ୍ତ ଗୃହାଣିମାନେ,
ପ୍ରେମର ଅସ୍ତ୍ରାଗରେ ରହିଚ
ଶାଣ ଦିଆ ଛୁରୀ, ଖଣ୍ଡା ଆଉ ଭାଲ
ଏହା ବି କହିବା ଆମେ ।

୯୧

ଯେତେ ବେଶୀ ଆମେ ଅଭିଳାଷ କରୁ
ସେତେବେଶୀ ଆଉ 'ପ୍ରସାଦ'ର ଦାନ ମିଳେ
ଯୋଉ ବନ୍ଦୀଟି ମୁକ୍ତ ହେବାକୁ ପଡେ
ସେ ହୁଏ ଅଶ୍ରୁ, ପ୍ରେମିକର ଆଖି ଡ଼ୋଳେ

୯୨

ମହା ସିନ୍ଧୁର ବ୍ୟାକୁଳତା ଯଦି
ମୁକ୍ତା ଭିତରେ ବିଶ୍ରାମ କରିପାରେ

ପ୍ରେମର ଆବେଗ ମୋ ବୁକୁ ଭିତରେ
ଆବଦ୍ଧ ଅଛି ବୋଲି ଅନୁଭବ କରେ

୯୩

ମୁଁ ପକ୍ଷୀଟିଏ ବ୍ୟାଧର ପ୍ରେମରେ
ରହିଛି ବନ୍ଦୀ ହୋଇ,
ଏହା ମାନେ ନୁହେଁ,
ଭୁଲି ଯାଇ ବସିଛି ଉଡ଼ିବା ପାଇଁ ।

୯୪

ମୋ' ମୁହଁର ଏଇ ବିମର୍ଷ ଭାବ,
ଉଷାର ମଳିନ ଆଲୋକ ସିଏ
ସୁନ୍ଦରତମାର ଫୁଲ ଫୁଟିବାକୁ
ଏ' କ'ଣ ରଚିତ ଭୂମିକା ନୁହେଁ ?

୯୫

ସେମାନଙ୍କୁ ମୋଟେ ଖାତିର କରିନା,
କଳଙ୍କି ଲଗା ବାଙ୍କେ ଧାରଣାରେ
ହୁଅନ୍ତି ସେ ବାଟବଣା ।
ଭାବନ୍ତି ସେ ମନେ ମନେ
ମଦ ଆଉ ଗୀତ ବଢ଼ାଏ ପ୍ରେମର ଜ୍ୱାଳା
କହି ପାରିବନି କେତେଦିନ ହେଲା,
ମୁଁ ଏ ଘୃଣ୍ୟ ଦୁନିଆର ଜଣେ
ଅଧିବାସୀ ହୋଇ ଅଛି
ସେ ଦିନ ଗୁଡ଼ିକୁ ସ୍ମରଣରେ ଯଦି ଆଣେ,
ମୁଁ' ବି ବସି ବସି ଗଣେ,
କେତେ କେତେ ରାତି ବିରହେ କାଟିଚି
ନିର୍ଜନ ଘର କଣେ ।

୯୬

ସୌନ୍ଦର୍ଯ୍ୟ ଆଉ ପ୍ରେମ,
ହାତ ଧରାଧରି ହୋଇ ଦର୍ପଣରେ
କରଯାନ୍ତି ବହୁ କାମ ।
ଗୋଟିଏ ଦିଅଇ ଚାଲିବା ବାଟରେ
ଖଣ୍ଡାଧାର ପରି ମୁନିଆ କଣ୍ଟା ବିଛାଇ,
ଅନ୍ୟଟି ଦିଏ ନଗ୍ନପାଦରେ
ଫୋଟକା ଗୁଡିଏ ସଜାଇ ।
ମୁହଁରେ ଫୁଟାଏ ରକ୍ତିମ ଆଭା
ପ୍ରେମ ଅବସାଦ ଦେବାକୁ ଏଡ଼ି
ଆଦର ଯତ୍ନ ସବୁ ଦେବ ଛାଡ଼ି
ଝାଂପୁଲ କେଶର ଅନ୍ଧାର ତଳୁ
କ୍ରୋଧକୁ ଦୀପ୍ତ କରି ।
ମୁଁ ଆଉ କେବେ ମାଗିବିନି ଜାଣିଥାଅ,
'ମଣିମୟ ହସ ଦିଅ'

୯୭

ଉଦ୍ଦେଶ୍ୟ ତା'ର ଥିଲି ମୁଁ ଗୋଟାଏ
ନିଦ୍ରା ବିହୀନ ଜୀବନ ବିତାଏ,
ସେ ଆସିବ ବୋଲି ରହି ତା' ଅପେକ୍ଷାରେ
ଏଡ଼ିଲିବେଳେ ମୁଁ ଏକ ସ୍ୱପ୍ନରେ,
ତା ଶପଥ ଶୁଣିଥିଲି······
ସେ ଆସିବ ଆଉ ଥରେ ।

୯୮

ସୌନ୍ଦର୍ଯ୍ୟର ସଚେତନତା ହିଁ
ଲଜକୁଳୀ ତାକୁ କରେ,
ଏପରି କି ସିଏ ଏକା ଥାଏ ଯେତେବେଳେ
ଯୋଉ ଲାବଣ୍ୟ ଲୁଚି ରହିଥାଏ
ରକ୍ତିମ ଆଭା ତଳେ,
ସିଏ ବି କପରି ଉନ୍ମୁକ୍ତ ହେଇ ପଡ଼େ ।

୯୯

ହେ ଭଗବାନ ! ସିଏ ବୁଝୁ ନାହିଁ,
କେଭେଁ ସେ ବୁଝିବ ନାହିଁ ।
ସେ ନାରୀକୁ ଦିଅ ଭିନ୍ନ ହୃଦୟ,
ଅଥବା ନହେଲେ
ମତେ ତୁମେ ଏକ ଅନ୍ୟରଚନା ଦିଅ ।

୧୦୦

ଚସ ଗୋଟିଏ ଢଥାରୁ ଆମେ
କୁଞ୍ଚିତ କେଶ ସଜାଅ ତମେ,
ଆଉ ମୁଁ ସୁଦୂର ଭାବନାରେ ମୋର
ହୁଅଇ ମଗ୍ନ ଭୋଳ ।

ତୁମ ହୃଦୟକୁ ସ୍ପର୍ଶ କରିବା ଲାଗି
ସାରା ଜୀବନଟା ଜାଗି
ପ୍ରୟୋଜନ ଏକ ଦୀର୍ଘଶ୍ୱାସ ପାଇଁ
ଦେଖିବାକୁ ତୁମ କୁଞ୍ଚିତ କେଶରାଶି
କିଏ କେତେକାଳ ପାରିବ ବଞ୍ଚିରହି ।

ମୋ ପ୍ରେମକୁ ତୁମେ ଏଡ଼ି ଦେବ ନାହିଁ
ବିଶ୍ୱାସ ମୋର ଅଛି,
ହେଲେ ତୁମେ ଜାଣ ଏ କଥାଟି ବି
ଧୂଳି ସାଥିରେ ମୁଁ ଯାଇଥାଇପାରେ ମିଶି ।

ସୂର୍ଯ୍ୟ ଶିଖାଏ ଶିଶିର ଟୋପାକୁ
ଜୀବନ କିପରି କରିବ ସମର୍ପଣ,
ସୌନ୍ଦର୍ଯ୍ୟର କୃପାମୟ ସ୍ମୃହାଣି ବି
ମୋ ଅବସାଦର ଘଟାଇବ ଅବସାନ ।

୧୦୧

ପ୍ରଶ୍ନ ଏ ନୁହେଁ ଦେଖାହେବ ଆଉ
କଥା ଭାଷା ହେବ, କିପରି ବର୍ତ୍ତମାନ,

ହେଲେ ଯେତେବେଳେ
କଥାଗୁଡ଼ା ସବୁ ଅପରିଚିତ ନିଶ୍ୱାସ
ଭାବିବାକୁ ପଡ଼େ, କହିବାକୁ ହେବ କ'ଣ ?

ମୋ' ଭିତରେ ଯେତେ ଝଡ଼ ଉଠିଲେ ବି
ମୁଁ ଅବଶ୍ୟ, ଭଦ୍ରତାର ନିୟମକାନୁନ ମାନିବି
ଆଉ ସିଏ ତା'ର ଲଜ୍ଜାକୁ ନେଇ
ଚୁପ୍ ଚାପ୍ ରହେ ଯଦି,
ସେଥିରେ କି ପ୍ରେମ ପାଇଁ କିଛି
ବାଟ ଅଛି ବୋଲି କହିବ ।

ପୂଜା ପାଉଥିବା ପ୍ରତିମା ଗୁଡ଼ିକ
ନିର୍ଦ୍ଦୟ ସ୍ୱଭାବର—
ହେବେ ଯଦି ତୁମ୍ଭ ପରି,
ମତେ କୁହ ଦେଖି
ଯେତେ ଦୟନୀୟ ଭକ୍ତ ପୂଜାରୀ ଦଳ
ସେମାନେ ତାଙ୍କର
ଦୁଃଖ କପରି ପାରିବେ ସହ୍ୟ କରି ।

ନିଜ ପ୍ରତିଛାୟା ଦର୍ପଣେ ଦେଖି
ନିଜେ ତୁମେ ରାଗି ଯାଅ,
ଯେମିତି ତୁମ୍ଭର ପ୍ରତିଦ୍ୱନ୍ଦ୍ୱୀ ସେ
ମନେ ମନେ ଭାବି ନିଅ ।

କଅଣ ହୁଅନ୍ତା, ଏ ସହରେ ଯଦି
ତୁମ୍ଭ ପରି ଜଣେ କେତେ,
ରକ୍ତ ମାଂସ ଶରୀରରେ ରହିଥାନ୍ତେ ।

୧୦୨

ହଉ ଭଲକଥା, ଈଶ୍ୱରଙ୍କୁ ସେ
ପୂଜା ନ କଲନ୍ତ ନାହିଁ,
କଅଣ ବା ହେଲା ଯଦି ହୁଏ ସିଏ
ଏକ ପ୍ରତାରଣାମୟୀ ।

କାହିଁକି ଯାଉଚ ତା'ପାଖକୁ ଅବା
ବିପନ୍ନ କରି ପ୍ରାଣ,
ସିଏ ଯଦି ତୁମ ପାଇଁ ଏକ
ଜାଲ ଫାଶ ବୋଲି ଜାଣ ।

୧୦୩

ଯାହାଙ୍କର ବାହୁ ଉପରେ ତୁମର
ଜଞ୍ଜାଳ ଯେତେ ଛିନ୍ ଭିନ୍ ହୋଇ ପଡ଼ିଚି
ନିଦ ଆଉ ରାତି, ମନର ଶାନ୍ତି
ଏଠି ତାଙ୍କ ପାଇଁ ଏକାପରି ସବୁ କିଛି ।

୧୦୪

ମୋ' ଖୋଜ ଖବର ଉଖାରି ନିଖାରି ବୁଝି ନାହିଁ,
ତୁମ୍ଭ ହାତରେ କି ନିର୍ଯ୍ୟାତନା ମୁଁ ପାଇଚି,
ମୋ' ହୃଦୟ ଭାଙ୍ଗି ଚିରିଦିଅ ନାହିଁ
ତା' ଭିତରେ ଏବେ ଅଗ୍ନି ସମାଧି ନେଇଚି ।

ତା' ପ୍ରେମରେ ମୋଟେ ଗଭୀରତା ନାହିଁ
ତଥାପି ମୋର ସେ ପ୍ରେମିକା,
ଗତିଶୀଳ ଘଟନାର କଥା ହେବା ଆସ
ସୁରାରୁ ଝରିବ କୁହୁକ ସୁରଭିମଖା ।

ବସନ୍ତ ଆସେ ନିମିଷକ ପାଇଁ
ତଥାପି ବି ସିଏ ବସନ୍ତ
ଆସ କଥା ହେବା, ଶ୍ୟାମ ବନବୀଥି
ମଳୟ ପବନ, କୋମଳ ଶୀତଳ ଶାନ୍ତ ।

୧୦୫

ମୋଅ ପାଖକୁ ସେ ଆସିବ ଆସିବ
ଲୋକଙ୍କ ମୁହଁରୁ ଖୁବ୍ ଜୋର ଶୁଣାଗଲା
ଆଉ ଏଇଛୁଣି, ଆଜି ଦିନଟିରେ

ଥିଲ ଯୋଉ କଉଫୁଲ
ସେଇଟି ବି ଝୁଲିଗଲା ।

୧୦୬

ଏଥିରେ ସେଥିରେ କାମନା ଗଭୀର
କେତେ ବ୍ୟାପୃତ ରହିଛି,
ଯେପରି କି ସତେ, ଏବେ ନୁହେଁ
ଅବା କେବେ ନୁହେଁ,
ମୃତ୍ୟୁ ନ ଥିଲେ, ଆମ ଜୀବନରେ
ମମତା ନଥାନ୍ତା କିଛି ।

୧୦୭

ଚନ୍ଦ୍ରାରୁ ଝାଲ, ମୁଁ ଚାହୁଁଚି ସେଇ
ମୁକ୍ତି କେମିତି ପାଇବି,
ମୋର ପ୍ରେମିକାର ଭାବନା ଭିତରେ
ନିଜକୁ ହଜାଇ ପାରିବି ।

୧୦୮

କପଟତା ଭରା ଆଶା ବା ଧୈର୍ଯ୍ୟ
ପ୍ରତିଶ୍ରୁତିହୀନ ଦୃଷ୍ଟି ନୁହେଁ,
ସିଧା ସଳଖରେ ଅନାଅ ମୋ ଆଡେ
ଆଗପଛ ହେବା ଦ୍ୱିଧାରେ ନୁହେଁ ।

୧୦୯

ଦୃଷ୍ଟିରୁ ନେଇ ହୃଦୟ ଯାଏଁ ମୁଁ
ଦୀପ୍ତିର ଭରା ଗୌରବ,
ପ୍ରେମିକ ପ୍ରେମିକା ମିଳନ ହେଉଛି
ଆଲୋକର ମଧୁ ଉତ୍ସବ ।

୧୧୦

ନିସ୍ପୃହା ବିଦୁଷୀ
ଚେତନ ଚେତନହରା,

ଲବଣ୍ୟର ସେ ମୁଦ୍ରିତ ଆଖି
ମୋ ପାଇଁ ହଜାଣେ ଭରା ।

୧୧୧

କେବଳ ଉଷ୍ମ ଗୃହାଣିଟିଏ,
ତରଳି ଯିବ ମୁଁ ଜାଆଁରେ ଯେପରି
'ମହମ' ମିଳେଇ ଯାଏ ।
ସେମାନଙ୍କ ପାଇଁ ସୌନ୍ଦର୍ଯ୍ୟର
ସାଜହେବା ନାହିଁ ଲୋଡ଼ା,
ଯୋଉମାନେ ତା'ର ପ୍ରେମରେ ଆତ୍ମହରା ।
ସୌନ୍ଦର୍ଯ୍ୟର ରାଜ୍ୟ ପରି
ସେ ବୁଲିବା କି ଖୁସି ଲାଗେ,
ତା' ଆଖି ମାଧୁର୍ଯ୍ୟ ପାଇଁ ସୁରା ଯଦି
ନାଇଁ ପଡ଼େ ଅନୁରାଗେ,
ସମର୍ପି ଦେବ ଯେତେ ମଧୁଶାଳା
ଅଛି ଏଠି ଆଖପାଖେ ।

୧୧୨

ଅତି ଦୁଃସହ ବ୍ୟଥାରେ ଯେବେ ମୋ'
ହୃଦୟ ତରଳି ଯାଉଛି,
ମତେ ହାଣିବାର ମତଲବ ରଖି
ଅହଙ୍କୃତ ଲବଣ୍ୟରେ ସେ ଅଛି ।
'ଅସି' ତା'ର ତତ୍ପର,
ଦୃଷ୍ଟି, ଆହୁରି ତୀକ୍ଷ୍ଣ,
ଆହୁରି ତୀବ୍ରତର ।

୧୧୩

ଲବଣ୍ୟ ବେଶୀ ମହିମାନ୍ୱିତ
ଯେବେ ଅବୃତ ଉଦାସୀନତାରେ,
ଯେପରି ବ୍ୟଥିତ କଜଳ ନୟନ
ଅତି ଦରଦରେ ଭରା
ମୁଦ୍ରିତ ହେଲା ବେଳେ ।

୧୧୪

ଉଦାରତାର ବିନମ୍ର ନିରୋଧ
ସ୍ନେହର ପୃଥିବୀ ଉପରେ ଆଘାତ ହାଣେ,
କଥାର ପୁଚ୍ଛ ଠାଣିରୁ କପଟ
ମିଶ୍ରିତ କୋହ ହଠାତ୍ ଲମ୍ଫ ଦିଏ
ତାହା ମୁଁ ଠିକ୍ ଜାଣେ ।

୧୧୫

ମୋ' ପ୍ରତି ଯୋଉ ନିର୍ମମତାର
ପନ୍ଥା ସେ ବାଛି ନେଇଛି
        ସେଥିରେ ମୁଁ ବିମୋହିତ,
ଏ କଥା ନୁହେଁ ମୁଁ ମିଛ ପ୍ରଲୋଭନ
ଦେଖାଇବା ଜାଣେ ନାହିଁ,
        ଅନୁରକ୍ତିର ନାନାନ୍ ଶପଥ.........
ଯେତେ ଯାହା କରିଯାଏ,
ଶେଷରେ କେବଳ ଭାଙ୍ଗି ଦେବା ସାର ହୁଏ ।

୧୧୬

ଯୋଉ ବନ୍ଦୀକୁ ନେଇଯିବ ସିଏ
ତାକୁ ଅପେକ୍ଷା କରି ରହିବାକୁ ହେବ,
ଏପରି ଦୃଷ୍ଟି ହାଣିବାକୁ ହେବ,
କଲିଜା ଭିତରେ ପଶିଯିଏ ଭୁଷି ଦେବ ।

ଆବେଗକୁ ହେୟ କରିବାକି ବାଟ
        ହେବ ଖୋଜି ନେବା ପାଇଁ,
'ସତୀ' ଆଖିରେ ହି କିଛି ମହତ୍
        ଉଦ୍ଦେଶ୍ୟ ଅଛି ରହି ।

୧୧୭

ଯେତେବେଳେ ଖାଲି ନୀରବତା ହିଁ
        ମୋ' ହୃଦ ବ୍ୟଥାକୁ ଖୋଲି କହିଦେଇପାରେ

ଆଘାତରେ ମତେ ନିର୍ବାକ କରି
ସେ ପୁଣି ମୋଅଠୁ ରସାଳାପ ଆଶା କରେ ।
ମୋଅ ପ୍ରେମିକାର ଆକୃତି ଯେବେ,
ଅନାୟାସେ ତା'ର ଲାବଣ୍ୟ ମେଲି ଦେଲା,
ରାତ୍ରି ତିମିର ପରି ତା' ଚିକୁର
ଚନ୍ଦ୍ରକୁ ଢାଙ୍କି ଥିଲା ।

୧୧୮

ପଦିଏ କଥା, ଟିକିଏ ହସ
ଭଲ ଧାଅ ବୋଲି ଇଶାରା ଟିକେ
ଆଶା ଦୀପ ଦେବ ଜାଳି,
ମୁଁ ହେବ ଗୋଟିଏ ଆଲୋକ ଦୀପ୍ତ
ଖୁସିର ସହର ପରି ।

୧୧୯

ତା'ର ନିବେଦନ, ତା'ର ଦୟା, ତା'ର ସ୍ନେହ
ମୋ' ଖୋଜ ଖବର ନେବା ପାଇଁ ତା'ର ଆଗ୍ରହ
ଏଯାଏଁ ସେ ସବୁ କିଛି କୁହା ହୋଇ ନାହିଁ,
ସେମିତି ଭାଷା ବା କାହିଁ……
ମୋ ହୃଦୟର ଧନ୍ୟବାଦକୁ
ବ୍ୟକ୍ତ କରିବା ପାଇଁ ?

୧୨୦

ଯୋଉ ଯନ୍ତ୍ରଣା ଅନୁଭବ କରେ
ବର୍ଣ୍ଣନା କରି କହିବାକୁ ସବୁ
ତା' ପାଖକୁ ମୁଁ ଯାଉଚି,
ହଁ, ମୁଁ ଯାଉଚି, ତଥାପି କିପରି
କଅଣ କହିବ,
ସେଇଆ ବସି ମୁଁ ଭାବୁଚି ।

୧୨୧

ଏଇ ପ୍ରେମ ଅଭିଶାପଟିକ ଥିଲା ଯଥେଷ୍ଟ
ଯେ କୌଣସି ଲୋକର ଭାଗ୍ୟ

କରିଦେବା ପାଇଁ ନଷ୍ଟ !
ତୁମକୁ ବନ୍ଧୁ ଭାବରେ ପାଇଛି ଯିଏ,
ଭାଗ୍ୟ ତାହାର ଶତ୍ରୁ ହେବାଟା
ଆଦୌ ଉଚିତ୍ ନୁହେଁ ।

୧୨୨

ମୋ ହୃଦୟ ତାକୁ ପୂରା ସମର୍ପି ଦେଇଛି
ବେଦନ ଭରା ଏ ସଙ୍ଗୀତ କୋଉ ପାଇଁ,
ମୁହଁରେ ଏ ଜିଭ ରହିବା ଉଚିତ ନୁହେଁ
ଛାତି ତଳେ ଯଦି ହୃଦୟଟି ଆଉ ନାହିଁ ।
ସ୍ୱଭାବ ତାଆର ବଦଳିବ ନାହିଁ
ମୋଅ ରାସ୍ତା ବା ମୁଁ ବଦଳାଇବି କିଆଁ
ଅତି ବୋକାଟିଏ ପରି ମୁଁ ପଚାରିବି କି
ମୋ' ଉପରେ ସେ କାହିଁକି ରାଗରେ କିଆଁ ?

୧୨୩

ଯେହେତୁ ମୁଁ ଆଉ ନାହିଁ
ରସିକତାର ଦାବୀରେ ଏଣିକି
'ଶୋଭା' ବିରକ୍ତ ନୁହେଁ,
ପ୍ରେମିକାମାନଙ୍କୁ ଯନ୍ତ୍ରଣା ଦାହ
ଦେଇଥିଲେ ଯେଉଁମାନେ
ଏଣିକି ସେମାନେ ବିଶ୍ରାମ ନେଲେ ହୁଏ ।
ଏବେ ଆଉ କେହି ପ୍ରେମିକ ଭୂମିକା
ନେବାଲାଗି ନୁହେଁ ଯୋଗ୍ୟ,
ଦସ୍ତା ଆଉ ମୋହ ହରାଇ ବସିଛି
ଉଚ୍ଚ ରହିବା ଭାଗ୍ୟ ।
ଲିଭିଥିବା ଏକ ପ୍ରଦୀପ ଶିଖାରୁ
ଉଠିବ ଧୂମଳ ଧୂଆଁ,
ପ୍ରେମର ଲେହିତ ନିଆଁ ।
ମୋ' ଲାଗି ଯେପରି
ଶୋକ ପାଳନ ସେ କରୁଛି,

କାଳିଆ ପୋଷାକ ପିନ୍ଧିଛି ।
ସାକ୍ଷୀ ପଚାରୁଛି......
ଘରପାଖେ ଚାହିଁ, ପୁଣି ପଚାରୁଛି,
ପ୍ରେମର ସୁରାକୁ ଢକ ଢକ ପିଇବାକୁ
କିଏ ହିମ୍ମତ କରୁଛି ?
ପ୍ରେମର ଆଜି ଏ ନିଃସଙ୍ଗତା
ଅତି ଶୋଚନୀୟ କଥା,
ଭାବି, ହେଉଛି ମୁଁ ଦୁଖି,
କାହାର ହୃଦୟ ଲୁହର ବନ୍ୟା
ଏଇନା ପାରିବ ରଖି ।

୧୨୪

ବିଚ୍ଛେଦର ସେ ଦୁଃଖ
ଆଉ, ମିଳନର ସେଇ ସୁଖ
ସେଇ ରାତି, ସେଇ ଦିନ
ଆଉ, ସେଇ ମାସ ସେଇ ବର୍ଷ
ସବୁ ଇ ଗଲାଣି ଚାଲି,
ତୃପ୍ତି କର ସେ ପ୍ରଣୟର କାରବାର
କିଏ ଏବେ ଆଉ କରୁଛି ଖାତିର
ସୌନ୍ଦର୍ଯ୍ୟ ପାଇଁ ଲାଳସା କାହାକୁ
ରଖେ କ୍ରୀତଦାସ କରି ?
ମୋ ହୃଦ’ ସେଇଆ ନୁହେଁ
ଆଉ, ମୋ’ ମନ ବି ନୁହଇ ଜମା,
ଦେଖିବା ଛାଡ଼ିଛି ସୌନ୍ଦର୍ଯ୍ୟର
ସରଜମିନ ବା ଲୋଭର ଉନ୍ମାଦନା ।
ଏକ କଳ୍ପିତ ଆକୃତିର ସେ ଭାବନା ଯା’ ଥିଲା
ତା’ର ଦୟା ଆଉ ଆକର୍ଷଣର ମୋହ,
ଦେଇଥିଲା ଯୋଉ ଆନନ୍ଦ ମତେ
ଯୁବକ ସୁଲଭ ତେଜ
ଗଲା ଏବେ ସମୁଦାୟ ।

୧୨୫

ଅଧର ତୁମର କିପରି ଗୋଟିଏ ଗୋଲାପ କଳି
ଦେଖାଇବାକୁ ତା' ଏତେ ଦୂରେ ଛୁଟା ହୁଅନା,
ଏକ ଚୁମ୍ବନ ଚାହେଁ, ତୁମ ଓଠ ଦିଅ
ଦେଖାଇ ଦେବ ମୁଁ, କିପରି ତା' ମତେ ଜଣା ।

ବନ୍ଧୁ ଗହଣେ ତାକୁ ମୁହାଁ ମୁହିଁ ଚାହିଁ
ମୁଁ କିପରି ବସି ରହିବନି ମୂକ ପ୍ରାୟ,
ତା' ନିଜର ନୀରବତା ହିଁ ପରା,
ଏକ ସଙ୍କେତ ଦିଏ,
କିପରି ତା' କରିଯାଏ ।

ମନର ସାମ୍ୟ କେଉଁପରି ଲୋପ ହୁଏ
ପଚାରିଲ ସିଏ ଯେବେ
ବୁଦ୍ଧି ମୋର ହଜିଗଲା,
ଜଣାଇ ଦେବାକୁ କିପରି ତା' ହୁଏ
ଅଳସ ପବନ ବହିବା ଆରମ୍ଭ କଲା ।

୧୨୬

ସୁରାରେ ହିଁ ପ୍ରାଣ ଅଛି
ଯେତେ ଚଞ୍ଚଳ କାବୁ କରିଯାଏ
ପିଆଲା ଜାବୁଡ଼ି ଧରି,
ହାତ ରେଖା ଗୁଡ଼ି ସ୍ପନ୍ଦିତ ହୁଏ
ହୃଦୟର ନାଡ଼ି ପରି ।
ମାତାଲ କରିବା ସାକୀର ସ୍ୱଭାବ
ଦୋଳରେ ମୋ ଆଶା ଭଳି ।

ମାୟା ଭ୍ରାନ୍ତିର ପୃଥିବୀ ହେଉଚି
ସୁରାର କୁହୁକେ ଭରା,
ଚେଷ୍ଟା କରିବା ବୃଥା ଜଗିରଖା, ପହରା ଭିତରେ...
ଚାରିଆଡେ଼ ଦେଇ ଘେରା ।

୧୨୭

ଦୃଷ୍ଟି ସୀମା ବା ସ୍ୱର୍ଗୀୟ ଭାବ କଥା
ଯେମିତି ଇଚ୍ଛା ସେମିତି ପାରିବା କହି,
ପାନ ପାତ୍ର ବା ସୁରାର ବିଷୟ
ବାଦ୍ ଦେବା ପାଇଁ
ରାସ୍ତା ଆଦୌ ନାହିଁ ।

୧୨୮

କେତେ ବିଚିତ୍ର ଦୁଃଖ ଦାୟକ
ପିଆଲି ଭର୍ତ୍ତି ପିଇବେ ଅନ୍ୟମାନେ
ତୃଷାର୍ତ୍ତ ହୋଇ ବସି ରହିବି ମୁଁ ଏଣେ ।
ମଦ ଛୁଇଁବି ନି ଶପଥ ଯଦି ବା କଲି,
ସାକୀ କୋଉ ପାଇଁ କର୍ତ୍ତବ୍ୟ ତା'ର
କରିବାକୁ ଗଲା ଭୁଲି ?

୧୨୯

'ସୁରା' ର ମୋହିନୀ କଳ୍ପନାକୁ
ବଢ଼େଇ ଦେଇଛି
ନିଗୃହୀତର ହତାଶ ବଧୂର ପ୍ରାଣ,
ଲହରୀ ଦିଶୁଛି ସତେ ବା ଯେମିତି
ସମୁଦ୍ର ତୀର, ମରୁଆଲି ପ୍ରସାରଣ ।

୧୩୦

ପବନରେ ଅଛି ସୁରା,
ନିଶ୍ୱାସ ନେବା……
ପିଇବା କଣ୍ଠଭରା ।

୧୩୧

ଅନ୍ତତଃ ଥରେ ଜୀବନରେ ମୋର
ମୁଁ ନିଶ୍ଚୟ ଚାହେଁ, ପ୍ରେମ୍ ଅନୁରାଗ ରହିବ

ମତେ ପିଇବାକୁ ଏମିତି ପାନୀୟ ଦିଅ
ଜଣେ ସମ୍ପୂର୍ଣ୍ଣ ମଣିଷ ସମ୍ଭାଳି ପାରିବ ।

୧୩୨

କେତେଜଣଙ୍କର ପିପାସା କମ୍
କେତେଜଣ କେବେ ବେଶୀ ପିଇ ପାରିବେନି,
ତୁମେ ଯଦି ଏକ ଝଡ଼ ହଉଲ, ........
ସୁରର ସାଗର ହୁଅ,
ମୁଁ ହେବି ଏକ ତନ୍ଦ୍ରାଳୁ ତଟଭୂମି ।
ନିଜେ ପ୍ରସାରିତ ହୁଏ,
ବେଶୀ ଆଉ ବେଶୀ ରହେଁ ।

ଶୋଷର ଜ୍ୱାଳାରେ ମଲେ ଯୋଉମାନେ
ତାଙ୍କର ଶୁଖିଲା ଓଠ
ଭଗ୍ନ ହୃଦୟ ଯାତ୍ରୀର ଲାଗି
ମୁଁ ଏକ ପୁଣ୍ୟ ପୀଠ ।

ନିଜର ଚିଆର ବେଦନାର ଭାବ ମୂର୍ତ୍ତିର ରୂପ ଗ୍ରହଣ
ଦେଖେ ଆଉ କେତେ ହସେ.
ହୃଦୟକୁ ଅବା ଖୋଲି ଦେବା ପାଇଁ
ହୁଏତ ବା ସତେ ଗୋଟିଏ ବାହ୍ନା ସେ ।

ଅନ୍ୟଦିଗକୁ ଯିବ ଠିଆ ହେଲେ
ଅପରିଚିତ ସେ ଜଣେ,
ଆଉଥରେ ପୁଣି ଡାକରା ପାଇବେ,
ଆଶା ରଖିଥିଲେ ମନେ ।

ମୁଁ ସେଇ ଭାଷା
ବକା ଯାହାକୁ କରିବା ଦୁରାଶା
ଦୁଃଖରେ ଯେତେ ଭାଙ୍ଗି ପଡ଼ନ୍ତି
ସେମାନଙ୍କ ଅଭିମାନ
ମୁଁ ଏକ ଭଗ୍ନପ୍ରାଣର ନିକ୍ୱଣ,
ଝଲମଲ ଦର୍ପଣ ।

## ।। ୯୭ ।।

ପ୍ରେମିକାର ମିଠା କଥାରେ ହୃଦୟ
ପ୍ରଲୋଭିତ ଆଉ ପ୍ରସାରିତ ହେଲାପରି,
ଯେତେ ସନ୍ଦେହ ଯେତେ ହତାଶାରେ
ମୋ' ବୁକୁ ରହିଚି ଭରି ।

କିଛି ମୁଁ ଖାତିର କରୁନାହିଁ ବୋଲି
ବାହାରକୁ ଦିଶିଲେ ବି
ଭିତରେ ତଥାପି ମନସ୍ତାପର ଜ୍ୱାଲା,
ଶରତ ଋତୁରେ ନିସ୍ତେଜ ପଡ଼ିଥିବା
ଝାଉଁଳା ଫୁଲର କରୁଣ ହସ ମୁଁ ପରି !

୧।୩।୩

ଶୃଙ୍ଖଳ ମୋର ଛିନ୍ନ କରିବି ଚାହେଁ
ହେଲେ ପୁଣି ଭୟ ହୁଏ,
ପାଗଳାମି ମୋର ଲଜ୍ଜା ବଢାଇ ଦେବ,
ବରଂ ବିବେକ, ମୋ' ପଥଚାଳକ ହୋଉ
ଟିକେ ସନ୍ତୋଗ ପଥରେ ହୁଏତ
ସାନ୍ତ୍ୱନା କିଛି ହେବ ।

ପୃଥିବୀ ଆଡ଼କୁ ଚାହିଁ ଦେଖେ ଯଦି
ସବୁ ଅନିଷ୍ଟ ପାଇଁ
ଭାଗ୍ୟ ହିଁ ଦାୟୀ
ସାଧାରଣଙ୍କର ଏ ବିଶ୍ୱାସ ଯେତିତ ଦୋଷଦିଏ ନିନ୍ଦି ।

ସ୍ୱାର୍ଥ ଜଡିତ ଘଟଣା ସହିତ ସାବଧାନ ହୋଇ
ନିର୍ଲିପ୍ତ ହୋଇ ରହିବା ପାଇଁ
ମୁଁ ଭାବୁଚି ଖୁବ୍ ଭଲ,
ତଥାପି ମୁଁ ମୋର,
ହୃଦୟକୁ କେଭେ ଜଡ ବା ଶିଥିଳ କରିବି ନାହିଁ ।
ବରଂ ଆତୁର,
ଜୀବନର ଯେତେ ଦୁଃଖ ବିଫଳ
ଭାବ ମୂର୍ତ୍ତିର ଚାଇ
ଯିବି ନିକ୍ଷେପ କରି ।

|| ୯୮ ||

ହେ ଈଶ୍ୱର ! ମୋ' ବୁଦ୍ଧି ଯାହା ମତେ କୁହେ,
ମନରୁ ହୃଦୟ ଯାଏଁ ···
ମୁଁ ଯେପରି ଏକ ବିଷାଦର ଅବତାର ।
ବରଂ ପୃଥିବୀ ମୋର,
    ସ୍ୱପ୍ନ ସାଗର ହେଉ,
    ଗଣିବି ତା ଢେଉ
ଉପକୂଳେ ତା'ର ଛିଡ଼ା ରହିବି ମୁଁ
    ସୀମାହୀନ ବିସ୍ମୟେ ।

ଅଭାବର ପୀଡ଼ାଦାୟକ ରେଖାକୁ
    ଦେବାପାଇଁ ଘଷି ପୋଛି
ଭୀଷଣ ଦୁଃଖି ଭିଖାରୀର ହାତ
    ପ୍ରସାରିତ ହୋଇଅଛି ।
ନିପଟ ନଗ୍ନତାରେ,
ସ୍ୱପ୍ନ ଦେଖୁଚି ଫଟା କମ୍ବଳ ଶୋଇ ରହି ଯା' ଉପରେ
ବାଉଳତାର ନରମ କ୍ରୋଧକୁ
    ବିତୃଷ୍ଣ କରିପାରେ ।

ଭାଗ୍ୟ ଯାଦୁର ଅଳୀକ ବସ୍ତୁ
ଉଚ୍ଚ ଆଶାର ନକ୍ଷତ୍ର ପରି ଜଳେ
    ପୁଣି ଉଭେଇ ଯାଏ,
ଲଜ୍ଜିତ ମୁଖା, ବିସ୍ମୟ ଆଉ
ସବୁ ଅନୁଶୋଚନାକୁ,
    ମଛେ ତା'ର ଗୁଡ଼ି ଯାଏ ।

ସ୍ଥିତିହୀନତାର ଶାନ୍ତ ଶୂନ୍ୟଲୋକେ
ମନ ଉଡ଼ିବାକୁ ଚାହିଁଲେ
ଭଙ୍ଗା ଡେଣା ଯଦି ଆମକୁ ଦେଉଚି ବାଧା
ପାଗଳାମି ଏକ ନିରୁତା ଆସ୍ଫାଳନ,
    ସମର୍ପଣ ବି ବୃଥା ।

ଲୋକେ ସ୍ୱଭାବତଃ ଅପରିଚିତ
ଏକାଠି ହୁଅନ୍ତି, ମିଶନ୍ତି

ଆଉ ହୃଅନ୍ତ ବ ଛଡ଼ାଛଡ଼ି
ତରଙ୍ଗ ପର
ଚରି ବୁଲୁଥିବା ମୃଗ ଯୂଥ ଭଳି...
ବନ୍ଧନ ହୁଏ
ପୁଣି ଭଙ୍ଗି ଯାଏ ।
ଦୁର୍ଗତ ସେଇମାନେ
ଯିଏ ବାଜଡ଼ିତ ପ୍ରେମର ବନ୍ଧନେ ।

ପକ୍ଷୀଟିଏ ମୁଁ
ଉଡିବାର ବଳବତୀ ଇଚ୍ଛାରେ ଉତ୍ତେଜିତ ।

ହେଲେ ପୃଥିବୀଟା ଗ୍ରେଟ
ମୋଅ ପାଇଁ ଏକ ବନ୍ଦୀଶାଳାର କୋଠରୀ,
ମୁକ୍ତି ଆଶାରେ ଖୋଲା ହାଓ୍ୱା ପାଇଁ
ମୃତ୍ୟୁ ଲେଡ ବ ପ୍ରାଣର ରକ୍ତ ଢ଼ାଳି ।
ପଞ୍ଜରିର ପଥର ମାଡରେ
ଶିର ମୋ' ଆହତ ହେଇଚ,
ମଣିଷର କୋଉ ଇଜ୍ଜତ ଏଠି ଅଛି ?
ଘଟନା ଗ୍ରୂପରେ ଏବେ ସେ ରୁଧିର ସ୍ନାତ,
ବିଷାଦରେ ଭାରାକ୍ରାନ୍ତ ।

ମୁଁ ହୃଏତ ଏକ କାମନାର ଉଦ୍ୟାନ
ସୌନ୍ଦର୍ଯ୍ୟର ଦୃଷ୍ଟି ତୋଳୁଚ
ଯେପରି ତୋଳେ ମୁଁ, କୁସୁମ ।
ମୁଇଁ ଏକ ବୁଲ୍ ବୁଲ୍
ଚିତ୍ତ ସହସ୍ର ସଙ୍ଗୀତେ ଭରପୂର ।
ହାୟ୍ ! ମୋ'ରସନା ବନ୍ଧା,
ଭାଷଣ ଦେବାର କଡା ଆଇନରେ ଛନ୍ଦା ।

୧୩୪

ଶିକୁଳି କେବଳ ଝମଝମ ହୋଇପାରେ
ତୃପ୍ତିରେ ତେଣୁ ରୁହ,
ତୁମ ଉପାଦାନ, ତୁମରି ପୁରସ୍କାର
ତୁମର ବିଳାପ କୋହ ।

୧୩୫

ପ୍ରେମରୁ କେବଳ ଲଭ ମୁଁ ପାଇଲି
ଆଶାର ସତ୍ୟାନାଶ,
ହୃଦୟ ସହିତ ହୃଦୟର ଯୋଗ
ଓଠ ପରେ ଓଠ, ଅକୁହା ଦୀର୍ଘ ଶ୍ୱାସ ।

ଆହତ ପାଦରେ ଚାଲିବା ଯେପରି
ମୋ' ଗ୍ରନ୍ଥ ଉପରେ ମୁହିଁ ନିଜେ ମାଡି ଚାଲେ
ବ୍ୟଥା ସହିବାର ଅଭ୍ୟାସ ଥିଲାବେଳେ
ଭୟ କ'ଣ ମୋର......
ଅଧିକ କଷ୍ଟ, ଥାଏ ଯଦି ପଥପରେ ।

୧୩୬

'ଆସାଦ୍' ମୃତ୍ୟୁ ଶିକାର ହେଇ
ହଜାର ବାଟେ ଦଗ୍ଧ ହେଲା
ଯୋଉ ପତଙ୍ଗ ଛଆଣ ହେଲା
ଗୌରବର ଅଗ୍ନି ପାଇଁ,
ପୃଥିବୀରେ ସେ ମହିମା ତା'ର ପ୍ରକଟ କଲା !

୧୩୭

ଚକ୍ଷୁ ଗୋଟିଏ କାଚଗର ପରି
ଜିନିଷ ବନାଏ ଯାହା,
କୋଉଠି ହେଲେ ବି ଥିଲାପରି କେବେ
ସମ୍ଭବ ନୁହେଁ ତାହା ।
ମଣିଷ ଭିତ୍ତିଥିଲେ କି'ନଥିଲେ
ପୃଥିବୀକୁ ଚାହଁ ଯୁ'ଆଡେ
ଏକ ଅନାବାଦୀ ଭୂଇଁ ପରି ଏଠି
ଉନ୍ନତି ନାହିଁ, ଜୀବନରେ କେବେହେଲେ ।

୧୩୮

ଜ୍ଞାନ ଶୂନ୍ୟତା
ବିଶ୍ରାମ ଆଉ ମନର ଶାନ୍ତି ଦିଏ,

ବରଂ ଭଲ ତାଆର କୋଳରେ
ସ୍ୱପ୍ନ ନ ଦେଖି ଶୋଇ ପଡ଼ିବାରେ
ଦୁନିଆଁ ଯାକର ଭାବନା ଯେତେକ
ଦୁଃସ୍ୱପ୍ନ ଆଣିଥାଏ ।

୧୩୯

ସକଳ ଚକ୍ଷୁ ଅଳୀକ କାମନା ପ୍ରକାଶ କରେ
ପୃଥିବୀ ଗୋଟାଏ ସୁଖ ସମ୍ପଦଭରା ସନ୍ତପ୍ତ ପଣ,
ସ୍ୱର୍ଗ ମର୍ତ୍ତ୍ୟ ପଂନ୍ତ୍ରିଶ ଭିତରେ ଅଟ୍ଟହାସର ଧ୍ୱନି
ବାସ୍ତବିକ, କମ୍ପୃତ କମାକାର,
ସତ୍ତା ନିଜକୁ ବିକି ଦିଏ ଯେଉଁଭଳି ।
ମୁଁ ଏକ ବଜାର, ଯେଉଁଠି ହୃଦୟ
ନିଜ ମୂଲ୍ୟଠୁ ଯେତେଥର ପାଏ ହ୍ରାସ,
ଉଠାଏ ସେ ଏକ ନିର୍ଦ୍ଦୟ ଉପହାସ ।

୧୪୦

ହାତକଡ଼ା ପିନ୍ଧି ପଡ଼ିଚୁ ତ ଆମେ
ଜୀବନର ଗୁହା ତଳେ,
ଧୂସର କଠିନ ପାଷାଣ ନାଡ଼ିରେ
ଅଗ୍ନି ଝୁଲର, ସ୍ୱାଧୀନତାର ବା
ମୂଲ୍ୟ କି ଥାଇପାରେ ।

୧୪୧

ପ୍ରଭାତ ଆଗମେ ମହମବତୀର
ସ୍ତିମିତ ଆଲୋକ ସମ
ନିଜ ଜୀବନକୁ ସଦୁପଯୋଗ ମୁଁ
ନିଜେଇ ନକର ପାର
ଅନୁଶୋଚନାର କମ୍ପିତ ଶିହରଣ ।

ନୈରାଶ୍ୟ ହି ସୁରା......
ସାକୀ ଯାହା ଦିଏ ମୁଁଭି ତାଆ ପାଇଁ,
ପରବାଏ କରେ ନାହିଁ ।

ଯେତେ ସବୁ ମଉଆଲି……
ନଦୀ ସିନା ପାର ହୋଇଯିବେ,

୧୪୨

ହେଲେ ସେମାନଙ୍କ ଶୋଷ କମିବନି କେବେ ।
ପ୍ରେମ ଯୋଉଭଳି ଧ୍ୱଂସ ଆଣିଚ,
ମୁଁ, ଲଜ୍ଜିତ ସେଥିପାଇଁ
ମୋଅ ଘରେ ଏବେ ବାକି ଆଉ କିଛି ନାହିଁ
କେବଳ ନିଜର ଘରଟିଏ ଲାଗି
ବିକଳେ ରହିଚ ଗୁହିଁ ।

୧୪୩

ମୋ' ଘରକୁ ଧୋଇ ସଫା କରିବାକୁ
ମୋ ଲୁହ ଗୁହୁଁଚ ଏତେ,
ଶୂନ୍ୟତା ଖାଲି ଟୋପା ଟୋପା ଝରେ
ଦୁଆର ମୁହଁରୁ, କାନ୍ଥ ଦେହରୁ ସତେ ।

୧୪୪

କଳଙ୍କିତ ଥିଲି ସୃଷ୍ଟି ସାଥିରେ ମୋର
ଅବକ୍ଷୟର ସ୍ରୋତ,
କୃଷକର ତାଜା ଗରମ ରକ୍ତ ପୂର୍ବ ସୂଚନା ଦିଏ,
ସଞ୍ଚିତ ତା'ର ଶସ୍ୟକଣାକୁ ଯିଏ…
ଅଗ୍ନିରେ ଜାଳି ପୋଡ଼ି କରେ ଖଣ୍ଡ୍‌ଖଣ୍ଡ ।

୧୪୫

ବାସ୍ତବିକ,
କେତେ ଛାରଖାର ହୋଇଯିବନି ଏ ଧରଣୀ,
ମୋଅ ଘରକଥା
ସ୍ମରଣ କରାଏ ନିର୍ଜନ ବନଭୂମି ।

୧୪୬

ବଞ୍ଚିବା ପାଇଁ ଅତୃପ୍ତ ଆଶା
ଲିଭି ଯାଇଥିବା ସଳିତାଟି ପରି;

ହୃଦୟକୁ ମୋର କରଚ ବହିଷ୍କୃତ,
ବିଦାୟ ନେଉଚ ମୁଁ
ଏଠି ରହିବାକୁ ନୁହେଁ ଆଉ ଭଲେ ଯୋଗ୍ୟ ।

୧୪୭

ପ୍ରେମିକା ସାଥିରେ ମିଳନ ପାଇଁ ମୋ'
ହୃଦୟେ ମମତା ନାହିଁ,
ଏପରିକି ତା'ର ସ୍ମୃତି ବି ମଉଳି ଯାଇଚି,
ଏପରି କାହିଁରେ ଯୋଡି ଦିବା ଘରଟିଏ ମୁଁ
ଯେତେ ଯାହା କିଛି ସବୁଇ ପାଉଁଶ ହେଇଚି ।

୧୪୮

ହତାଶା ମୋ' ପରେ ପକାଇଚି ଏକ
ମୃତ୍ୟୁର ମୋହ ଛାଇ,
ନିଜ ଇଚ୍ଛାର ପ୍ରତିଦ୍ୱନ୍ଦୀ ମୁଁ
ପ୍ରେମକୁ ଦେଖିବା ପାଇଁ ।

ତୁମର ଅସୀମ ମହିମା ବ୍ୟତୀତ
ଏ ପୃଥିବୀ କିଛି ନୁହେଁ,
ଆମେ ବଞ୍ଚିଚୁ, ସୌନ୍ଦର୍ଯ୍ୟଯେଣୁ
ନିଜକୁ ନିଜେ ହିଁ ଦେଖି ଆନନ୍ଦ ପାଏ ।
ଜୀବନର ଯେତେ ଦୃଶ୍ୟ ଆମକୁ
ଏଠି ଦେଇ ଦେଖିବାକୁ
ଉପଭୋଗ ଅବା ଶିକ୍ଷା କରିବା ପାଇଁ
କିଛି ନଦେବାଟା,
ସତେ କି ହୃଦୟହୀନତା !
ଦେହ ଓ ପ୍ରାଣର ଅସ୍ତିତ୍ୱ ଯେବେ ରହେ ନା,
ବିଷୟବସ୍ତୁ' ପାଇଁ ବ୍ୟାକୁଳତା
ସେ କି ମାନସିକ ବେଦନା ।
ଉଚ୍ଚ ବା ନୀଚ ହେଉ
ଝଙ୍କାର ଯେତେ 'ଜୀବନ' ବା 'ମରଣ'ର
କେଚ୍ କେଚ୍ କରି ବୋବାଳି ଛାଡିବା
ପେଚାର ଅଶୁଭ ସ୍ୱର ।

ଶାନ୍ତ ଅଥବା ପାଗଳ,
ଉଭୟର କିଛି ଭେଦାଭେଦ ଏଠି ନାହିଁ,
ସବୁ କିଛି ଜାଣୁ, କହିବା ନବୋଧତା·
ପ୍ରାର୍ଥନା ଆଉ ଉପବାସ ବୃଥା ପାଇଁ ।
ବସ୍ତୁସ୍ୱ ଭରା ପିଆଲର ପ୍ରତାରଣା
ଆମ' ପୃଥିବୀରେ,
ଆମ' ପୃଥିବୀର ଏ ପାରେ ଓ ପରପାରେ ।

Indian Institute of ... Advance...
117756
20/12/04

ଉର୍ଦ୍ଦୁ କବିମାନଙ୍କ ମଧ୍ୟରେ ସର୍ବାପେକ୍ଷା ଶକ୍ତିଶାଳୀ କବି ଭାବରେ ଗାଲିବଙ୍କ ନାମ ଉଚ୍ଚାରିତ ହୁଏ । ଭାରତ ଓ ଭାରତ ବାହାରେ ଅଣ-ଉର୍ଦ୍ଦୁଭାଷୀ ପାଠକମାନେ ତାଙ୍କର କୃତି ସହିତ ପରିଚିତ ହେବା ଏକାନ୍ତ ଆବଶ୍ୟକ ।

ଗାଲିବ ଏକ ପ୍ରଚଳିତ କାବ୍ୟ ପରମ୍ପରାର ଅନୁସରଣ କରି ନିଜର କଳ୍ପନା ଓ ଅଭିଜ୍ଞତା ସାହାଯ୍ୟରେ ତାହାର ସମୃଦ୍ଧି ସାଧନ କରିଥିଲେ । ତାଙ୍କର ଆଦ୍ୟ ସୃଷ୍ଟି ସମ୍ଭାରରେ ଅଭିବ୍ୟକ୍ତି ପ୍ରକାଶରେ ନିପୁଣତାର ପ୍ରମାଣ ମିଳିଥିଲେହେଁ ଉର୍ଦ୍ଦୁ ଓ ପାର୍ଶୀ ବାଗ୍‌ଧାରାକୁ ସେ ଉପେକ୍ଷା କରି ଯାଇଥିଲେ । ପରେ ସେ ପାର୍ଶୀ ଭାଷାରେ ଲେଖନୀ ଚାଳନା କରିଥିଲେ ଏବଂ ପରିଶେଷରେ ଉର୍ଦ୍ଦୁ ଭାଷାକୁହିଁ ଗ୍ରହଣ କରିଥିଲେ । ତାଙ୍କର ପରିଣତ ବୟସର ଲେଖାଗୁଡ଼ିକ ବିପୁଳ ଜନପ୍ରିୟତା ଅର୍ଜନ କରିଥିଲା, ପରବର୍ତ୍ତୀ ବଂଶଧରମାନେ ବି ... ପ୍ରକାଶଭଙ୍ଗୀରେ ଅଭିଭୂତ ହୁଅନ୍ତି ।

ଅଧ୍ୟାପକ ଏମ୍. ମୁଜିବ କେ ... ଙ୍କ ସମକାଲୀନ ଚିତ୍ର ଓ ତାଙ୍କ ଅନୁସୃତ କାବ୍ୟ ପରମ୍ପରା ସମ୍ବନ୍ଧରେ ବିଶଦ୍ ... ଣୀ ଦେବାକୁ ସେ ସମର୍ଥ ହୋଇଛନ୍ତି । ଅନୁବାଦକ ଭାବରେ ସେ ଅଭିଜ୍ଞ । ୧୯୩୦ ମସିହା ବେଳକୁ ଉର୍ଦ୍ଦୁ ଭାଷାରେ ରଚିତ ତାଙ୍କର ରୁଷୀୟ ସାହିତ୍ୟର ଇତିହାସ ଗ୍ରନ୍ଥଟିକୁ ମୁଖ୍ୟତଃ ରୁଷ ଭାଷାର ଅନୁବାଦ କହିଲେ ଚଳେ । ତାଙ୍କର 'ଭାରତୀୟ ମୁସଲମାନ' ପୁସ୍ତକରେ ଗାଲିବଙ୍କ ସମେତ ବହୁ କବିଙ୍କ କବିତାର ଅନୁବାଦ ସ୍ଥାନ ପାଇଛି ।

Library IIAS, Shimla
OR 819.4 M 896 G
00117756